R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮
ତିଥି : ଦ୍ୱିତୀୟା
୨୩ ଅକ୍ଟୋବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

23 October 2025, Thursday

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

HI-TECH MEDICAL COLLEGE & HOSPITAL ®

PM-JAY

## Grateful to our Hon'ble Prime Minister and Chief Minister for the opportunity to serve under Ayushman Bharat Yojana

## Hi-Tech Group always stands for Health Services with Dynamic Leadership



**Dr. Tirupati Panigrahi**
Chairman



**Mr. Suresh Kumar Panigrahi**
Managing Trustee



**Er. Rupesh Kumar Panigrahi**
Trustee



**Dr. Rakesh Kumar Panigrahi**
Trustee



**MS. Pushpanjali Panigrahi**
Trustee



**MS. Savitri Panigrahi**
Trustee



**Er. Madhusmita Tripathy**
Trustee



**Ms. Ankita Patra**
Trustee



**Mr. Biswaraj Panigrahi**
Trustee



**Mr. Surya Narayana Chowdary**
Trustee



**Mr. Thirupathi Chowdary**
Trustee



**Er. Ganesh Chowdary**
Trustee

### Our Growth Story so far

- 27 years of trust and care
- Doctors with exceptional success rates
- Trusted by billions of patients
- High-end technology for advanced healthcare
- A widely trusted healthcare brand
- Seamless app-based appointment system

### Our Centres of Excellence

- Cardiology & Cardiothoracic Surgery
- Orthopaedics & Joint Replacement
- Gastroenterology & Hepatology
- Neurosciences & Surgical Gastroenterology
- IVF, Mother & Child Care
- Oncology & Plastic Surgery

## HI-TECH MEDICAL COLLEGE & HOSPITAL

0674-3500 900 | www.hi-techhospital.in

## ସୋସିଆଲ କୋଟ୍ସ



"ପବ୍ଲିକ୍ ଫିଗର୍ ହୋଇଥିବାରୁ ଚେଷ୍ଟା କରେ ଫ୍ୟାନଙ୍କ ମନକୁ କେବେ ବି କଷ୍ଟ ଦେବିନି । ମୋତେ ସବୁବେଳେ ମେସେଜ୍ ଆସେ କି ମୋତେ ଏଭଳି ରିଲ୍ସ କରିବା ଶୋଭା ଦେଉନି, ଯେହେତୁ ସୀତା ଚରିତ୍ରରେ ଅଭିନୟ କରିଛି ।

**ଦିପିକା ଚିଖ୍ଲିୟା, ଅଭିନେତ୍ରୀ**



"ଏହା ମୋ କ୍ୟାରିୟରର ପ୍ରେମକୁ ନେଇ ପ୍ରଥମ ଗୁଜବ । ମୁଁ କେବେ କାହା ସହ ଡେଟିଂ କରିନି ତେଣୁ ଏଭଳି ଗୁଜବ ଶୁଣିବାକୁ ମିଳିନି । ଯାହା ହେଉ ବର୍ତ୍ତମାନ ମୁଁ ଗୁଜବ ଉଠିଛି ବୋଲି କହିପାରିବି ।

**ନୁସରତ୍ ଭରୁଚା, ଅଭିନେତ୍ରୀ**



"ମୁଁ ଭାଗ୍ୟବାନ କି ମୋତେ ଅନେକ ଭଲ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମିଳିଛନ୍ତି କାମ କରିବା ପାଇଁ । ସେମାନଙ୍କ ସହ କାମ କରି ମୁଁ ବହୁତ ଖୁସି ।

**ସଲମାନ ଖାନ, ଅଭିନେତା**

# ନୂଆ ଚାକିରିରେ ରୁହନ୍ତୁ ସ୍ମାର୍ଟ

**ଚାକିରିକୁ ନେଇ ସମସ୍ତଙ୍କର ସର୍ବଦା ଚିନ୍ତା ରହିଥାଏ । ଏହା ଯଦି ନୂଆ ହେଇଥାଏ ତେବେ ଚିନ୍ତା ବଢିଯାଇଥାଏ । ନୂଆ ଚାକିରିରେ ଚିନ୍ତା ହେବା ସ୍ୱାଭାବିକ୍, ତେବେ ଏଥିରେ କିଛି କଥାକୁ ଧ୍ୟାନରେ ରଖିଲେ ଏହି ଚିନ୍ତାରୁ ମଧ୍ୟ ମୁକ୍ତି ମିଳିପାରିବ ।**



**ବିଳମ୍ବକୁ କୁହନ୍ତୁ ନା–** ନୂଆ ଚାକିରିରେ ସର୍ବଦା ସମୟକୁ ଧ୍ୟାନ ଦିଅନ୍ତୁ । ସର୍ବଦା ଚାକିରିର ସମସ୍ତ କାର୍ଯ୍ୟରେ ସମୟରେ ପହଞ୍ଚିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କର ଘରେ କିଛି ବି ଅସୁବିଧା ଥାଉ କିନ୍ତୁ ଚେଷ୍ଟା କରନ୍ତୁ ସମୟରେ ପହଞ୍ଚିବା ପାଇଁ । କାରଣ ନୂଆ ଚାକିରି ଉପରେ ଏହାର ପ୍ରଭାବ ଖୁବ୍ ପଡିଥାଏ । ଅଫିସ୍‌ରେ ଆପଣଙ୍କ ସିନିଅର ପହଞ୍ଚିବା ପୂର୍ବରୁ ପହଞ୍ଚିବା ଦ୍ୱାରା ଆପଣ ଏକ ଭଲ ପ୍ରଭାବ ସେମାନଙ୍କ ଉପରେ ପକାଇଥାଆନ୍ତି । ଏପରି କରିବା ଦ୍ୱାରା ସେମାନଙ୍କ ଆଖିରେ ଆପଣଙ୍କର ଗୁରୁତ୍ୱତା ବଢିଥାଏ ।

**ବ୍ୟକ୍ତିଗତ ଜୀବନକୁ ରଖନ୍ତୁ ଅଲଗା–** ସମସ୍ତଙ୍କ ବ୍ୟକ୍ତିଗତ ଜୀବନରେ କିଛି ନା କିଛି ସମସ୍ୟା ରହିଥାଏ । ହେଲେ ସର୍ବଦା ଚେଷ୍ଟା କରନ୍ତୁ ବ୍ୟକ୍ତିଗତ ଜୀବନର ସମସ୍ୟାକୁ ବୃତିଗତ ଜୀବନରୁ ଅଲଗା ରଖିବାକୁ । ତେଣୁ ସର୍ବଦା ଅଫିସ୍‌ରେ ପହଞ୍ଚିଲା ପରେ ସେହି ସମସ୍ୟା ବିଷୟରେ କାହା ସହ କଥା ହେବା କିମ୍ବା ଅଫିସ୍‌ରେ ଘର ସହ ସମସ୍ୟା ବିଷୟରେ୍ କଥା ହେବା ଉଚିତ୍ ନୁହେଁ । ଯଦି ସେହିଭଳି କିଛି ଗୁରୁତ୍ୱ ପୂର୍ଣ୍ଣ କଥା ଅଛି ତେବେ ବାହାରକୁ ଯାଇ କଥା ହୁଅନ୍ତୁ । କିନ୍ତୁ ଅଫିସ୍ ଭିତରେ ସମସ୍ତଙ୍କ ଆଗରେ ଏହା ଉପରେ ଆଲୋଚନା କରନ୍ତୁ ନାହିଁ । ଏହା ନକରାତ୍ମକ ପ୍ରଭାବ ପକାଇବ ।

**ମିସ୍ କରନ୍ତୁନି ଡେଡ୍ ଲାଇନ୍–** ସେହିଭଳି ସମସ୍ତ କାର୍ଯ୍ୟରେ ଏକ ଡେଡ୍ ଲାଇନ୍ ଥାଏ । ଏହାକୁ ମିସ କରନ୍ତୁ ନାହିଁ । ନୂଆ ଚାକିରିରେ ଏ ନେଇ କିଛିଟା ରିଲାକ୍ସ ମିଳିଥାଏ । ହେଲେ ଏହାର ଫାଇଦା ଉଠାଇ ଡେରି କରନ୍ତୁ ନାହିଁ । ପ୍ରଥମରୁ ହିଁ ଡେଡ୍ ଲାଇନ୍‌କୁ ଧ୍ୟାନ ଦିଅନ୍ତୁ । ଡେଡ୍ ଲାଇନ୍ ମିସ୍ କରିବା ଆପଣଙ୍କର ଏକ ନକରାତ୍ମକ ଛବି ସମସ୍ତଙ୍କ ଆଗରେ ପ୍ରସ୍ତୁତ କରିବ । ତେଣୁ ଯଥା ସମ୍ଭବ ଏଥିରୁ ବଞ୍ଚନ୍ତୁ ।



**ସୀମା ଭିତରେ ହୁଅନ୍ତୁ ମେଳାପି–** ଅଫିସ୍‌ରେ କାର୍ଯ୍ୟରତ ବ୍ୟକ୍ତିଙ୍କ ପାଇଁ କାହା ସହ ମିଶିବେ ଓ କେତେ ମିଶିବେ ସେ ନେଇ ସର୍ବଦା ଦ୍ୱନ୍ଦ ରହିଥାଏ । ତେବେ ପ୍ରଥମରୁ ସମସ୍ତଙ୍କ ସହ ଯେତିକି ଆବଶ୍ୟକ ରହିଛି ସେତିକି ମିଶନ୍ତୁ । କିଏ କିଭଳି ଜାଣିବା ପରେ ନିଜ ଘନିଷ୍ଠତା ବଢାଇବେ । ତେବେ ଆପଣ ନୂଆ ହୁଅନ୍ତୁ କିମ୍ବା ପୁରୁଣା ସର୍ବଦା ନିଜ ସୀମା ଭିତରେ ରହି ସମସ୍ତଙ୍କ ସହ ମିଶନ୍ତୁ ।

### ହାହାଃ..ହାହାଃ..

ଶିକ୍ଷକ : କାଲି ସ୍କୁଲ କାହିଁକି ଆସି ନଥିଲୁ ?

ଛାତ୍ର : କାଲି ମୁଁ ପଡିଗଲି ଆଉ ମୋର ଲାଗିଗଲା ।

ଶିକ୍ଷକ : କେଉଁଠି ପଡିଗଲୁ ଏ କ'ଣ ଲାଗିଗଲା ?

ଛାତ୍ର : ଖଟରେ ପଡିଗଲି ଆଉ ମୋ ଆଖି ଲାଗିଗଲା ।

### ଆଜିର ଦିନ

୧୭୬୪– ମୀର୍ କାଶିମ୍ ବକ୍ସର ଲଢେଇରେ ପରାଜିତ ହେଲେ ।

୧୮୫୦– ମହିଳାମାନଙ୍କ ଅଧିକାରକୁ ନେଇ ପ୍ରଥମ ଥର ପାଇଁ ଆମେରିକାରେ ନ୍ୟାସ୍‌ନାଲ୍ ୱିମେନ୍ ରାଇଟ୍ କନଭୋକେସନ୍ ଆରମ୍ଭ ।

୧୯୧୦– ଆମେରିକାରେ ବ୍ଲାଞ୍ଚେ ଏସ୍. ସ୍କଟ୍ ପ୍ରଥମ ମହିଳା ରୂପେ ଏକୁଟିଆ ବିମାନ ଜାହାଜ ଉଡ଼ାଇଲେ ।

୧୯୧୫– ନ୍ୟୁୟର୍କରେ ମହିଳାମାନଙ୍କ ମତଦାନ ଅଧିକାରକୁ ନେଇ ପ୍ରାୟ ୨୫ ହଜାର ମହିଳାଙ୍କର ବିକ୍ଷୋଭ ପ୍ରଦର୍ଶନ ।

୧୯୨୨– ବିବିସି ରେଡିଓରେ ଦୈନିକ ସମାଚାର ପ୍ରସାରଣ ଆରମ୍ଭ ।

୧୯୪୩– ନେତାଜୀ ସୁଭାଷ ଚନ୍ଦ୍ର ବୋସ୍‌ଙ୍କ ଦ୍ୱାରା ସିଙ୍ଗାପୁରରେ ଆଜାଦ ହିନ୍ଦ୍ ଫୌଜର 'ଝାନ୍ସି କୀ ରାଣୀ ବ୍ରିଗେଡ୍'ର ସ୍ଥାପନା ।

୧୯୪୬– ନ୍ୟୁୟର୍କରେ ସଂଯୁକ୍ତ ରାଷ୍ଟ୍ର ମହାସଭାର ପ୍ରଥମ ବୈଠକ ।

୧୯୭୮– ଚୀନ୍ ଓ ଜାପାନ ମଧ୍ୟରେ ଦୀର୍ଘ ୪ ଦଶନ୍ଧି ଧରି ଚାଲିଥିବା ଶତ୍ରୁତାକୁ ଔପଚାରିକ ରୂପେ ସମାପ୍ତ କରାଗଲା ।

୨୦୦୧– ପ୍ରଥମ ଥର ପାଇଁ ଆପଲ୍ ଆଇପ୍ୟାଡ୍‌ର ବଜାର ପ୍ରବେଶ ।

୨୦୦୩– ଭାରତ ଓ ବୁଲଗେରିଆ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷର ।

# ଭୂତ ଫିଲ୍ମ ଦେଖାଇ ଗଣିଲେ ଦଣ୍ଡ

ଚୀନର ଗୋଟିଏ ସ୍କୁଲକୁ ନିଜ ଛାତ୍ରାଛାତ୍ରୀଙ୍କୁ ଭୂତ ଫିଲ୍ମ ଦେଖାଇ ହଟହଟା ହେବାକୁ ପଡିଛି । ସୂଚନା ଅନୁସାରେ ଭୂତ ଫିଲ୍ମ ଦେଖାଇବା ଅଭିଯୋଗରେ ଏହି ସ୍କୁଲ ଉପରେ ୧.୧୪ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡିଛି । ୨୦୨୩ରେ ଘଟିଥିବା ଏହି ଘଟଣାରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ଭୂତ ଫିଲ୍ମ ଦେଖାଯାଇଥିଲା । ସ୍କୁଲରେ ଏକ ସେଲ୍ଫ ଷ୍ଟଡି ସେଶନ ଚାଲୁରହିଥିଲା, ଯେଉଁ ସମୟରେ ଏଠାରେ ଭୂତ ଫିଲ୍ମ ସେମାନଙ୍କୁ ଦେଖାଯାଇଥିଲା । ତେବେ ଏଥିରେ ସମସ୍ତ ଛାତ୍ରଛାତ୍ରୀ ସହମତି ପ୍ରକାଶ କରିଥିଲେ ଯାହାପରେ ସେମାନଙ୍କୁ ଭୂତ ଫିଲ୍ମ ଦେଖିବାକୁ ଅନୁମତି ମିଳିଥିଲା । କିନ୍ତୁ ଜଣେ ଛାତ୍ରଙ୍କ ଉପରେ ଏହାର ଖରାପ ପ୍ରଭାବ ପଡିଥିଲା, ଯାହାଫଳରେ ତାଙ୍କ ଅଭିଭାବକ ସ୍କୁଲ ବିରୋଧରେ କୋର୍ଟରେ ଅଭିଯୋଗ କରିଥିଲେ । ଯାହାର ଶୁଣାଣୀରେ ସ୍କୁଲକୁ ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକଙ୍କୁ ୧.୧୪ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡିଛି ।



# ବଜାରରେ ମିଳୁଛନ୍ତି ବରକନ୍ୟା

ସାଧାରଣତଃ ବିବାହ ଆଗରୁ ଘରର ବଡମାନେ ବରକନ୍ୟା ଖୋଜାର ଦାୟିତ୍ୱ ନେଇଥାଆନ୍ତି । ସେମାନେ ବୁଝି ବିଚାରି ବିବାହ କରାଇଥାଆନ୍ତି, ଯାହା ସେମାନେ ନିଜ ବନ୍ଧୁବାନ୍ଧବରେ କିମ୍ବା ମଧ୍ୟସ୍ଥିଙ୍କ ସାହାଯ୍ୟରେ ଖୋଜିଥାଆନ୍ତି । ସେହିଭଳି ସ୍ଥଳେ ସ୍ଥଳେ ପ୍ରେମ ବିବାହ ମଧ ହୋଇଥାଏ, ହେଲେ ଚୀନରେ ବିବାହକୁ ନେଇ ଦେଖିବାକୁ ମିଳିଛି ଏକ ଅଜବ ପ୍ରକ୍ରିୟା । ଚୀନର ଏକ ପାର୍କରେ ମ୍ୟାରେଜ୍ ମାର୍କେଟର ଆୟୋଜନ କରାଯାଉଛି । ଏଠାରେ ପ୍ରତି ଶନିବାର ଓ ରବିବାର ନିଜ ପିଲାଙ୍କ ପାଇଁ ବରକନ୍ୟା ଖୋଜିବାକୁ ବାପାମାଆମାନେ ଯାଇଥାଆନ୍ତି । ଏହି ପାର୍କକୁ ସ୍ଥାନୀୟଲୋକମାନେ ମ୍ୟାଚମେକିଂ ପାର୍କ ନାମରେ ଜଣା ଯାଇଥାଏ । ଏହା ବର୍ତ୍ତମାନ ସେଠିକାର ଏକ ଅଫ୍‌ଲାଇନ ଡେଟିଂ ଆପ ପାଲଟିଛି । ପୂରା ପାର୍କରେ ଛୋଟବଡ ହୋଡିଂ ଓ ପୋଷ୍ଟର ଏଠାରେ ମରାଯାଇଥାଏ । ଗୋଲାପି ରଙ୍ଗର କାଗଜ ଝିଅ ପିଲାଙ୍କ ପାଇଁ ଓ ନୀଳ ରଙ୍ଗର କାଗଜ ପୁଅଙ୍କ ପାଇଁ ହୋଇଥାଏ । ବାପାମାଆମାନେ ଏଠାରେ ନିଜ ପିଲାଙ୍କ ପ୍ରସ୍ତାବ ନେଇ ଅପେକ୍ଷାରେ ରହିଥାଆନ୍ତି । ଏହା ଏଠାରେ ଅନେକ ବର୍ଷଧରି ପାଳନ ହୋଇ ଆସୁଛି । ତେବେ ଏହି ମାର୍କେଟ ସେଠିକାର ବାସିନ୍ଦାଙ୍କ ପାଇଁ ଖୁବ ସହାୟକ ହେଉଛି ବୋଲି ସ୍ଥାନୀୟଲୋକ ମତ ଦେଉଛନ୍ତି ।



# ନବାଗତ କରିଲେ ରିପ୍ଲେସ



ନିକଟରେ ଅଭିନେତ୍ରୀ କିଆରା ଆଡଭାନୀଙ୍କୁ ଏକ ପ୍ରୋଜେକ୍ଟରୁ ରିପ୍ଲେସ କରାଯାଇଥିବା ନେଇ ଚର୍ଚ୍ଚା ହେଉଛି । ତେବେ ତାଙ୍କୁ କେହି ପୁରୁଣା ହିରୋଇନ ନୁହେଁ ବରଂ ଜଣେ ନବାଗତା ଅଭିନେତ୍ରୀ ରିପ୍ଲେସ କରିଛନ୍ତି । କିଆରାଙ୍କ ସ୍ଥାନରେ ମେକର୍ସ ଅଭିନେତ୍ରୀ ଅନୀତ ପଡ୍ଡାଙ୍କୁ ଲିଡ୍‌ରେ ସାଇନ କରାଇଛନ୍ତି । ଖୁବଶୀଘ୍ର ଅନୀତଙ୍କୁ ଶକ୍ତି ଶାଲିନୀରେ ଦେଖିବାକୁ ମିଳିବ । ଏନେଇ ମେକର୍ସ ଏକ ଭିଡିଓ ଜାରି କରି ଘୋଷଣା କରିଛନ୍ତି । ଏଥିରେ ଅନୀତାଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ । ଦର୍ଶକଙ୍କୁ ତାଙ୍କ ଚରିତ୍ର ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ଭିଡିଓରେ ଜଣେ ମହିଳା ଧଳା ଶାଢି ପିନ୍ଧି ଗୋଟିଏ ଜଙ୍ଗଲରେ ଠିଆ ହୋଇଥିବାର ଦେଖିବାକୁ ମିଳୁଛି । ଭିଡିଓଟି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ହେଲେ କିଆରାଙ୍କ ଫ୍ୟାନଙ୍କୁ ଏହି ଖବର ଟିକେ ନିରାଶ କରିଛି । କିଆରାଙ୍କ ଭଳି ଆଗଧାଡିର ନାୟିକାଙ୍କୁ ଜଣେ ନବାଗତା ରିପ୍ଲେସ କରିଥିବାରୁ ଫ୍ୟାନଟିକେ ନିରାଶ ଅଛନ୍ତି ।

### ଅଭିଶପ୍ତ ଦ୍ୱୀପ

ଇଟାଲୀ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟପାଇଁ ସାରା ବିଶ୍ୱରେ ପରିଚିତ । ହେଲେ ଏଠାରେ ଏପରି ଏକ ରହସ୍ୟମୟୀ ଦ୍ୱୀପ ରହିଛି ଯାହାକୁ କିଣୁଥିବା ମଣିଷଙ୍କର ମୃତ୍ୟୁ ହୋଇଯାଉଛି ବୋଲି ସୂଚନା ମିଳିଛି । ଗିୟୋଲା ନାମକ ଏହି ଦ୍ୱୀପ ୪୨ ହେକ୍ଟରରେ ବ୍ୟାପିଛି । ଏହି ଦ୍ୱୀପଟି ଦୁଇଟି ଟାପୁ ମିଶି ପ୍ରସ୍ତୁତ କରାଯାଇଛି । ଏହି ଦ୍ୱୀପ ପଛରେ ଏକ କାହାଣୀ ରହିଛି, ଯାହାକୁ ଆଧାର କରି ଏହି ତଥ୍ୟ ଏଠାରେ ପ୍ରସାରିତ ହୋଇଛି । ଲୋକକଥା ଅନୁସାରେ ଏଠାରେ ୧୯ଶହ ମସିହାରେ ଜଣେ ସାଧୁ ରହୁଥିଲେ, ଯାହାଙ୍କୁ ଲୋକ ଜାଦୁଗର ନାମରେ ଜାଣିଥିଲେ । ହେଲେ ଗୋଟିଏ ଦିନ ସେ ହଠାତ କେଉଁଆଡେ ଗାୟବ ହୋଇଯାଇଥିଲେ । ତେବେ ଲୋକଙ୍କ ବିଶ୍ୱାସ କି ସେହି ଯାଦୁଗର ଏହି ଦ୍ୱୀପକୁ ଅଭିଶାପ ଦେଇଛନ୍ତି କି ଏଠାରେ ଆଉ କେହି ମଣିଷ ରହିପାରିବେ ନାହିଁ । ସେହିଭଳି କିଛି ଲୋକ ଯେଉଁମାନେ ଏହି ଦ୍ୱୀପରେ ରହିବାପାଇଁ କିମ୍ବା କିଛି କରିବା ପାଇଁ ଚେଷ୍ଟା କରିଛନ୍ତି ସେମାନଙ୍କର ମୃତ୍ୟୁ ହୋଇଛି କିମ୍ବା କୌଣସି ଖରାପ ହୋଇଛି । ତେବେ ବର୍ତ୍ତମାନ ଏହି ଦ୍ୱୀପଟି ଇଟାଲୀ ସରକାରଙ୍କ କବଜାରେ ରହିଛି । ଗତ ୪୦ ବର୍ଷ ଧରି ଦ୍ୱୀପଟି ଖାଲି ପଡିଛି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

23 October 2025, Thursday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୮
ତିଥି : ଦ୍ୱିତୀୟା
୨୩ ଅକ୍ଟୋବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur




## ଆଇନଜୀବୀ ପୀତବାସ ହତ୍ୟା ମାମଲାର ପର୍ଦ୍ଦାଫାଶ

# ପୂର୍ବ ବିଧାୟକ ବିକ୍ରମଙ୍କ ସମେତ ୧୨ ଗିରଫ

ବ୍ରହ୍ମପୁର, ୨୨ ।୧୦ (ସବ୍ୟୁ): ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ହତ୍ୟା ମାମଲାର ପର୍ଦ୍ଦାଫାସ ହୋଇଛି । ହତ୍ୟାକାଣ୍ଡ ପଛରେ ଏକାଧିକ କାରଣ ରହିଥିବା ବେଳେ ପୋଲିସ ପ୍ରଥମ ଦଫାରେ ୧୨ ଜଣଙ୍କୁ ଗିରଫ କରି ଜେଲ ପଠାଇଛି । ଏହି ୧୨ ଜଣଙ୍କ ମଧ୍ୟରେ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ ରହିଛନ୍ତି ବୋଲି ବ୍ରହ୍ମପୁର ଏସପି ଡା.ଶ୍ରବଣ ବିବେକ ଏମ ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । କିନ୍ତୁ ଘଟଣା ଦିନ ଗୁଳିମାଡ କରିଥିବା ସୁଟର ସମେତ ଅନ୍ୟ ଦୁଇ ଜଣଙ୍କୁ କାବୁ କରିବାରେ ପୋଲିସ ସକ୍ଷମ ହୋଇନାହିଁ । ସେମାନଙ୍କୁ (୯ ପୃଷ୍ଠାରେ)





- ପୂର୍ବତନ ମେୟର ଶିବ ଶଙ୍କର ଦାସ ଗିରଫ
- ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷର ଡିଲ୍
- ଦୁଇ ବନ୍ଧୁକ, ୩ ଗୁଳି, ୫ମୋବାଇଲ ଜବତ

## ରାଜନୈତିକ ଉଦ୍ଦେଶ୍ୟରେ ବିକ୍ରମଙ୍କୁ ଗିରଫ : ବିଜେଡି

ବ୍ରହ୍ମପୁର, ୨୨ ।୧୦ (ସବ୍ୟୁ) : ଗତ ୬ ତାରିଖ ରାତ୍ର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ୨ ଦୁର୍ବୃତ୍ତ ଗୁଳି କରି ତାଙ୍କ ବୈକୁଣ୍ଠନଗର ଘର ନିକଟରେ ହତ୍ୟା କରିଥିଲେ । ତେବେ ୧୬ ଦିନ ପରେ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୧୨ଜଣଙ୍କୁ ବୁଧବାର ଗିରଫ କରିଛି । ଏହି ୧୨ ଜଣଙ୍କ ଭିତରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା ଅଛନ୍ତି । ବିକ୍ରମଙ୍କ ଗିରଫଦାରୀକୁ ବିଜେଡି ସହଜରେ ହଜମ କରିପାରୁନି । ତେବେ ତଦନ୍ତ ଠିକ୍ ଭାବେ ହୋଇନାହିଁ ବୋଲି ଅଭିଯୋଗ କରି ଗୁରୁବାର ବ୍ରହ୍ମପୁରର ପୂର୍ବତନ ସାଂସଦ (୯ ପୃଷ୍ଠାରେ)

## ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

# ସିବିଆଇ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ବହୁଚର୍ଚ୍ଚିତ ପୋଲିସ ସବ୍ ଇନ୍‌ସପେକ୍ଟର ନିଯୁକ୍ତି ପରୀକ୍ଷାରେ ହୋଇଥିବା ଜାଲିଆତି ଘଟଣାର ସିବିଆଇ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି । ପୋଲିସ ସବ୍ ଇନ୍‌ସପେକ୍ଟର ନିଯୁକ୍ତି ପରୀକ୍ଷା ସମ୍ବନ୍ଧିତ ଦୁର୍ନୀତିର ଚେର ବିଭିନ୍ନ ରାଜ୍ୟକୁ ବ୍ୟାପିଛି । ଆନ୍ତଃରାଜ୍ୟ ଅପରାଧୀ ସଂଗଠନର ସମ୍ପୃକ୍ତି ଥିବାର ସନ୍ଦେହ କରାଯାଉଛି । ଏଥିଲାଗି ତଦନ୍ତ ଭାର ସିବିଆଇକୁ ଦେବାକୁ ନିଷ୍ପତ୍ତି ହୋଇଛି ।

ଓଡ଼ିଶା ପୋଲିସ ସବ୍ ଇନ୍‌ସପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା । ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡିକୁ ଦିଆଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏହି ଦୁର୍ନୀତିର ଚେର ଆନ୍ଧ୍ର ଓ ପଶ୍ଚିମବଙ୍ଗ ସମେତ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପିଥାଇପାରେ । ଏହି ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ କ୍ରିମିନାଲ୍ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବାନେଇ ସନ୍ଦେହ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଏହି ଦୁର୍ନୀତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ୍ କରିବା ପାଇଁ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀମାନଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବାକୁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇକୁ ଦେବାକୁ ନିର୍ଣ୍ଣୟ କରିଛନ୍ତି । ଏହାଛଡ଼ା ପୋଲିସ ଏବଂ ଅନ୍ୟାନ୍ୟ ପୋଷାକଧାରୀ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି । ସୂଚନା ଯୋଗ୍ୟ ପୋଲିସ ସବ୍ (୯ ପୃଷ୍ଠାରେ)

# ଏକ ନମ୍ବର ହାଟରେ ନିଆଁ, ଜଳିଗଲା ୩୦ ଦୋକାନ



ଭୁବନେଶ୍ୱର, ୨୨ ।୧୦ (ସବ୍ୟୁ) : ଏକ ନମ୍ବର ହାଟରେ ନିଆଁ ଲାଗି ୩୦ ଦୋକାନ ଜଳିଯାଇଛି । ନିଆଁ ଲାଗିବାକୁ ନେଇ ଦୋକାନୀ ମାର୍‌ପିଟ୍ ହେବାରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ସେମାନଙ୍କୁ ଲାଠିମାଡ କରିଥିଲା ।

ଏକ ନମ୍ବର ହାଟ ପରିବା ଦୋକାନଗୁଡିକରେ ନିଆଁ ଲାଗି ହୁହୁ ହୋଇ ଜଳିଥିଲା । ଅଗ୍ନିଶମ ବାହିନୀ ପହଞ୍ଚି ୧୧ଟି ଦୋକାନ ନିଆଁ ଲିଭାଇଥିବା ବେଳେ ଅନ୍ୟ ଦୋକାନ ଗୁଡିକ ସମ୍ପୂର୍ଣ୍ଣ ଜଳିଯାଇଛି । ପରିବା ଦୋକାନ ପାଖରେ ଥିବା ଦୁଇଟି ଡାଲିଚାଉଳ ଓ ଦୁଇଟି ଖଲିପତ୍ର ଦୋକାନ ମଧ୍ୟ ଜଳିଯାଇଛି ।

ନିଆଁ କିପରି ଲାଗିଲା ସ୍ପଷ୍ଟ ଜଣାପଡିନଥିବା ବେଳେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ୩୦ ଦୋକାନ ହୁହୁ ହୋଇ ଜଳୁଛି । ସେଗୁଡିକ ମଧ୍ୟରୁ ଅଗ୍ନିଶମ ବାହିନୀ ୧୧ଟି ଦୋକାନ ନିଆଁକୁ ଆୟତ୍ତ କରିବାରେ ସମର୍ଥ (୯ ପୃଷ୍ଠାରେ)

## ୨୫ରୁ ଦୁଇଦିନ ବର୍ଷା

ଭୁବନେଶ୍ୱର, ୨୨ ।୧୦ (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଥିବା ବେଳେ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଉତ୍ତର ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ମଧ୍ୟରେ ଅତିକ୍ରମ କରିବ । ଏହା ପ୍ରଭାବରେ ଦକ୍ଷିଣ ଓଡିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା (୯ ପୃଷ୍ଠାରେ)

## ଏଆଇ ଭବିଷ୍ୟତରେ ସବୁ ଚାକିରି ନେବ : ମସ୍କ

ନୂଆଦିଲ୍ଲୀ, ୨୨।୧୦ : କୃତିମ ବୁଦ୍ଧିମତା (ଏଆଇ) ଓ ରୋବର୍ଟ ଭବିଷ୍ୟତରେ ସମସ୍ତ ଚାକିରୀ ନେଇଯିବ । ଫଳରେ ମନୁଷ୍ୟମାନେ ପରିବା ଉତ୍ପାଦନ ପାଇଁ ମୁକ୍ତ ହୋଇପାରିବେ ବୋଲି ଟେକ୍ନୋକ୍ରାଟ୍ ଏଲନ୍ ମସ୍କ କହିଛନ୍ତି ।

ଏଆଇ ସମାଜକୁ ରୂପାନ୍ତରିତ କରିବ । ପୂର୍ବରୁ ମାନବ ସମ୍ବଳ ଦ୍ୱାରା ଯେଉଁ କାର୍ଯ୍ୟ କରାଯାଉଥିଲା, ତାହାଠୁ ଅଧିକ ଏଆଇ କରିପାରିବ । ତେବେ କାର୍ଯ୍ୟସ୍ଥଳୀରେ ମାନବ ସମ୍ବଳ ପରିବର୍ତ୍ତେ ଏଆଇ ଅଧିକ ବ୍ୟବହାର ହେବ ବୋଲି ଭୟ ସୃଷ୍ଟି ହୋଇଛି । ମାତ୍ର ଏହା ଯୁକ୍ତିଯୁକ୍ତ ନୁହେଁ । ଟିସିଏସ୍ ଓ ଆସେଞ୍ଚର ଭଳି ବଡ଼ କମ୍ପାନୀରେ ଏବେ ହଜାରହଜାର ଶ୍ରମିକ ପଦବୀ ରହିଛି । ଏହି ଚାକିରୀଗୁଡ଼ିକ ପରିବର୍ତ୍ତନ ହେବ । କିନ୍ତୁ ଏହା ମାନବ ସମ୍ବଳକୁ ଅଧିକ ସ୍ୱାଧୀନତା ଦେବ । ରିପୋର୍ଟ ଅନୁଯାୟୀ ଆମାଜନ ଏବେ ତା'ର କର୍ମଚାରୀଙ୍କୁ ବଦଳ କରି ଏଆଇ ଓ ରୋବର୍ଟ ରଖିବା ଲାଗି ନିଷ୍ପତ୍ତି ନେଇଛି । ୨୦୨୭ ସୁଦ୍ଧା ଏହି କମ୍ପାନୀ ୧ ଲକ୍ଷ ୬୦ହଜାର ପଦବୀରେ ରୋବର୍ଟମାନଙ୍କୁ ନିଯୁକ୍ତି ଦେବ । ଏଆଇ ଓ ରୋବର୍ଟ ସମସ୍ତ ଚାକିରିକୁ ପରିବର୍ତ୍ତନ (୯ ପୃଷ୍ଠାରେ)

## ନୂଆପଡ଼ା ଉପନିର୍ବାଚନ

# ଆଦିବାସୀଙ୍କ ଭୋଟ ନିର୍ଣ୍ଣାୟକ




ନୂଆପଡ଼ା, ୨୨ ।୧୦ (ସବ୍ୟୁ) : ଧୀରେ ଧୀରେ ଉପ ନିର୍ବାଚନ ପାଣିପାଗ ତୋଫାନରେ ପରିଣତ ହେବାକୁ ଲାଗିଛି । ସବୁ ଦଳର ତୁଙ୍ଗ ନେତା ନୂଆପଡ଼ା ଆଖ ପାଖରେ ନିଜ ନିଜ ତମ୍ବୁ ଗାଡ଼ି ରାଜନୈତିକ ପଶା କାଠି ଗୋଟି ଚାଳନା ଆରମ୍ଭ କଲେଣି । ନୂଆପଡ଼ା ଉପନିର୍ବାଚନକୁ ଅଡୁଆ ହୋଇଛି ୩୮ ପ୍ରତିଶତରୁ ଅଧିକ ସଂଖ୍ୟା ଥିବା ଆଦିବାସୀ ଭୋଟର ଅଙ୍କ ।

ଜିଲ୍ଲା ଆଦିବାସୀ ସଂଘ କର୍ମକର୍ତ୍ତା ବିଭିନ୍ନ ରାଜନୈତିକ ଦଳକୁ ସମର୍ଥନ ଓ ବର୍ଜନ ଭିତରେ ପେସି ହେଉଥିବା ବେଳେ ଏବେ ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ଧରୁଆଙ୍କ ରାଜନୈତିକ ଏଣ୍ଟ୍ରି ସବୁ ସମୀକରଣକୁ (୯ ପୃଷ୍ଠାରେ)

## ୧୪ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ୍

ନୂଆପଡା, ୨୨ ।୧୦ (ସବ୍ୟୁ) : ନୂଆପଡ଼ା ବିଧାନସଭା ଉପ ନିର୍ବାଚନ ପାଇଁ ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ହୋଇଥିଲା । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମୁଦାୟ ୧୯ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୫ ଜଣ ପ୍ରାର୍ଥିଙ୍କ ନାମାଙ୍କନ ନାକଚ ହୋଇଥିଲା । ପ୍ରାର୍ଥୀତ୍ୱ ନାକଚ ହୋଇଥିବା ପ୍ରାର୍ଥୀ ମାନେ ହେଲେ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳରୁ ସୀତାରାମ ବେହେରା ଏବଂ ତିନି ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଲ୍ କୁମାର ଛତ୍ରିଆ ଏବଂ ଭୁଜବଳ ଆଡ଼ବଙ୍ଗ । ତିନି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ବିଜେପିରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ ଏବଂ କଂଗ୍ରେସରୁ ଘାସିରାମ ମାଝୀଙ୍କ (୯ ପୃଷ୍ଠାରେ)



# ଶାରୀରିକ ସମ୍ପର୍କ ରଖି ବିବାହ ପାଇଁ ମନା କରିବାରୁ ଇନ୍ସପେକ୍ଟର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ମହିଳା ସବ୍‌ଇନ୍ସପେକ୍ଟରଙ୍କ ସହ ଶାରୀରିକ ସମ୍ପର୍କ ରଖି ବିବାହ ପାଇଁ ମନା କରିବାରୁ ପ୍ରତାରକ ଇନ୍ସପେକ୍ଟର ଯଶୋବନ୍ତ ଆଚାର୍ଯ୍ୟଙ୍କ ବିରୋଧରେ ପୀଡିତା ମହିଳା ଥାନାରେ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ଯଶୋବନ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।



ଯଶୋବନ୍ତ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଏସ୍‌ଆଇ ଭାବେ କାମ କରୁଥିଲେ । ଗତ କିଛିଦିନ ତଳେ ଇନ୍ସପେକ୍ଟର ପଦବୀକୁ ତାଙ୍କର ପ୍ରମୋସନ ହୋଇଛି । ଏସ୍‌ଆଇ ଥିବାବେଳେ ଜଣେ ମହିଳା ସବ୍‌ଇନ୍ସପେକ୍ଟରଙ୍କ ସହ ତାଙ୍କର ନିବିଡ ସମ୍ପର୍କ ଥିଲା । ପରସ୍ପର ବିବାହ କରିବେ ବୋଲି କଥା ହୋଇଥିଲେ । ଇନ୍ସପେକ୍ଟରକୁ ପ୍ରମୋଶନ ହେବା ପରେ ଯଶୋବନ୍ତ ମହିଳା ଏସ୍‌ଆଇଙ୍କୁ ପ୍ରତାରଣା କରିଥିଲେ । ଦୀର୍ଘ ୮ ବର୍ଷ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ରୋକ୍‌ଠୋକ୍ ମନା କରିଦେଇଥିଲେ । ମହିଳା ଏସ୍‌ଆଇ ତାଙ୍କୁ ଏ ସମ୍ପର୍କରେ ବାରମ୍ବାର ପଚାରିବାରୁ ସେ ତାଙ୍କୁ ବିରକ୍ତ ହୋଇ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ଏହିପରି ପରିସ୍ଥିତିରେ ପଡି ପ୍ରତାରିତା ଏସ୍‌ଆଇ ମହିଳା ଥାନାରେ ଏତଲା ଦାଏର କରିଥିଲେ । ପରସ୍ପର ମଧ୍ୟରେ ବୁଝାମଣା ପାଇଁ ଉଦ୍ୟମ ବିଫଳ ହେଲା । ଶେଷରେ ପୋଲିସ ଏତଲା ଅନୁଯାୟୀ ଇନ୍ସପେକ୍ଟର ଯଶୋବନ୍ତ ଆଚାର୍ଯ୍ୟଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଅଭିଯୁକ୍ତ ଇନ୍ସପେକ୍ଟରଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଯୁବତୀଙ୍କୁ ଅପହରଣ ଉଦ୍ୟମ , ଜଣେ ଗିରଫ

ଧର୍ମଶାଳା, (ସବ୍ୟୁ) :ଧର୍ମଶାଳା ଥାନା ଅନ୍ତର୍ଗତ କଂଟାମାଳିଆ ଏବଂ ଥାନୁଆଳ ରାସ୍ତାର ମଧ୍ୟ ଭାଗରେ ଜଣେ ଯୁବତୀଙ୍କୁ ଦୁର୍ବୃତ୍ତମାନେ ସିନେମା ଷ୍ଟାଇଲରେ କାରରେ ଅପହରଣ କରିନେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବତୀ ଜଣକ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ଜାରକା ସ୍ଥିତ ଏକ ସୁନା ଗହଣା ଦୋକାନରେ କାମ କରୁଥିବା ମୁରାରୀପୁର ଗ୍ରାମର ଦୁଇ ଜଣ ମହିଳା ୱାର୍କର କାମ ସାରି ପ୍ରତ୍ୟେକ ଦିନ ପରି ଘରକୁ ଏକ ସ୍କୁଟିରେ ଫେରୁଥିବା ସମୟରେ ରାତି ପ୍ରାୟ ୮ଟା ସମୟରେ ଏକ ବାଇକ୍ ତାଙ୍କୁ ପିଛା କରି ରାସ୍ତାରେ ଅଟକାଇ ଥିଲା । ପରେ ଯୋଜନା ମୁତାବକ ଏକ ଧଳା ରଙ୍ଗର କାରରେ ତିନି ଜଣ ଯୁବକ ଆସି ପହଂଚିଥିଲେ । ଦୁଇ ମହିଳା ଙ୍କ ମଧ୍ୟରୁ ଜଣେ ଯୁବତୀଙ୍କୁ କାର ମଧ୍ୟକୁ ଟେକି ନେଇ ଥିଲେ । ଏହି ସମୟରେ ସାଥୀରେ ଥିବା ମହିଳା ଜଣଙ୍କ ଚିତ୍କାର କରିବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବାଇକ୍ ଆରୋହୀ ପହଁଚିବା ସହ ସ୍ଥାନୀୟ ଅଂଚଳର କେତେକ ଯୁବକ ପହଁଚି ଅପହରଣ ହେଉଥିବା ଯୁବତୀ ଜଣଙ୍କୁ ଉଦ୍ଧାର କରିଥିଲେ । ଅପହରଣକାରୀ ଜଣେ ଯୁବକଙ୍କୁ କାବୁ କରିବା ସହ ତା ବାଇକ୍‌କୁ ଜବତ କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି ଅଟକ ଥିବା ଯୁବକକୁ ଥାନାକୁ ଆଣିବା ସହ ବାଇକକୁ ଜବତ କରିଛି। ତେବେ ପୁଲିସ ସମ୍ପୃକ୍ତ ଯୁବକକୁ ପଚରା ଉଚରା କରିବା ପରେ ଆଜି ଗିରଫ କରିଥିବା ଜଣାପଡିଛି। ଗିରଫ ଯୁବକ ଜଣକ ସ୍ଥାନୀୟ ଥାନୁଆଳ ଗ୍ରାମର ଜିତେନ୍ଦ୍ର ଡୋରା ବୋଲି ଜଣାପଡିଛି। ଏନେଇ ଉଦ୍ଧାର ହୋଇଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୬୬୪/୨୫ରେ ଏକ ମାମାଲା ରୁଜୁ କରି ତଦନ୍ତ କରୁଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଯୁବକମାନଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ଏବଂ ଏହି ଘଟଣାରେ ଗିରଫ ହୋଇଥିବା ଯୁବକକୁ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ସେ କହିଛନ୍ତି।

## ଆନ୍ତଃ ଜିଲ୍ଲା ବନ୍ୟଜନ୍ତୁ ଶିକାରୀ ଗିରଫ

କେନ୍ଦୁଝର ,(ଜିପ୍ର):କେନ୍ଦୁଝର ବନଖଣ୍ଡ ଭୁୟାଁ ଜୁଆଙ୍ଗପୀଢ ବନାଞ୍ଚଳରୁ ଜଣେ ଆନ୍ତଃଜିଲ୍ଲା ବନ୍ୟଯନ୍ତୁ ଶିକାରୀଙ୍କୁ ବନ ବିଭାଗ ଗିରଫ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ହେଲେ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ସରୁଆଳି ଅଞ୍ଚଳ ର ସୁଦର୍ଶନ ନାୟକଙ୍କ ପୁଅ ଅକ୍ଷୟ କୁମାର ନାୟକ (୫୫) । ତାଙ୍କ ନିକଟରୁ ବନ୍ୟଯନ୍ତୁ ଶୀକାରରେ ବ୍ୟବହୃତ ସିଙ୍ଗଲ ବ୍ୟରେଲ ଦେଶି ବନ୍ଧୁକ, ଏକ ବାଇକ, ଓଜନ କଣ୍ଟା ଏବଂ ମୋବାଇଲ ମଧ୍ୟ ଜବତ ହୋଇଥିବା ଭୁୟାଁ ଜୁଆଙ୍ଗପୀଢ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ଅକ୍ଷୟ ଦେବଗଡ଼ ଜିଲ୍ଲାରୁ ଆସି କେନ୍ଦୁଝର ବନଖଣ୍ଡ ଭୁୟାଁ ଜୁଆଙ୍ଗପୀଢ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ଲୁଚାଛପାରେ ବନ୍ୟଯନ୍ତୁ ଶୀକାର କରୁଥିଲେ । ସୂଚନା ଆଧାରରେ ବନ କର୍ମଚାରୀ ତାଙ୍କ ଉପରେ ନଜର ରଖିଥିଲେ । ସହରପୁର ସଂରକ୍ଷିତ ଜଙ୍ଗଲରେ ଅକ୍ଷୟ ପ୍ରବେଶ କରିଥିବା ବନ ବିଭାଗକୁ ଖବର ମିଳିଥିଲା । ବନ୍ୟାଞ୍ଚଳ ଅଧିକାରୀ ଏବଂ ଅନ୍ୟ ବନ କର୍ମଚାରୀ ସେଠାକୁ ଯାଇ କାବୁ କରିବା ପୂର୍ବରୁ ସେ ସେଠାରୁ ଫେରାର ହୋଇଯାଇଥିଲେ । ବନ ବିଭାଗ ବହୁ ଖୋଜାଖୋଜି ପରେ ଅକ୍ଷୟ ଚମ୍ପାଝରରେ ଜଣଙ୍କ ଘରେ ଲୁଚି ରହିଥିବା ଜାଣି ତାଙ୍କୁ ସେଠାରୁ କାବୁ କରିଥିଲେ ।

## ସିକ୍ୟୁରିଟି ଗାର୍ଡଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା ,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅଧୀନ ଚଣ୍ଡିଖୋଲ - ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥର ହଜାରୀ ଛକ ନିକଟରୁ ନାଳରେ ପଡିଥିବା ଅବସ୍ଥାରେ ଜଣେ ୫୫ ବର୍ଷିୟ ବ୍ୟକ୍ତିଙ୍କର ମୃତଦେହ ସନ୍ଦେହ ଜନକ ଭାବରେ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ସୁରେନ୍ଦ୍ର ଲେଙ୍କା ,ତାଙ୍କର ଘର ବାଲିସାହି ଗ୍ରାମରେ। ମୃତ ସୁରେନ୍ଦ୍ର ଜାତୀୟ ରାଜପଥ ପ୍ରସସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ଠିକା ସଂସ୍ଥା ରାଜବୀର କନଷ୍ଟ୍ରକ୍ସନ ଅଧୀନରେ ସେ ସିକ୍ୟୁରିଟି ଗାର୍ଡ ଭାବରେ କାର୍ଯ୍ୟରତଥିଲେ । ସୁରେନ୍ଦ୍ରଙ୍କ ମୃତଦେହ ନାଳରେ ପଡିଥିବା ବେଳେ ତାଙ୍କର ଚପଲ ଓ ଟର୍ଚ୍ଚ ଲାଇଟ୍ ଉପରେ ଥୁଆ ହୋଇଥିବା ଦେଖିବାକୁ ମିଳିଛି। ସବୁଦିନ ଭଳି ମଙ୍ଗଳବାର ରାତ୍ରିରେ ଡ୍ୟୁଟିରେ ଥିବା ବେଳେ ଏଭଳି ଅଘଟଣ ଘଟିଛି। ପୋଲିସ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟଣା ବିଷୟରେ ଅନୁସନ୍ଧାନ ଜାରି ରଖିଥିବାର ଜଣାପଡିଛି ।

# କାନାଡାରେ ମନୋବିଜ୍ଞାନୀ ଜଗନ୍ନାଥ ଦାସଙ୍କ ଦେହାନ୍ତ

ଭୁବନେଶ୍ୱର, (ସବ୍ୟୁ) : ସାରା ବିଶ୍ୱରେ ଜଣେ ମନୋବିଜ୍ଞାନୀ ଓ ଶିକ୍ଷାବିତ୍, ପ୍ରଫେସର ଜଗନ୍ନାଥ ଦାସ କାନାଡାର ଏଡମୋଣ୍ଟନଠାରେ ପରଲୋକ ଗମନ କରିଛନ୍ତି । ସେ ପୁରୀ ଜିଲ୍ଲାର ଲୋକ, ୧୯୩୧ ଜାନୁଆରୀ ୨୦ରେ ସେ ପୁରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ସେ ଲଣ୍ଡନରେ ମନୋବିଜ୍ଞାନ ବିଭାଗରେ ପିଏଚ୍‌ଡି କରିବା ପୂର୍ବରୁ ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳରେ ପାଠ ପଢିଥିଲେ । ମନୋବିଜ୍ଞାନ ବିଭାଗରେ ଗବେଷଣା ଯୋଗୁଁ ସେ ସାରା ବିଶ୍ୱରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# ପାଇକା ନଦୀରେ ବୁଡି ୨ ନାବାଳକ ମୃତ:୧ ନିଖୋଜ

ରଘୁନାଥପୁର ,(ସବ୍ୟୁ): ପାଇକାକୁଳ ଗ୍ରାମର ୩ ନାବାଳକ ଗାଧେଇବାକୁ ଯାଇ ସ୍ଥାନୀୟ ପାଇକା ନଦୀରେ ବୁଡି ଯାଇ ମୃତ୍ୟୁ ବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଜଣେ ନିଖୋଜ ଥିବା ଆଇଆଇସି ସୁବ୍ରତ କୁମାର ଦାସ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ୩/୨୫ଯୁଡି କେସ ରଜୁ ହୋଇଛି। ମୃତ ନାବାଳକ ଦୁଇଜଣ ହେଲେ ସ୍ଥାନୀୟ ଗ୍ରାମର ନରହରି ବେହେରାଙ୍କ ପୁଅ ଶିଶିର ଓ ଅନ୍ୟଜଣେ ହେଲେ ଧିରେନ୍ ମଲ୍ଲିକଙ୍କ ପୁଅ ସୌରଭ ଓରଫ ସିପୁନା ନିଖୋଜ ଥିବା ନାବାଳକ ଜଣଙ୍କ ହେଲେ ଅକ୍ଷୟ କୁମାର ମଲ୍ଲିକଙ୍କ ପୁଅ ଅମନଜିତ। ଶିଶିର ଓ ଅମନଜିତ ସ୍ଥାନୀୟ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପାଠ ପଢୁଥିବାବେଳେ ସୌରଭ ଯୁକ୍ତ ୨ ର ଛାତ୍ର ଅଟନ୍ତି। ସାଙ୍ଗସାଥୀ ମେଳରେ ୫/୬ ଜଣ ପିଲା ନଦୀକୁ ଗାଧେଇବାକୁ ଯାଇଥିଲେ। ନଦୀ ସେତେଟା ଅଗଭୀର ନଥିବାବେଳେ ବାଲିଘାଟକୁ ନିଲାମ ନେଇଥିବା ବ୍ୟକ୍ତି ନିଜ ପରିସୀମାରୁ ଅଧିକ ବାଲି ଖୋଳିନେବା ଦ୍ୱାରା ନଦୀ ଗଭୀର ହୋଇଥିବା ପିଲାମାନେ ଜାଣି ପାରିନଥିଲେ। ଫଳରେ ସେମାନଙ୍କ ମଧ୍ୟରୁ ଜଣେ ଖାଲରେ ପଡି ବୁଡି ଯାଉଥିବାବେଳେ ଅନ୍ୟ ଦୁଇ ସାଙ୍ଗ ତାକୁ ଉଦ୍ଧାର କରିବାକୁ ଯାଇ ଗଭୀର ପାଣିରେ ବୁଡି ଯାଇଥିଲେ। ସେମାନଙ୍କ ସହ ଆସିଥିବା ପିଲାମାନେ ଏ ସମ୍ପର୍କରେ ଖବର ଦେବାରୁ ଗ୍ରାମବାସୀ ଆସି ଖୋଜାଖୋଜି କରିଥିଲେ। ପରେ ରଘୁନାଥପୁର ଓ ତିର୍ତ୍ତୋଲ ଦମକଳ ବାହିନୀ ଆସି ଘଟଣା ସ୍ଥଳରେ ପହଞ୍ଚି ୨ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ସରପଞ୍ଚ ନମିତା ଖଟୁଆ ଓ ତାଙ୍କ ପ୍ରତିନିଧି ଅଜୟ ଖଟୁଆ ପହଞ୍ଚି ସହଯୋଗ କରିଥିଲେ। ଏହି ଘଟଣାରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ଆଉ ନାହାନ୍ତି ଡାକ୍ତର ପ୍ରଦୀପ ରାଓ

କଟକ, (ସବ୍ୟୁ) : କଟକରେ ବିଶିଷ୍ଟ ହୋମିଓପାଥିକ ଡାକ୍ତର ପ୍ରଦୀପ ରାଓଙ୍କର ୮୭ ବର୍ଷ ବୟସରେ ଦେହାନ୍ତ ହୋଇଛି । ସେ କିଛି ବର୍ଷ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । କଟକର ହାଇକୋର୍ଟ ଛକରେ ତାଙ୍କ କ୍ଲିନିକଟି ବେଶ ପରିଚିତ ଥିଲା । ତାଙ୍କ ବିୟୋଗରେ ବିଭିନ୍ନ ସମୟରେ ଶୋକ ପ୍ରକାଶ ପାଇଛି । ଭୁବନେଶ୍ୱରର ଅଭିନ୍ନ ରାଓ ହୋମିଓପାଥି ମେଡିକାଲ କଲେଜ ଓ ହସ୍ପିଟାଲ ତାଙ୍କ ପିତାଙ୍କ ନାମରେ ହୋଇଥିଲା ।

ସେ ରେଭେନ୍ସା କଲିଜିଏଟ୍ ପୁରାତନ ଛାତ୍ର ସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ଡଃ. ଗୌତମ ରାଓ, କନ୍ୟା ଅନୁକଂପା ରାଓ ପ୍ରଭୃତି ଉପସ୍ଥିତ ଥିଲେ । ସତୀଚଉରା ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ବିୟୋଗରେ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଦେଶୀମଦ କାରଖାନା ଉପରେ ଚଢ଼ାଉ

## ନମ୍ବର ବିହୀନ କାର ଜବତ, ୨ କୋର୍ଟ ଚାଲାଣ

ବେତନଟୀ ,(ସବୁ ) :ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ପଟିସାରି ଉପକଣ୍ଠ ତେନ୍ତୁଳିଗାଁ -ଆଦିଡିହା ଗ୍ରାମରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ବୁଧବାର ଚଢ଼ାଉକରି ବିପୁଳ ପରିମାଣର ମହୁଲପୋଚ ଏବଂ ରନ୍ଧାମଦ ସମେତ ଚୋରାମଦ ଚାଲାଣ କରୁଥିବା ଏକ ନମ୍ବରବିହୀନ କାରକୁ ଜବତ କରାଯାଇଥିବା ବେଳେ ଏହି ବେଆଇନ କାରବାରରେ ଜଡିତ ଦୁଇଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ଆଦିଡିହା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ଜେନାର ପୁଅ ଗଦାଧର ଜେନା (୪୫) ଏବଂ ସେହି ଆଦିଡିହା ଗ୍ରାମର ସଦାନନ୍ଦ ଜେନାର ପୁଅ ସଞ୍ଜୟ ଜେନା (୧୯) । ସୂଚନା ମୁତାବକ ବଡ଼ସାହି ଥାନା ଅଧୀନ ଆଦିଡିହା ଅଞ୍ଚଳରେ ଚୋରା ଦେଶିମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ମୋବାଇଲୟୁନିଟ ଏବଂ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ଆଦିଡିହା ଗ୍ରାମରେ ବୁଧବାର ମିଳିତ ଭାବରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଆଦିଡିହା ଗ୍ରାମରେ ଚାଲିଥିବା ଚୋରା ଦେଶିମଦ କାରଖାନାରୁ ୩ହଜାର ୭ଶହ ୫୦କିଲୋଗ୍ରାମ ଓଜନର ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ନଷ୍ଟ କରାଯାଇଥିଲା ।ଏଥି ସହିତ ଅବକାରୀ ବିଭାଗର ମିଳିତ ଚଢ଼ାଉ ର ଖବରପାଇ କୌଶଳକ୍ରମେ ଏକ ନମ୍ବର ବିହିନ କାର ଯୋଗେ ୪ଶହ ଲିଟର ରନ୍ଧାମଦ ନେଇ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତେନ୍ତୁଳି ଗାଁ ଠାରେ ଉକ୍ତ ଚୋରାମଦ ବୋଝେଇ ନମ୍ବର ବିହୀନ କାରକୁ ଜବତ କରାଯାଇଥିଲା । ଏହି ଚଢ଼ାଉରେ ମୋବାଇଲ ୟୁନିଟ ଅଧିକାରୀ ତଥା ଉଦଲା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡି, ଏଏସଆଇ ଜି. କାମେଶ୍ୱର ଏବଂ ବେତନଟୀ ଟିମ ସମେତ ସଶସ୍ତ୍ର ପୁଲିସ ଫୋର୍ସ ସାମିଲ ଥିଲେ ।

# ଆପୋଲୋ ହସ୍ପିଟାଲରେ କୋକ୍ଲିୟର ଚିକିତ୍ସା

## ପ୍ରାରମ୍ଭିକ ଚିହ୍ନଟ ଓ ଦ୍ୱିପାକ୍ଷିକ କୋକ୍ଲିୟର ପ୍ରତିରୋପଣ ସଚେତନତା

ଭୁବନେଶ୍ୱର, (ସବ୍ୟୁ): ଶ୍ରବଣ ପୁନର୍ବାସ ପାଇଁ ସ୍ଥାନୀୟ ଆପୋଲୋ ହସ୍‌ପିଟାଲରେ କୋକ୍ଲିୟର ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ ହୋଇଛି । ହସ୍ପିଟାଲର ଇଏନଟି ଏବଂ ହେଡ୍-ବେକ ସର୍ଜରୀ ବିଭାଗ ଗୁରୁତର ଗଭୀର ଶ୍ରବଣ ଶକ୍ତି ହରାଇଥିବା ପିଲାମାନଙ୍କ ପାଇଁ ଦ୍ୱିପାକ୍ଷିକ କୋକ୍ଲିୟର ପ୍ରତିରୋପଣ ଅସ୍ତ୍ରୋପଚାର ସଫଳତା ହାସଲ କରିଚାଲିଛି । ୨୦୧୧ ମସିହା ରେ ଆରମ୍ଭ ହୋଇଥିବା ଏହି ଚିକିତ୍ସା ବ୍ୟବସ୍ଥାରେ ବହୁ ଯୁବ ଜୀବନକୁ ପରିବର୍ତ୍ତନ କରିପାରିଛି । ଏହି ଚିକିତ୍ସାରେ ଆୟୁଷ୍ମାନ ଭାରତ ଏବଂ ଅନ୍ୟାନ୍ୟ ସରକାରୀ ସମର୍ଥିତ ରୋଗୀ କଲ୍ୟାଣକାରୀ ଯୋଜନାରେ ବିନା ମୂଲ୍ୟରେ ଅସ୍ତ୍ରୋପଚାର ପ୍ରଦାନ କରିଥାଏ । ଏହି କାର୍ଯ୍ୟକ୍ରମ ଓଡିଶା ସମେତ ପଡୋଶୀ ରାଜ୍ୟଗୁଡିକରୁ ଆସୁଥିବା ରୋଗୀମାନଙ୍କ ପାଇଁ ଏକ ନୂତନ ଆଶା ସଞ୍ଚାର କରିଛି ବୋଲି ହସ୍‌ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ତଥା ଚିକିତ୍ସା ସେବା ନିର୍ଦ୍ଦେଶକ ଡକଟର ଆଲୋକ ଶ୍ରୀବାସ୍ତବ କହିଛନ୍ତି । ଯେଉଁ ପିଲାମାନେ ଏକଦା ଶୁଣିବା, କହିବା କିମ୍ବା ସ୍କୁଲ ଯିବାରେ ଅସମର୍ଥ ସେମାନଙ୍କୁ ଏହି ଚିକିତ୍ସା ବେଶ୍ ଲାଭ ଦାୟକ କରିଛି । ପ୍ରତ୍ୟେକ ସଫଳତା ପଛରେ ଅତ୍ୟାଧୁନିକ ସୁବିଧା ଏବଂ ଦଳଗତ କାର୍ଯ୍ୟ ବୋଲି ଡା. ଶ୍ରୀବାସ୍ତବ କହିଥିଲେ । ଆପୋଲୋ ହସ୍ପିଟାଲର ଆଧୁନିକ ଅସ୍ତ୍ରୋପଚାର କୋଠରୀ, ଉନ୍ନତ କୋକ୍ଲିୟର୍ ଇମ୍ପ୍ଲାଣ୍ଟ ପ୍ରଯୁକ୍ତି ବିଦ୍ୟା ଏବଂ ଉତ୍ସର୍ଗୀକୃତ ଦଳଗତ କାର୍ଯ୍ୟ ଏହି ଚିକିତ୍ସା ବ୍ୟବବସ୍ଥାକୁ ସଫଳ କରିଛି । ଶିଶୁ, ଆନାସ୍ଥେସିଆ ଏବଂ ଅଡିଓଲୋଜି ଦଳଗୁଡ଼ିକ ପ୍ରତ୍ୟେକ ଶିଶୁର ସୁରକ୍ଷା, ଆରାମ ଏବଂ ସର୍ବୋତ୍ତମ ସମ୍ଭାବ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ଶଲ୍ୟଚିକିତ୍ସାୟୁନିଟ୍



ସହିତ ଘନିଷ୍ଠ ସମନ୍ୱୟରେ କାର୍ଯ୍ୟ କରନ୍ତି । ଏହି ସମନ୍ୱୟ ଏକ ଚ୍ୟାଲେଞ୍ଜିଂ ଅସ୍ତ୍ରୋପଚାରକୁ ଜୀବନ ପରିବର୍ତ୍ତନକାରୀ ସଫଳତାରେ ପରିଣତ କରେ ବୋଲି ଡକଟର ଶ୍ରୀବାସ୍ତବ କହିଛନ୍ତି । କାର୍ଯ୍ୟକ୍ରମର ଯାତ୍ରା ବିଷୟରେ ବର୍ଣ୍ଣନା କରି, ଇଏନଟି (ହେଡ୍ ଆଣ୍ଡ୍ ନେକ୍ ସର୍ଜରୀ)ର ବରିଷ୍ଠ ପରାମର୍ଶଦାତା ଡକଟର ସଞ୍ଜୀବ ଗୁପ୍ତା କହିଛନ୍ତି ଆମର କୋକ୍ଲିୟର୍ ଇମ୍ପ୍ଲାଣ୍ଟ କାର୍ଯ୍ୟକ୍ରମ ୨୦୧୧ ରେ ଏକ ସ୍ପଷ୍ଟ ଲକ୍ଷ୍ୟ ସହିତ ଆରମ୍ଭ ହୋଇଥିଲା । ବର୍ଷବର୍ଷ ଧରି ଆମେ ଆୟୁଷ୍ମାନ ଭାରତ ଯୋଜନା ଏବଂ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ଅନେକ ସଫଳ ପ୍ରତିରୋପଣ କରିଛୁ । ଯାହା ସୁନିଶ୍ଚିତ କରୁଛି ଯେ ସୁଲଭତା କେବେବି ଶ୍ରବଣଶକ୍ତି ପାଇଁ ପ୍ରତିବନ୍ଧକ ହେବ ନାହିଁ । ଇଏନଟିର ବରିଷ୍ଠ ପରାମର୍ଶଦାତା-ଡକଟର ଏସ୍. କେ. ପ୍ରଧାନ, (ମଥା ଏବଂ ବେକ ଅସ୍ତ୍ରୋପଚାର) କହିଛନ୍ତି ଶ୍ରାବ୍ୟ କ୍ଷତିର ପ୍ରାରମ୍ଭିକ ଚିହ୍ନଟ ସମ୍ପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ । ଜୀବନର ପ୍ରଥମ କିଛି ବର୍ଷ କଥା ଏବଂ ଭାଷା ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦ୍ୱିପାକ୍ଷିକ କୋକ୍ଲିୟର୍ ପ୍ରତିରୋପଣରେ ଉଭୟ କାନ ପ୍ରତିରୋପଣ କରାଯାଏ । ଏହା ଏକକ ପ୍ରତିରୋପଣ ତୁଳନାରେ ବହୁତ ଉନ୍ନତ ଫଳାଫଳ ପ୍ରଦାନ କରେ । ସରଳ ଭାବରେ କହିବାକୁ ଗଲେ, ଦୁଇଟି କାନ ସହିତ ଶୁଣିବା ଦୁଇଟି ଆଖି ସହିତ ଦେଖିବା ପରି ଜରୁରୀ । ପ୍ରଯୁକ୍ତିବିଦ୍ୟା ନବସୃଜନ, ଶଲ୍ୟଚିକିତ୍ସା ବିଶେଷଜ୍ଞତା ଏବଂ ସଂସ୍ଥାଗତ ପ୍ରତିବଦ୍ଧତା ସହିତ, ଆପୋଲୋ ହସ୍ପିଟାଲର କୋକ୍ଲିୟର୍ ଇମ୍ପ୍ଲାଣ୍ଟ କାର୍ଯ୍ୟକ୍ରମ ଶ୍ରବଣ ପୁନର୍ବାସରେ ଉତ୍କର୍ଷତାର ଏକ ମଡେଲ୍ ଭାବରେ ଠିଆ ହୋଇଛି । ଆପୋଲୋ ହସ୍ପିଟାଲ୍ ଏହାର ମିଶନରେ ସ୍ଥିର ରହିଛି । ଶ୍ରବଣଶକ୍ତି ପୁନଃସ୍ଥାପନ କରିବା, ଆତ୍ମବିଶ୍ୱାସ ପୁନଃସ୍ଥାପନ କରିବା ଏହି ଚିକିତ୍ସାର ମୂଳ ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ।

# ରିଜର୍ଭବ୍ୟାଙ୍କ ଡେପୁଟି ଗଭର୍ଣ୍ଣର ଓ ନଗରଉନ୍ନୟନ ମନ୍ତ୍ରୀଙ୍କ ମଧ୍ୟରେ ସୌଜନ୍ୟମୂଳକ ଆଲୋଚନା

ବେତନଟୀ , (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଚିଶୋଳ ଗ୍ରାମରେ ଭାରତୀୟ ରିଜର୍ଭବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଶିରୀଶ ଚନ୍ଦ୍ର ମୁର୍ମୁ ଏବଂ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ.



କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ହୋଇଯାଇଛି । ଭାରତର ପୂର୍ବତନ ସିଏଜି ତଥା ଜାମ୍ମୁକାଶ୍ମୀରର ପ୍ରଥମ ଉପରାଜ୍ୟପାଳ ବରିଷ୍ଠ ଆଇଏଏସ ଅଧିକାରୀ ଗିରିଶ ଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଶିରୀଶ ଚନ୍ଦ୍ର ମୁର୍ମୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ ଚଳିତମାସ ୮ ତାରିଖରେ ଦାୟୀତ୍ୱ ଗ୍ରହଣ କରିବାପରେ ଏହା ତାଙ୍କର ପ୍ରଥମ ବେତନଟୀ ଗସ୍ତ ।ବେତନଟୀ ଥାନା ଅଧୀନ ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଚିଶୋଳସ୍ଥିତ ପୈତୃକ ଗ୍ରାମକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଶିରୀଶ ମୁର୍ମୁ କିଛିଦିନ ପାଇଁ ଆସିଥିବା ବେଳେ ମଙ୍ଗଳବାର ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କଞ୍ଚିଶୋଳ ଗ୍ରାମରେ ପହଞ୍ଚିଥିଲେ । ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ରଙ୍କ ସମେତ ପୂର୍ବତନ ବିଧାୟକ ତଥା ଭାଜପାର ପ୍ରାକ୍ତନ ଜିଲ୍ଲା ସଭାପତି କାହ୍ନା ସୋରେନ, ଜିଲ୍ଲା ଉପସଭାପତି ପରେଶଚନ୍ଦ୍ର ମହାନ୍ତ, ପ୍ରଦୀପ ମହାନ୍ତି, ଦାନ୍ତିଆମୁହାଁ ସମିତିସଭ୍ୟ ସୁକୁଲ ମୁର୍ମୁ, କୁନା ମହାନ୍ତ ପ୍ରମୁଖ ମଧ୍ୟ ଏହି ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଅଞ୍ଚଳ ଏବଂ ଅଞ୍ଚଳ ବାସୀଙ୍କୁ ନେଇ ବିଭିନ୍ନ ଗଠନମୂଳକ ଦିଗ ଉପରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିଲା ।

# ନଭେମ୍ବର ୧୦ରୁ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ନଭେମ୍ବର ୧୦ ରୁ ଆୟୋଜନ ହେବାକୁ ଯାଉଛି ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ । ଏଥର ଶୀର୍ଷକ ରହିଛି "ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଓ କୃଷି ଐତିହ୍ୟରେ ମହିଳାଙ୍କ ଭାଗିଦାରୀ" । ଚଳିତ ଥର ମହିଳା ଚାଷୀଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯିବ । କୃଷିରେ ପୁରୁଷଙ୍କ ଭଳି ମହିଳାଙ୍କ ଭାଗିଦାରୀ ମଧ୍ୟ ଅନୁରୂପ । ସେମାନେ ହିଁ ପ୍ରକୃତରେ ଆମର ପାରମ୍ପରିକ ଖାଦ୍ୟ ଶସ୍ୟର ସଂରକ୍ଷକ । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନିଟରିଂ କମିଟିର ବୈଠକ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବାକୁ କାର୍ଯ୍ୟକ୍ରମ ଥିବା ବେଳେ ଉଦଯାପନୀ ସମାରୋହରେ ରାଜ୍ୟପାଳ ଯୋଗଦେବେ । ଦେଶ ବିଦେଶରୁ ବହୁ କୃଷିବିତ୍, ବୈଜ୍ଞାନିକ,



ମହିଳା କୃଷି ଉଦ୍ୟୋଗୀ, ଏନଜିଓ, ଏଫପିଓ, ଅନ୍ତର୍ଜାତୀୟ ସଂସ୍ଥା ଯଥା ଏଫଏଓ, ଏମଏସଏସଆରଏଫ, ଆଇଏଫପିଆରଆଇ, ଏସଇଡବ୍ଲୁଏ ଆଦି ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ବହୁ ସଂଖ୍ୟକ ଚାଷୀ, ଉଦ୍ୟୋଗୀ, ଛାତ୍ରଛାତ୍ରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ । ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି । ଚଳିତବର୍ଷର ମାସ୍କଟ ମିଲି ମଧ୍ୟ ମୟୁରଭଞ୍ଜର ପ୍ରଖ୍ୟାତ ଫୁଟା ଶାଢ଼ୀ ପରିହିତା ଭାବେ ନଜର ଆସିବ । ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଓୟୁଏଟି ଡିନ ଡ଼ ପ୍ରସନ୍ନଜିତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆୟୋଜନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ ।

# ଡମଣା ଛକରେ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କାମ ସାରି ଅଭିଯୋଗକାରିଣୀ ଘରକୁ ଫେରୁଥିବା ବେଳେ ତାଙ୍କୁ ପିଛା କରି ଡମଣା ଛକ ନିକଟ ଅନ୍ଧାରରେ ବଳାତ୍କାର ଉଦ୍ୟମ କରିଥିବା ଯୁବକ ପ୍ରଦୀପ ପାଢୀ (୩୭)କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।

ମଙ୍ଗଳବାର ରାତି ସାଢେ ୯ ଟା ବେଳେ ଅଭିଯୋଗକାରିଣୀ ଡମଣା ଛକରେ ଥିବା ଷ୍ଟେସନାରୀ ଦୋକାନରୁ କାମ ସାରି ଘରକୁ ଫେରୁଥିଲେ । ଅଭିଯୁକ୍ତ ଯୁବକ ରାସ୍ତାରେ ତାଙ୍କୁ ଅଟକାଇ ଧମକାଇଥିଲା । ଏପରିକି ତାଙ୍କୁ ଟଣାଓଟରା କରି ବଳାତ୍କାର ଉଦ୍ୟମ କଲା । ପୀଡିତା ଭୟଭୀତ ହୋଇ ଅତର୍କିତ ଶବ୍ଦ କରି ସାହାଯ୍ୟ ଭିକ୍ଷା କରିଥିଲେ । ଏହା ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲା । ଚନ୍ଦ୍ରଶେଖରପୁର ଥାନାରେ ପୀଡିତା ଲିଖିତ ଅଭିଯୋଗ କରିଥିଲେ । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରାତିରେ ଦୋକାନରୁ କାମ ସାରି ନିୟମିତ ଏକାକୀ ଘରକୁ ଫେରନ୍ତି । ମଙ୍ଗଳବାର ଦିନ ଅଭିଯୁକ୍ତ ପ୍ରଦୀପ ଖରାପ ଉଦ୍ଦେଶ୍ୟ ରଖି ତାଙ୍କୁ ଅନୁସରଣ କରିବା ସହ ଅନ୍ଧାର ଓ ନିର୍ଜନତାର ସୁଯୋଗ ନେଇ ବଳାତ୍କାର ଉଦ୍ୟମ କରିଥିଲା । ପୋଲିସ ଅଭିଯୁକ୍ତ ପ୍ରଦୀପକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଅନୁକମ୍ପାମୂଳକ ଚାକିରି

## ଆବେଦନ କରିଥିବା କ୍ଷଣପ୍ରଭାଙ୍କୁ ନିଯୁକ୍ତି ଦିଅ : ହାଇକୋର୍ଟ

କଟକ, (ସବ୍ୟୁ) : ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ସମୟ କେବେ ତାହା କୌଣସି ଠାରେ ଉଲ୍ଲେଖ କରାଯାଇ ନାହିଁ । ସରକାରୀ ଚାକିରିରେ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇନଗତ ଉତ୍ତାଧିକାରୀଙ୍କ ଆବେଦନ କରିବାର ସମୟ ଆରମ୍ଭ ହୋଇଥାଏ । ତେଣୁ ଅନୁକମ୍ପାମୂଳକ ଚାକିରି ପାଇଁ ବିଳମ୍ବରେ ଆବେଦନ ଆଳରେ ଜଣଙ୍କ ଆବେଦନକୁ ଖାରଜ କରିବା ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ମତବ୍ୟକ୍ତ କରିଛନ୍ତି । ତେଣୁ ସ୍ୱାମୀଙ୍କ ମୃତ୍ୟୁ ପରେ ଅନୁକମ୍ପା ମୂଳକ ଚାକିରୀ ପାଇଁ ଆବେଦନ କରିଥିବା ବିଧବା କ୍ଷଣପ୍ରଭା ନାୟକଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ସତ୍ୟରଞ୍ଜନ ପତିଙ୍କ ଯୁକ୍ତିକୁ ବିଚାରକୁ ନେଇ ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଆଦେଶ କାର୍ଯ୍ୟକାରି କରାଗଲା କି ନାହିଁ ତାହା ୮ ସପ୍ତାହ ମଧ୍ୟରେ ରେଜିଷ୍ଟ୍ରାର ଜୁଡ଼ିସିଆଲଙ୍କୁ ଅବଗତ କରାଇବାକୁ ଅଦାଲତ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି ।କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କ୍ଷଣପ୍ରଭା ନାୟକଙ୍କର ସ୍ୱାମୀ କାର୍ଯ୍ୟ କରୁଥିଲାବେଳେ ହଠାତ୍ ତାଙ୍କର ଦେହାନ୍ତ ହୋଇଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁପରେ ଅନୁକମ୍ପାମୂଳକ ଚାକିରି ପାଇଁ ସେ ଆବେଦନ କରିଥିଲେ । କିନ୍ତୁ ସେ ବିଳମ୍ବରେ ଆବେଦନ କରିଥିବା ଦର୍ଶାଯାଇ ପ୍ରଶାସନ ପକ୍ଷରୁ ତାଙ୍କ ଆବେଦନକୁ ଖାରଜ କରି ଦିଆଯାଇଥିଲା। ଏହି ଆଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଭଞ୍ଜନଗରରେ ବିଜେଡି ଛାଡି ବିଜେପିରେ ମିଶିଲେ
## ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ନଗରପାଳଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ କର୍ମୀ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ବିଜେପି ପକ୍ଷରୁ ବୁଧବାର ସ୍ଥାନୀୟ ଜଳସଂପଦ ଡାକ ବଙ୍ଗଳା ପଡିଆରେ ଏକ ମହା ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେଡି ଛାଡି ବିଜେପିରେ ବହୁ ଛାମୁଆ କର୍ମୀ ଓ ନେତା ସାମିଲ ହୋଇଛନ୍ତି । ଫଳରେ ଭଞ୍ଜନଗର ବ୍ଲକସ୍ତରରେ ବିଜେପି ଅଧିକ ସୁଦୃଢ ହୋଇଥିବାବେଳେ ବିଜେଡି ଏଠାରେ ଦୁର୍ବଳ ହେବାରେ ଲାଗିଛି । ଭଞ୍ଜନଗର ଏନଏସିର ପୂର୍ବତନ ନଗରପାଳ ତଥା ସହର ଯୁବ ବିଜେଡି ସଭାପତି ସୁଧୀର ରଞ୍ଜନ ବେହେରାଙ୍କ ସମେତ ବହୁ ପୂର୍ବତନ କାଉନସିଲର ଓ ସହରର ବହୁ ଛାମୁଆ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ଏହି ବ୍ଲକର ଗାଲେରୀ ସରପଞ୍ଚ ସୁମିତ୍ରା ଗୌଡ, ହରିଗଡ ସରପଞ୍ଚ ସୁଦେଷ୍ଣା ଦଳବେହେରା, ବ୍ରାହ୍ମଣପଦର ସରପଞ୍ଚ ବନମାଳୀ ଗୌଡ, ବାରୁଡା ସରପଞ୍ଚ ମମତା




ନାୟକ, ସାନକୋଦଣ୍ଡା ପଞ୍ଚାୟତର ସମିତି ସଭ୍ୟା ନମିତା ନାୟକ, ଡୁମାକୁମ୍ପା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଭଞ୍ଜନଗର ଷୋହଳଖଣ୍ଡ ଗୌଡ ସମାଜର ସଭାପତି ଶିବଶଙ୍କର ପ୍ରଧାନ ଓରଫ ମିଟୁ, ପୂର୍ବତନ ସମିତିସଭ୍ୟ ଟୁକୁନା ସାହୁ, ଗାଲେରୀର ପୂର୍ବତନ ସରପଞ୍ଚ ଅବନୀ ଗୌଡ, ଯୁବ ସଂଗଠକ ଶଙ୍କର୍ଷଣ ମହାରଥା, ସୁଶାନ୍ତ ମହାରଥା, ବାରୁଡାର ଯୁବ ବିଜେଡି ସଂଗଠକ ସଞ୍ଜୟ ନାୟକ ପ୍ରମୁଖ ତାଙ୍କର ବହୁ ସମର୍ଥକଙ୍କ ସହ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ବ୍ରହ୍ମଣପଦର, ଦଦରାଲୁଣ୍ଡା, ହରିଗଡ, ଗାଲେରୀ, ବାଗୁଡା, କୁଲାଡ, ଗୋଲାପଡା, ଜିଲୁଣ୍ଡି, ବଡକୋଦଣ୍ଡା, ସାନକୋଦଣ୍ଡା, ମୁଦୁଲିପଲ୍ଲୀ ପଞ୍ଚାୟତର ବହୁ ବିଜେଡି ଛାମୁଆ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି ।

ଏହି ମହା ମିଶ୍ରଣ ପର୍ବ ପୂର୍ବରୁ ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟାରେ ବିଜେପି କର୍ମୀମାନେ ସ୍ଥାନୀୟ ବାଗଦେବୀ କଇଁଆ ପୀଠରୁ ଏକ ବିଶାଳ ମୋଟର ସାଇକେଲ ରାଲିରେ ସହର ପରିକ୍ରମା କରିବାସହ ଶେଷରେ ମିଶ୍ରଣ ସ୍ଥଳରେ ପହଞ୍ଚିଥିଲେ । ଆୟୋଜିତ ଏହି ମହା ମିଶ୍ରଣ ପର୍ବରେ ଘୁମୁସର ଜିଲ୍ଲା ବିଜେପି ସଭାପତି ନୀଳମାଧବ ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଏଥିରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ନରିସଭା ନାଇକ, ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର, ସାଂସଦ ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡି, ରବିନ୍ଦ୍ର ଗୌଡ, ମହେନ୍ଦ୍ର ପଣ୍ଡା, ମୁଜାଗଡ ମଣ୍ଡଳ ସଭାପତି ଧୋବା ଗୌଡ, ରାଜ୍ୟ ପରିଷଦ ସଦସ୍ୟ ବିଷ୍ଣୁପ୍ରସାଦ ପ୍ରଧାନ, ସରପଞ୍ଚ ସଂଘ ସଭାପତି ସୁବାସ ଚନ୍ଦ୍ର ବରାଡ ପ୍ରମୁଖ ମଞ୍ଚାସୀନ ରହିଥିଲେ ।

# ଛୁରୀରେ ଆକ୍ରମଣ କରି ଯୁବକ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଞ୍ଚୁରୁ ଗ୍ରାମରେ ଛୁରୀରେ ଆକ୍ରମଣ କରି ଜନୈକ ଯୁବକ ଗିରଫ ହୋଇଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ହେଲେ ବିଜୟ କୁମାର ଆପଟଙ୍କ ପୁଅ ଜିତେନ୍ଦ୍ର କୁମାର ଆପଟ (୩୦) । ଏନେଇ ବୁଗୁଡା ଥାନାରେ କେସ୍ ନଂ ୬୬୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, କୌଣସି ଘଟଣାକୁ କେନ୍ଦ୍ର କରି ଗତ ୧୯ ତାରିଖ ରାତିରେ ଜିତେନ୍ଦ୍ର ସେହି ଗ୍ରାମର ପ୍ରତାପ କୁମାର ସେଠୀ (୪୦)ଙ୍କ ଘର ସାମନାକୁ ଯାଇ ଜାତିଆଣ ଆକ୍ଷେପ କରି ଅଭଦ୍ର ଭାଷାରେ ଗାଳି ଗୁଲଜ କରି ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ପ୍ରତାପ ଏବଂ ତାଙ୍କ ସ୍ତ୍ରୀ ଏହାର ପ୍ରତିବାଦ କରିବାରୁ ଉଭୟଙ୍କୁ ଗାଳି କରି ଜିତେନ୍ଦ୍ର ଏକ ଛୁରୀରେ ଆକ୍ରମଣ କରିଥିଲା ଏବଂ ପ୍ରତାପଙ୍କ ବାମ ହାତର ମଝି ଆଙ୍ଗୁଳିରେ ଆଘାତ ଲାଗିଥିଲା । ଏନେଇ ପୋଲିସରେ ପ୍ରତାପଙ୍କ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ ସହ ଆକ୍ରମଣରେ ବ୍ୟବହୃତ ଛୁରୀକୁ ଜବତ କରିଥିବା ବେଳେ ଅଭିଯୁକ୍ତ ଜିତେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।




# ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଚଢ଼ିଗଲା ଡମ୍ଫର
## ଶିକ୍ଷୟିତ୍ରୀ ମୃତ, ସ୍ୱାମୀ ଗୁରୁତର

ବାରିପଦା, (ସବ୍ୟୁ) : ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇରୁ ଷ୍ଟେସନ୍ ବଜାର ରୋଡରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହେବାପରି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରନିପ୍ରଭା ଷଡଙ୍ଗୀ। ପ୍ରକାଶ ଯେ, ବାଲେଶ୍ୱର ଗୋଲେଇରୁ ଷ୍ଟେସନ୍ ବଜାର ରୋଡ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ଛକ ନିକଟରେ ଏକ ଡମ୍ଫର ଚାଳକ ଦ୍ରୁତଗତିରେ ଆସି ସ୍କୁଟି ଚାଳକ ରନିପ୍ରଭା ଷଡଙ୍ଗୀ ଓ ତାଙ୍କ ସ୍ୱାମୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିକ୍ଷୟିତ୍ରୀ ଜଣଙ୍କ ଅଚେତ୍ ହୋଇଯାଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଥିଲେ। ଏନେଇ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ବାରିପଦା ଟାଉନ ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତଦ୍ୱୟଙ୍କୁ ବାରିପଦା ମୁଖ୍ୟ ଚିକିସାଳୟକୁ ଚିକିସା ନିମନ୍ତେ ନେଇଯାଇଥିଲେ। ମାତ୍ର ଆହତଦ୍ୱୟଙ୍କୁ ମଧ୍ୟରୁ ପ୍ରଧାନଶିକ୍ଷୟିତ୍ର ରନିପ୍ରଭାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ସ୍ୱାମୀ ଗୁରୁତର ଭାବେ ଆହତ ହୋଇ ଚିକିସିତ ହେଉଥିବା ଡାକ୍ତର କହିଛନ୍ତି। ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।


# ଦୁଇ ଦେଶୀ ବନ୍ଧୁକ ଜବତ, ୩ ଗିରଫ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ପୁଲିସ ପୁଣି ୨ଟି ଦେଶୀ ବନ୍ଧୁକ ଜବତ କରିଛି । ଏଥିସହ ଏକ କେଟରେଜ୍ ମଧ୍ୟ ଜବତ ହୋଇଛି । ଏହି ମାମଲାରେ ୩ଜଣଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟଚାଲଣ କରିଛି ପୁଲିସ । ଥାନା ଅଧିକାରୀ ଜୀବନାନନ୍ଦ ଜେନା ଦେଇଥିବା ସୂଚନା ପ୍ରକାରେ ପୁଲିସ ପେଟ୍ରୋଲିଂ ଟିମ୍ ଏସଆଇ ଲକ୍ଷ୍ମୀଧର ମହାନ୍ତିଙ୍କ ନେତୃତ୍ୱରେ ବୁଧବାର ମଧ୍ୟାହ୍ନରେ ସୋରାଦେବୀ ମନ୍ଦିର ରାସ୍ତାରେ ପେଟ୍ରୋଲିଂ କରୁଥିବାବେଳେ ସେଠାରେ ସହରର ରେଜିପୁଟ ଇଲାକାର ଶଙ୍କର ସ୍ୱାଇଁ(୩୩) ଓ ପିଣ୍ଟୁ ସ୍ୱାଇଁ(୩୦) ନାମକ ୨ଜଣ ଯୁବକ ଠିଆ ହୋଇଥିବା ଦେଖି ସେମାନଙ୍କୁ ପଚରାଉଚୁରା କରିଥିଲେ । ଆଉ ସେମାନଙ୍କୁ ସର୍ଚ୍ଚ କରିବାବେଳେ ଉଭୟଙ୍କ ପାଖରୁ ୨ଟି ଦେଶୀ ବେଆଇନ ହାତ ତିଆରି ବନ୍ଧୁକ ମିଳିଥିଲା । ଏଥିସହ ଏକ



କେଟିରିଜ୍ ମଧ୍ୟ ସେମାନଙ୍କ ନିକଟରୁ ମିଳିଥିଲା । ଉଭୟଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାପରେ ସେମାନେ ଭେଜିପୁଟର ଦିବାକର ପଟ୍ଟନାୟକ(୩୦)ଙ୍କ ଠାରୁ ଏହି ବେଆଇନ୍ ଦେଶୀ ବନ୍ଧୁକ ଆଣିଥିବା ଉଲ୍ଲେଖ କରିଥିଲେ ।

ପରେ ପୁଲିସ ଦିବାକର ପଟ୍ଟନାୟକଙ୍କୁ ଉଠାଇ ଆଣିବା ସହ ସମସ୍ତ ୩ ଅଭିଯୁକ୍ତଙ୍କ ନାମରେ ଭଞ୍ଜନଗର ଥାନା କେଶ ନମ୍ବର-୧୧୬୫/ ୨୦୨୫ରେ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ଗିରଫ କରି ଶେଷରେ କୋର୍ଟଚାଲଣ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏବେ ସୁଦ୍ଧା ଭଞ୍ଜନଗର ପୁଲିସ ଏହି ଥାନା ଇଲାକାରୁ ଏବେ ସୁଦ୍ଧା ୨୪ ରୁ ଉର୍ଦ୍ଧ୍ୱ ଦେଶୀ ବନ୍ଧୁକ ଓ ପିସ୍ତଲ୍ ଆଦି ଜବତ କରିଛି ।




# ଗଜପତି ପୋଲିସକୁ ମିଳିଲା ବଡ଼ ସଫଳତା
## ଚୋରା ଦେଶୀ ବନ୍ଧୁକ କାରଖାନା ଠାବ : ୧୨ ଦେଶୀ ବନ୍ଧୁକ ଜବତ, ଦୁଇ ଗିରଫ



ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ଅନ୍ତର୍ଗତ ମୋହନା ଥାନା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି । ପୋଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନାକୁ ଜବତ କରିବା ସହ ସେଠାରୁ ୧୨ ଗୋଟି ଦେଶୀ ବନ୍ଧୁକ ଜବତ କରିଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି । ପ୍ରକାଶଯେ, ମୋହନା ବ୍ଲକ ଡମ୍ବଗୁଡା ଗ୍ରାମ ପଞ୍ଚାୟତର ଗୋଲାପାଙ୍କୁ ଗ୍ରାମର ଘନଶ୍ୟାମ ପ୍ରଧାନ ଦୀର୍ଘ ବର୍ଷ ଧରି ଗ୍ରାମ ଠାରୁ ଅନତି ଦୂରରେ ଏକ ଦେଶୀ ବନ୍ଧୁକ ତିଆରି କାରଖାନା କରି ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ବିକ୍ରି କରୁଥିବା ଖବର ପାଇ ଅଚାନକ ମୋହନା ପୋଲିସ ଚଢାଉ କରି କାରଖାନା ସହ ତିଆରି କରୁଥିବା ଅଭିଯୋଗରେ ଘନଶ୍ୟାମକୁ ଗିରଫ କରିବା ସହ କ୍ରୟ କରିବା ଅଭିଯୋଗରେ ହରିଶ୍ଚନ୍ଦ୍ର ମଲ୍ଲିକକୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ଏହି ବିଷୟରେ ମୋହନା ଥାନା ପରିସର ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏସପି କହିବା ମୁତାବକ କାରଖାନା ଚଳାଉ ଥିବା ଅଭିଯୁକ୍ତଙ୍କ ଠାରୁ ଏହି ତିନି ଜିଲ୍ଲାରେ କେଉଁମାନେ ବେନାମୀ ଦେଶୀ ବନ୍ଧୁକ କ୍ରୟ କରିଛନ୍ତି ସେମାନଙ୍କୁ ତଦନ୍ତ ପରିସରକୁ ଆଣି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ମୋହନା ପୋଲିସ ବନ୍ଧୁକ ତିଆରି ନିମନ୍ତେ ବ୍ୟବହୃତ ହେଉଥିବା ସରଞ୍ଜାମ ସହ ୧୨ଟି ବନ୍ଧୁକ ଜବତ କରିଛି । ଏହି ସାମ୍ବାଦିକ ସମ୍ମିଳନୀ ସମୟରେ ଏସଡିପି ଓ ସୁରେଶ କୁମାର ତ୍ରିପାଠୀ ଏବଂ ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକ ସନ୍ତୋଷ ପାଢ଼ୀଙ୍କ ସ୍ମୃତିରେ ଶୋକସଭା

ଛତ୍ରପୁର, (ସବ୍ୟୁ): ଛତ୍ରପୁର ପ୍ରେସ କ୍ଲବ ପରିସରରେ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ଛତ୍ରପୁର ପ୍ରତିନିଧି ବରିଷ୍ଠ ସାମ୍ବାଦିକ ଛତ୍ରପୁର ପ୍ରେସ କ୍ଲବର ପୂର୍ବତନ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀଙ୍କ ସ୍ମରଣରେ ଏକ ଶୋକସଭା ଆୟୋଜିତ ହୋଇଥିଲା । ପ୍ରେସକ୍ଲବ ସଭାପତି ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ସାଧାରଣ ସମ୍ପାଦକ ଅଜିତ କୁମାର ସ୍ୱାଇଁ, ଉପସଭାପତି ପ୍ରଦୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସାହୁ ଓ କୋଷାଧ୍ୟକ୍ଷ ଖିରୋଦ ଚନ୍ଦ୍ର ସାହୁଙ୍କ ସମେତ ବହୁ ସଦସ୍ୟମାନେ ଯୋଗ ଦେଇ ସ୍ୱର୍ଗତ ପାଢ଼ୀଙ୍କ ଫୋଟ ଚିତ୍ରରେ ପୁଷ୍ପାଞ୍ଜଳୀ ପ୍ରଦାନ କରିବା ସହ ସ୍ମୃତି ଚାରଣ କରିଥିଲେ ।

୧୯୮୦ ମସିହା ଜୁଲାଇ ୧ ତାରିଖ ଦିନ ସୁନାବେଡାରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ପାଢୀ ୨୦୦୫ ମସିହାରୁ ଛତ୍ରପୁର ରୁ ସାମ୍ବାଦିକ ଜୀବନ ଧରିତ୍ରୀର ଛତ୍ରପୁର ପ୍ରତିନିଧି ଭାବେ ଆରମ୍ଭ କରି ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସେ ଦୀର୍ଘ ଦିନ ଧରି ଚିକିତ୍ସାଧୀନ ଥିଲେ । ବେଗୁନିଆପଡ଼ା ବ୍ଲକ କୋଦଳା ନିକଟସ୍ଥ ବେରୁଆବାଡିର ମୂଳ ନିବାସୀ ସ୍ୱର୍ଗତ ପାଢୀ ଅବିବାହିତ ଥିବା ସହ କାଳିଆବାଲି ସ୍ଥିତ ପୈତୃକ ବାସଭବନରେ ଚିକିତ୍ସାଧୀନ ଅବସ୍ଥାରେ ଚଳିତ ଅକ୍ଟୋବର ମାସ ୨୦ ତାରିଖ ଦିନ ମାତ୍ର ୪୫ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ଶେଷକୃତ୍ୟ ପୁରୀର ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିଲା । ସାନ ଭାଇ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।


# ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱର୍ଗତ କୈଳାଶ ଚନ୍ଦ୍ର ଅଗ୍ରୱାଲଙ୍କ ଶୋକସଭା

ବାରିପଦା, (ସବ୍ୟୁ) : ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାରିପଦା ସରକାରୀ ଅବସର ପ୍ରାପ୍ତ କର୍ମଚାରୀ ଭବନ ଠାରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଆୟୋଜନ କରାଯାଇଥିଲା । ପ୍ରଥମେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ଅଗ୍ରୱାଲଙ୍କ ଫୋଟ ଚିତ୍ରରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ କରି ଶ୍ରଦ୍ଧାସୁମନ ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ। ତାପରେ ଶ୍ରୀ ଅଗ୍ରୱାଲାଙ୍କ ସ୍ମୃତି ଚାରଣ କରିଥିଲେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ। ସ୍ୱର୍ଗତ ଅଗ୍ରୱାଲ ଜଣେ ସୁସଙ୍ଗଠକ ସହିତ ପୂର୍ବତନ



ଜିଲ୍ଲା କଂଗ୍ରେସ ସଭାପତି, ବେତନଟୀ ବ୍ଲକ ଅଧ୍ୟକ୍ଷ ଥିବା ସମୟରେ ଅନେକ ବିକାଶ ମୂଳକ କାର୍ଯ୍ୟ କରି ବେତନଟୀ ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ଚିରସ୍ମରଣୀୟ ହୋଇ ରହିବେ ଏବଂ ଶ୍ରୀ ଅଗ୍ରୱାଲ କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି । ଏହି ଶୋକ ସଭା କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ପୂର୍ବତନ ନଗର ସଭାପତି ଶାନ୍ତନୁ ପାଲ ।

ମଞ୍ଚାସୀନ ଥିଲେ ପୂର୍ବତନ ଏମ୍‌ପି ସୁଶୀଳା ତିରିଆ, ପୂର୍ବତନ ଜିଲ୍ଲା ସଭାପତି ଦୀନକୃଷ୍ଣ, ପ୍ରଦୀପ ରଥ, ଏସ୍‌ଟି ସେଲ ଚୈତନ୍ୟ ହାଁସଦାଃ, ଜ୍ୟୋତି ପ୍ରକାଶ ରଥ, ବିଜନ ଦାସ, ସହିତ ସଭାରେ ଉପସ୍ଥିତ ଥିଲେ। ନାରାୟଣ ପଟ୍ଟନାୟକ, ଅଜୟ ମହାପାତ୍ର, ମୀନକେତନ ବେହେରା, ନିରୋଜ ଲୋଚନ ଦାସ, ଅଶୋକ ଗିରି, ବିଜୟ କୁମାର ଅଗ୍ରୱାଲ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ସମର ରଞ୍ଜନ ଦାସ, ନିର୍ମଳ ପ୍ରଧାନ, ଗୋସାଇଁ ମହାନ୍ତ, ବନମାଳୀ ବାରିକ, ରାଣା ସତ୍ୟକମ, ଦୀପକ ଦାସ, ମହିଳା ନେତ୍ରୀ ମାଧବୀ ସେନାପତି, ସୁନିତା ନାୟକ, ରଶ୍ମିତା ମିଶ୍ର, ଇତି ମିଶ୍ର, ୱାହିଦା ଅହମ୍ମଦ, ଭୁବନେଶ୍ୱରୀ ପରିଡା, ରବି ପରିଡା, ସହିତ ଶତାଧିକ କଂଗ୍ରେସ ନେତା ଶ୍ରୀ ଅଗ୍ରୱାଲଙ୍କ ଫୋଟ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।



## ସର୍ବେଶ୍ୱର ମେମୋରିଆଲ୍ ହସ୍ପିଟାଲରେ ଚିକିତ୍ସାଧୀନର ମୃତ୍ୟୁ

# ବୋଲେରୋ ସହ ହସ୍ପିଟାଲର ୨ କର୍ମଚାରୀ ଅଟକ, ପୋଲିସ କଲା ଉଦ୍ଧାର



ଓଡାପଡା,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ପଞ୍ଚାୟତ ଅଧୀନ କଣ୍ଟାବଣିଆ ଗ୍ରାମର କବି ମହାରଣା (୫୫) ଙ୍କର ସନ୍ଦେହ ଜନକ ଭାବେ ଢେଙ୍କାନାଳ ସ୍ଥିତ ସର୍ବେଶ୍ୱର ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି। କବି ମହାରଣା ଗତ ୨ ବର୍ଷ ତଳେ ପଡି ହାତ ଭାଙ୍ଗି ଯାଇଥିଲା। ତାହା ଚିକିତ୍ସା କରି ସୁସ୍ଥ ହୋଇ ନିଜର କାମ ଦାମ କରି ପ୍ରତିପୋଷଣ ହେଉଥିଲେ। ତାଙ୍କର ସ୍ତ୍ରୀଙ୍କର ପରଲୋକ ହୋଇଯାଇଛି। ଝିଅ ଦୁଇଟିଙ୍କୁ ବିବାହ କରି ଦେଇଛନ୍ତି। ସେ ଏକା ନିଜ ଘରେ ରହୁଥିଲେ। ସର୍ବେଶ୍ୱର ମେମୋରିଆଲ୍ ହସ୍ପିଟାଲର ଚିତରଂଜନ ଶତପଥୀ ନାମକ ଜଣେ କର୍ମଚାରୀ ଗ୍ରାମକୁ ଆସି ତାଙ୍କୁ ଡାକି ନେଇ ତାଙ୍କର ସ୍ୱାସ୍ଥ୍ୟ କାର୍ଡ ଓ ଆଧାର କାର୍ଡ ଧରି ହସ୍ପିଟାଲକୁ ନେଇ ଚିକିତ୍ସା କରିଥିବା ଜଣାପଡିଛି। କବି ମହାରଣା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ବୁଧବାର ତାଙ୍କର ପରଲୋକ ଘଟିଥିଲା।

ଏ ସମ୍ପର୍କରେ ସର୍ବେଶ୍ୱର ମେମୋରିଆଲ ହସ୍ପିଟାଲରୁ କବି ମହାରଣାଙ୍କର ଝିଅ ସୁଲୋଚନା ମହାରଣାଙ୍କ ପାଖକୁ ଫୋନ କରି କହିଥିଲେ କି ତୁମ ବାପାଙ୍କର ହାତ ଅପରେସନ୍ ହେବା ପରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଆସି ତୁମ ବାପାଙ୍କୁ ନେଇ ଯାଅ ବୋଲି ଗଣମାଧ୍ୟମକୁ କହିବା ସହିତ ତାଙ୍କ ଅନିଚ୍ଛା ସତ୍ତ୍ୱେ ମୋ ବାପାଙ୍କୁ କାହିଁକି ନେଇଥିଲେ ଏବଂ ତାଙ୍କ ହାତ ଅପରେସନର ଜରୁରୀ ନଥିବା ବେଳେ ତାଙ୍କ ହାତ ଅପରେସନରେ ଜୀବନ ଚାଲିଯିବା ସହଜରେ ଗ୍ରହଣ କରି ପାରୁନାହାନ୍ତି। ତାଙ୍କ ବାପାଙ୍କୁ ମାରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଆଜି ଅପରାହ୍ନରେ ଚିତ୍ତରଂଜନ ଶତପଥୀଙ୍କ ସହିତ ଅନ୍ୟ ଦୁଇଜଣ ଏକ ବୋଲେରୋ ଗାଡି ନମ୍ବର ଓଡି୦୨ବିଡି-୭୩୮୯ରେ ବଣିଆପଡା ଆସିଥିବା ବେଳେ ଗ୍ରାମବାସୀମାନେ ସେମାନଙ୍କୁ ଅଟକ ରଖି ହିନ୍ଦୋଳ ରୋଡ ଫାଣ୍ଡିକୁ ଖବର ଦେଇଥିଲେ। ଖବରପାଇ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ୩ ଜଣ ବ୍ୟକ୍ତିଙ୍କ ସହିତ ବୋଲେରୋ ଗାଡିକୁ ହିନ୍ଦୋଳ ରୋଡ ଫାଣ୍ଡିକୁ ନେଇ ମୋଟଙ୍ଗା ଥାନାକୁ ପଠାଇଥିବା ଜଣାପଡିଛି।

ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ କିଛି ଏଜେଣ୍ଟ ନିଯୁକ୍ତି କରି ଗ୍ରାମାଞ୍ଚଳରେ ସଚେତନ ନଥିବା କିଛି ଲୋକମାନଙ୍କୁ ନେଇ ଚିକିତ୍ସା ନାମରେ ତାଙ୍କ ସ୍ୱାସ୍ଥ୍ୟ କାଡରୁ ଟଙ୍କା ଖାଲି କରୁଥିବା ଦେଖିବାକୁ ମିଳିଥାଏ। ଏ ସମ୍ପର୍କରେ ତଦନ୍ତ କଲେ ଅନେକ ରହସ୍ୟ ଲୋକ ଲୋଚନକୁ ଆସିବ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କାଙ୍କୁ ପଚାରିବାରୁ ସେ କୁହନ୍ତି ଯେ ମୃତ୍ୟୁ ଘଟଣା ସତ୍ୟ , ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନଥିବା ପ୍ରକାଶ କରିବା ସହ ପୁଲିସ ୨ କର୍ମଚାରୀଙ୍କୁ ଉଦ୍ଧାର କରିଥିବା ପ୍ରକାଶ କରିଥିଲେ।

## ଜାମୁନାଳିରେ ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ



ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜାମୁନାଳି ହାଇସ୍କୁଲ ପରିସର ରେ ହଣ୍ଡପା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି । ଜାମୁନାଳି ପଂଚାୟତ ନାଗାଝରଣ ଗ୍ରାମର ଏସଓଜି ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ମାଓବାଦୀ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା ବେଳେ ତାଙ୍କ ଫୋଟୋ ବିଦ୍ୟାଳୟ ପରିସରରେ ମାଲ୍ୟାର୍ପଣ କରାଯାଇଥିଲା।

ଏ ନେଇ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଡଡିଆ ଯୋଗ ଦେଇ ଚନ୍ଦ୍ରକାନ୍ତଙ୍କର ଶହୀଦ ଯୋଗୁଁ ଆଜି କିଶୋରନଗର ବ୍ଲକ ଗର୍ବିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ହଣ୍ଡପା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ଶିକ୍ଷକ ସ୍ୟାମ ସୁନ୍ଦର ମାଝୀ, ଟଙ୍କଧର ପ୍ରଧାନ, ପ୍ରମୋଦ କୁମାର ସାମଲ, ଅଶୋକ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ମଞ୍ଜୁ ଲତା ପ୍ରଧାନପ୍ରମୁଖ ଯୋଗ ଦେଇଥିଲେ। ଏ ନେଇ ପୋଲିସ ପକ୍ଷରୁ ଚନ୍ଦ୍ରକାନ୍ତଙ୍କ ଘର କୁ ଯାଇ ତାଙ୍କ ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା' ବାପାଙ୍କୁ ମାଡ ମାରି ପୁଅ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମରେ ମାଆବାପାଙ୍କୁ ମାଡ ମାରିବା ଅଭିଯୋଗରେ ପୁଅ ଗିରଫ ହୋଇଥିବା ଜଣାଯାଇଛି । ଗିରଫ ଜଣକ ହେଲେ ଗୌଡିଆବୋରଦା ଗ୍ରାମର ମକର ପାତ୍ରଙ୍କ ପୁଅ ସନ୍ତୋଷ କୁମାର ପାତ୍ର (୪୩) । ଏନେଇ କେସ୍ ନଂ ୬୫୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶଯେ, ସନ୍ତୋଷ ସୁରତରେ କାମ କରୁଥିଲା ବେଳେ ଏବେ ଚାରି ମାସ ହେଲା ଗାଁରେ ରହି ମଦ ପିଇ କୌଣସି କାମ କରୁନଥିଲା । ମଦ ପିଇ ସ୍ତ୍ରୀକୁ ବାଡାବାଡି କରିବାରୁ ସେ ଘରଛାଡି ତା'ର ବାପ ଘରକୁ ଚାଲିଯାଇଥିଲେ । ତେବେ ଗତ ୧୯ ତାରିଖ ରାତି ପ୍ରାୟ ୯ଟା ବେଳେ ସନ୍ତୋଷ ଘରକୁ ଆସି ମା' ମାୟା ପାତ୍ରଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲା । ମା' ମନା କରିବାରୁ ସନ୍ତୋଷ ରାଗିଯାଇ ତାଙ୍କୁ ଏକ ଲୁହା ରଡରେ ଆକ୍ରମଣ କରିଥିଲା । ସେ ଚିତ୍କାର କରିବାରୁ ସ୍ୱାମୀ ମକର ପାତ୍ର ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ପାଟିତୁଣ୍ଡ ଶୁଣି ପଡୋଶୀ ଘରଲୋକେ ଆସି ଆହତ ମାଆବାପାଙ୍କୁ ପୁଅର ଆକ୍ରମଣରୁ ରକ୍ଷା କରିଥିଲେ । ଏନେଇ ୨୦ ତାରିଖ ଦିନ ମାଆ ମାୟଙ୍କ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଆକ୍ରମଣରେ ବ୍ୟବହୃତ ଲୁହାରଡକୁ ଜବତ କରିଥିବା ବେଳେ ଅଭିଯୁକ୍ତ ପୁଅ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

## ୫୦ ଷ୍ଟ୍ରିଟ୍ ଲାଇଟ ଅଚଳ, ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକ ଠାରେ ଜାତୀୟ ରାଜ ପଥ ବିଭାଗ ପକ୍ଷରୁ ଫ୍ଲାଏ ଓଭର ବ୍ରିଜରେ ଉଭୟ ପାର୍ଶ୍ୱ କୁ ଆଲୋକିତ କରିବା ପାଇଁ ୧୧୦ ଟି ଷ୍ଟ୍ରିଟ ଲାଇଟ ଲଗାଯାଇଛି। ଉକ୍ତ ଲାଇଟ ଗୁଡିକ ଅଗଷ୍ଟ ମାସରେ ଲଗା ଯାଇଥିବା ବେଳେ ସେଥିରୁ ୫୦ଟି ଷ୍ଟ୍ରିଟ ଲାଇଟ ଅଚଳ ହୋଇପଡିଛି।

ଅତି ନିମମାନର ଲାଇଟ ଲଗା ଯାଇଥିବା ଯୋଗୁଁ ଧୀରେ ଧୀରେ ଲାଇଟ ଗୁଡିକ ଅଚଳ ହୋଇ ପଡୁଥିବା ବଇଣ୍ଡା ଗ୍ରାମବାସୀ ବୁଧବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ବଇଣ୍ଡାଠାରେ ଜାତୀୟ ରାଜ ପଥ ବିଭାଗର ରାସ୍ତା କାମ କରୁଥିବା ଠିକା ସଂସ୍ଥା ଅତି ନିମ୍ନମାନର ଲାଇଟ ଗୁଡିକ ଲଗାଇଛନ୍ତି। ଯେଉଁ ଦିନ ଲାଇଟ ଗୁଡିକ ଲଗାଗଲା ସେଇ ଦିନ ୩ଟି ଅଚଳ ହୋଇ ପଡିଥିଲା। ଧୀରେ ଧୀରେ ୫୦ଟି ଲାଇଟ ଅଚଳ ହୋଇ ପଡିଲାଣି। ଏପରିକି ଲାଇଟ ଗୁଡିକ ପ୍ରତେକ ଦିନ ସନ୍ଧ୍ୟା ୬ ଟା ରୁ ବିଦ୍ୟୁତ ସଂଯୋଗ ଦିଆ ଯାଉଥିବା ବେଳେ ରାତି ୧୧ଟା ରେ ସଂଯୋଗ କାଟି ଦିଆ ଯାଉଛି। ବିଶେଷ କରି ମାତ୍ର ୫ ଘଣ୍ଟା ଲାଗିବା ପରେ ସମ୍ପୂର୍ଣ୍ଣ ଅନ୍ଧାର ହୋଇ ଯାଉଛି। ଯାହା ଫଳରେ ଫ୍ଲାଏ ଓଭର ବ୍ରିଜ ସମ୍ପୂର୍ଣ୍ଣ ଅନ୍ଧାର ହୋଇ ଯାଉଥିବା ବେଳେ ରାତିରେ ବିଭିନ୍ନ ଗାଡି ଗୁଡିକକୁ କିଛି ଦୁର୍ବୃତ୍ତ ଅନ୍ଧାର ଦେଖି ଅଟକାଇ ଲୁଟ କରୁଛନ୍ତି। ଲାଇଟ ଗୁଡିକ ଅତି ନିମମାନର ହୋଇଥିବା ବେଳେ କିଛି ଲାଇଟ ନିଆଁ ବାହାରି ଅଚଳ ହୋଇ ପଡିଥିବା ଅଭିଯୋଗ ହୋଇଛି ।

ଏ ନେଇ ବଇଣ୍ଡା ଗ୍ରାମବାସୀ ବିଦ୍ୟୁତ ବିଭାଗ କାର୍ଯାଳୟରେ ଅଭିଯୋଗ କଲେ ମଧ୍ୟ ଉକ୍ତ ଲାଇଟ ର ସମ୍ପୂର୍ଣ୍ଣ ଦାଇତ୍ୱ ଠିକା ସଂସ୍ଥାର ବୋଲି ବିଦ୍ୟୁତ ବିଭାଗ ସଫେଇ ଦେଇଛି। ତୁରନ୍ତ ଅଚଳ ଥିବା ଲାଇଟ ଗୁଡିକ ଖୋଲି ନୂତନ ଲାଇଟ ଲଗାଇବା ସହ ୧୨ ଘଣ୍ଟା ଆଲୋକିତ କରିବା ପାଇଁ ବିଦ୍ୟୁତ ସଂଯୋଗ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ ବିଭାଗ ର ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତୁ ଫ୍ଲାଏ ଓଭର ବ୍ରିଜରେ ଲାଗିଥିବା ଷ୍ଟ୍ରିଟ ଲାଇଟର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକା ସଂସ୍ଥା ଏଆଇପିଏଲର। ଯାହା ଅସୁବିଧା ଉକ୍ତ ଠିକା ସଂସ୍ଥା ଏହାର ସମାଧାନ କରିବେ। ଏ ନେଇ ଠିକା ସଂସ୍ଥା ର ପରିଚାଳକ ତ୍ରିଲୋଚନ ବେହେରା କୁହନ୍ତି ଏ ନେଇ ପଦକ୍ଷେପ ନିଆଯିବ।

## ଶଶୁର-ବୋହୂଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଝାରବଇଣ୍ଡା ଗ୍ରାମର ପ୍ରମୋଦ ନାୟକ ଓ ତାଙ୍କ ବହୁ ରଂଜିତା ନାୟକଙ୍କୁ ସେହି ଗ୍ରାମର ସରୋଜ ସ୍ୱାଇଁ ଓ ତାଙ୍କର ୫ ଜଣ ସହଯୋଗୀ ଏକ ଠେଙ୍ଗାରେ ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ପ୍ରମୋଦ ଠାକୁରଗଡ଼ ଥାନାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ନମ୍ବର ୨୯୦/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛିଯେ ପ୍ରମୋଦ ଗ୍ରାମରେ ଥିବା ଏକ ପୋଖରୀକୁ ଶୌଚ କରିବା ପାଇଁ ଯାଇଥିଲେ। ସରୋଜ ଏକ କାର ମାଧ୍ୟମ ରେ ତାଙ୍କ ୫ ଜଣ ସହଯୋଗୀଙ୍କ ସହ ପ୍ରମୋଦଙ୍କୁ ଉଠାଇ ଆଣି ତାଙ୍କ ଘର ସାମ୍ନାରେ ମାଡ଼ ମାରିଥିଲେ। ଏ ନେଇ ପ୍ରମୋଦଙ୍କ ବହୁ ରଂଜିତ ପ୍ରତିବାଦ କରିଥିଲେ। ପରେ ଉକ୍ତ ୬ ଜଣ ମିଶି ଶଶୁର ଓ ବହୁ ଙ୍କୁ ନିସ୍ତୁକ ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ପ୍ରମୋଦ ଓ ସରୋଜଙ୍କ ମଧ୍ୟରେ ପୂର୍ବରୁ କୌଣସି ଶତ୍ରୁତା ନଥିବା ବେଳେ ବିନା କାରଣ ରେ ତାଙ୍କୁ ଲୋକ ଲଗାଇ ମାଡ଼ ମରା ଯାଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଉଛି।

## ଏକତା ପଦଯାତ୍ରା ନିମନ୍ତେ ସାମ୍ବାଦିକ ସମ୍ମିଳନୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଏକତା ପଦଯାତ୍ରା ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ ଶ୍ରୀ ପାଣି କହିଲେ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ହେଇଛନ୍ତି ବଲ୍ଲଭଭାଇ ପଟେଲ। ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନାମରେ ପରିଚିତ। ସେ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖ ଗୁଜୁରାଟର ଖେଡା ଜିଲ୍ଲାରେ ଜନ୍ମ ଗ୍ରହଣ କରି ୧୯୫୦ ମସିହା ଡିସେମ୍ବର ୧୫ରେ ମୃତ୍ୟୁ ବରଣ କରିଥିଲେ। ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଏକତା ପଦଯାତ୍ରା ଆୟୋଜନ କରାଯାଉଛି। ଯାହାକି ସାରା ରାଜ୍ୟରେ ତାଙ୍କ ଜନ୍ମ ଦିବସ ଅର୍ଥାତ ୩୧ ଅକ୍ଟୋବର ଠାରୁ ଆରମ୍ଭ ହୋଇ ୨୫ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ତାଙ୍କ ପାଇଁ ଏହି ପଦଯାତ୍ରା ହେଉଛି ଏକ ଶ୍ରଦ୍ଧାଞ୍ଜଳି। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଢେଙ୍କାନାଳରେ ଦୁଇଟି ଏକତା ପଦଯାତ୍ରା ଅନୁଷ୍ଠିତ ହେବ। ସ୍ୱାଧୀନତାର ଏହି ଅମୃତ ମହୋତ୍ସବ ସମୟରେ ଏହି ଭଳି କାର୍ଯ୍ୟକ୍ରମ ଆମ ସମାଜକୁ ଏକ ନୂଆ ଦିଗ ଦେଖାଇବ ଯାହାକି ଏକ ଭାରତ ଆତ୍ମ ନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବ।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତ ରଞ୍ଜନ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦୀପ୍ତ କୁମାର ସାହୁ, ଜିଲ୍ଲା ବିଜେପି ସଭାପତି ରାହାସବିହାରୀ ବେହେରା, ନରେଶ ଚନ୍ଦ୍ର ମହାପାତ୍ର, ପଦଯାତ୍ରା ସଂଯୋଜକ ବିଷ୍ଣୁ ପ୍ରସାଦ ଲେଙ୍କା, ନବକିଶୋର ଗୁରୁ, ଗଣମାଧ୍ୟମର ପ୍ରତିନିଧି ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଓଡାପଡା ବ୍ଲକ ପାରିପାର୍ଶ୍ୱିକ ଉନ୍ନୟନ ବୈଠକ




ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକରେ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା କଳକାରଖାନା ଦ୍ୱାରା ପାରିପାର୍ଶ୍ୱିକ କେଉଁ କେଉଁ ଉନ୍ନୟନ କାର୍ଯ୍ୟ କରାଯାଇଅଛି ସେ ସଂପର୍କରେ ବ୍ଲକ ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି ।

ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ,ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଓଡ଼ାପଡ଼ା ବ୍ଲକ ସହାୟକ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ,ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ କଳକାରଖାନା ର ପ୍ରତିନିଧି ମାନେ ଓ ବିଭିନ୍ନ ମନ୍ଦିର ଧର୍ମାନୁଷ୍ଠାନ ର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

ବ୍ରାହ୍ମଣୀ ନଦୀ କୂଳରେ ଥିବା ଧଳପୁର ସ୍ଥିତ ରାଣେଶ୍ୱର ମହାଦେବ ମନ୍ଦିର ଠାରୁ ଆରମ୍ଭ କରି ନାଧରାସ୍ଥିତ ମା ରାମଚଣ୍ଡୀ ମନ୍ଦିର, ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିର ସହିତ ଏକଘରିଆ ଗ୍ରାମ ନିକଟସ୍ଥ ଭକ୍ତକବି ଦୀନକୃଷ୍ଣ ଦାସ ଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରକୁ ନେଇ ଏକ ପର୍ଯ୍ୟଟନ କରିଡର ନିର୍ମାଣ କରିବା ପାଇଁ ପ୍ରଦିପ କୁମାର ସାମଲ ପ୍ରସ୍ତାବ ଦେଖିଥିଲେ ।

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା ଧର୍ମାନୁଷ୍ଠାନ ଗୁଡିକର ଉନ୍ନତି ଏବଂ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଆଲୋକିକରଣ ଓ ପାନୀୟ ଜଳ ଯୋଗାଣ କରିବା ପାଇଁ କଳକାରଖାନା ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଖର୍ଚ୍ଚ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ପ୍ରସ୍ତାବ ରଖିଥିଲେ । ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚଣ୍ଡିପାଟଣା ଦୋକାନରୁ ଚୋରି

ଭଞ୍ଜନଗର, (ସବ୍ୟୁ): ତାରାସିଂ ଥାନା ଚଣ୍ଡିପାଟଣା ଛକରେ ଥିବା ଏକ ଦୋକାନରୁ ବାରମ୍ବାର ଦୁର୍ବୁତ୍ତମାନେ ତାଲା ଭାଙ୍ଗି ଚୋରି କରୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି । ଖବର ନେବାରେ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଚଣ୍ଡିପାଟଣା ଛକରେ ଥିବା ବିଦ୍ୟାଧର ଆଚାର୍ଯ୍ୟଙ୍କ ଦୋକାନର ଦୁର୍ବୁତମାନେ ତାଲା ଭାଙ୍ଗି ଦୋକାନ ଭିତରେ ପିଲାଙ୍କ ଚକଲେଟ୍, ବିସ୍କୁଟ, ତେଲ, ସାବୁନ ଇତ୍ୟାଦି ସାମଗ୍ରୀ ଚୋରି କରିବା ସାଙ୍ଗକୁ କିଛି ଟଙ୍କା ମଧ୍ୟ ଦୁର୍ବୁତମାନେ ନେଇଥିବା ଅଭିଯୋଗ ହୋଇଛି । ଖବରପାଇ ତାରାସିଂ ପୋଲିସ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି । ତଦନ୍ତ ସମୟରେ ଦୁର୍ବୃତଙ୍କ ଗୋଟିଏ ପଟ ଚପଲ ପଡିରହିବାରୁ ତାକୁ ଆଧାର କରି ଖୁବଶିଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ତାରାସିଂ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି । ସୁଚନା ଥାଉକି ସେପେଟମ୍ବର ୧୦ ତାରିଖ ବିଳମ୍ବିତ ରାତ୍ରରେ ମଧ୍ୟ ଦୁର୍ବୃତ୍ତମାନେ ସେହି ଦୋକାନରୁ ମଧ୍ୟ ତାଲା ଭାଙ୍ଗି ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା ।

## ୯ମ ଜିଲ୍ଲାପରିଷଦ ବୈଠକ : ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପରିଷଦର ୯ମ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ, ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବ ଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦାଃ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲା ପରିଷଦ ଉପସଭାପତି ବିପିନ ସିଂ ବାଦରା, ମୟୂରଭଞ୍ଜ ଜିଲ୍ଲପାଳ ହେମକାନ୍ତ ସୟ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଜିଲ୍ଲା ପରିଷଦର ସଦସ୍ୟ/ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଜିଲ୍ଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଜିଲ୍ଲାରେ ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥାକୁ ସୁଦୃଢ ଓ ସଶକ୍ତ କରିବା ସହ ବିଭିନ୍ନ ବିଭାଗୀୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡିକ ଆଗେଇ ନେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ ବୈଠକ ପରିଚାଳନା କରିଥିଲେ। ମନ୍ତ୍ରୀ ତା'ଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜିଲ୍ଲାରେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରି ହେଉଥିବା ଜନକଲ୍ୟାଣ ଯୋଜନାରେ କୌଣସି ଜଣେବି ଯୋଗ୍ୟ ହିତାଧିକାରୀ ଯେମିତି କୌଣସି ଯୋଜନାରୁ ବଂଚିତ ନହୁଅନ୍ତି ସେଥିପ୍ରତି ଯନିବାନ ହୋଇ କାର୍ଯ୍ୟ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

ପରିଷଦ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଗତ ଜିଲ୍ଲାପରିଷଦ ବୈଠକରେ ସଭ୍ୟସଭ୍ୟା ମାନଙ୍କ ଦ୍ୱାରା ଉତଥାପିତ ଆପତ୍ତି ଅଭିଯୋଗ ଓ ପ୍ରସ୍ତାବ ଆଦି ବିଷୟ କ୍ରମରେ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅନୁପାଳନ ବିବରଣୀ ଉପରେ ସମୀକ୍ଷା ମୂଳକ ଆଲୋଚନା ପୂର୍ବକ ଦୃଢ଼ୀକରଣ କରାଯାଇଥିଲା। ତତ୍ପରେ ବୈଠକରେ ବିଶେଷ କରି କୃଷି ବିଭାଗ ଅଧିନସ୍ଥ ଚଳିତ ଖରିପ ଋତୁରେ ଧାନ-ଅଣଧାନ ଚାଷ ପରିମାଣ,ୟୁରିଆ ସାର ବଣ୍ଟନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଶ୍ରୀ ଅନ୍ନ ଅଭିଯାନ, ମାଣ୍ଡିଆ ଜାତୀୟ ଚାଷ, ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଣ, ଚାଷୀ ପଞ୍ଜିକରଣ, ଫସଲ ବୀମା, ସିଏମ୍‌କିଷାନ ଓ ପିଏମ୍‌କିଷାନ ଯୋଜନାରେ ହିତାଧିକାରୀ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିବାବେଳେ ଉଦ୍ୟାନ କୃଷି ଅଧିନସ୍ଥ ଖରିପ ଋତୁରେ କାର୍ଯ୍ୟକାରି ହେଉଥିବା ଜାତୀୟ ଉଦ୍ୟାନ କୃଷି ମିଶନ, ସମ୍ବନ୍ଵିତ କୃଷି ବିକାଶ ମିଶନ, ଜାତୀୟ ତାଳ ତେଲ ମିଶନ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସ୍ୱତନ୍ତ୍ର ଉଦ୍ୟାନ କୃଷି ଭିତ୍ତିକ ଫସଲ ଯୋଜନା, ଆଳୁ, ପନିପରିବା ଓ ମସଲା ଜାତୀୟ ଫସଲ ଯୋଜନା, ଇନ୍‌ପୁଟ ସହାୟତା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଶୀତଳ ଭଣ୍ଡାର ପାଇଁ ବିଦ୍ୟୁତ୍ ଶୁଳ୍କ ଉପରେ ରିହାତି/ ସବ୍‌ସିଡି ଇତ୍ୟାଦି ରେଶମ ଶିଳ୍ପ ଅଧୀନରେ କାର୍ଯ୍ୟକାରି ହେଉଥିବା ବିଭିନ୍ନ ଯୋଜନା, ସାଧାରଣ ବଣ୍ଟନ ବିଭାଗ ଅଧୀନରେରେ ଜାତୀୟ ଖାଦ୍ୟ ସୁରକ୍ଷାରେ ହିତାଧିକାରୀ, ରାଜ୍ୟ ଖାଦ୍ୟ ସୁରକ୍ଷାରେ ହିତାଧିକାରୀ, ରାସନ କାର୍ଡ ବଣ୍ଟନ, ଖରିପ ଋତୁରେ ଏଫଏକ୍ୟୁ ଧାନ ସଂଗ୍ରହ, ଚାଷୀ ପଞ୍ଜିକରଣ ଇତ୍ୟାଦି ଶିକ୍ଷା ବିଭାଗ ଅଧିନସ୍ଥ ନିପୁଣ ଓଡିଶା, ବାଳିକା ଶିକ୍ଷା ସମ୍ବନ୍ଵିତ ଶିକ୍ଷା (ଭିନ୍ନକ୍ଷମ ପିଲାଙ୍କ ପାଇଁ), ମଧ୍ୟାହ୍ନ ଭୋଜନ, ମେଧା ବୃତ୍ତି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଅଧିନସ୍ଥ ଆବାସିକ ଆଶ୍ରମ ବିଦ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା ଇତ୍ୟାଦି, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ଅଙ୍ଗନବାଡି କେନ୍ଦ୍ରର ସଂଖ୍ୟା, ବର୍ତ୍ତମାନର ସ୍ଥିତି, ମମତା ପ୍ରଧାନମନ୍ତ୍ରୀ ମାତୃବନ୍ଦନା, ସୁଭଦ୍ରା ହିତାଧିକାରୀ, ପରିପୂରକ ପୃଷ୍ଟି ଯୋଜନା, ମିଶନଶକ୍ତି, ପାରିବାରିକ ହିଂସା ଆଇନର କାର୍ଯ୍ୟକାରିତା ଇତ୍ୟାଦି ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ, ବୟୋ ବନ୍ଦନ ଯୋଜନାରେ ଚିହ୍ନଟି କରଣ ସ୍ଥିତି, ନିରାମୟ ଯୋଜନାରେ ଔଷଧ ଯୋଗାଣ, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଭିତ୍ତି ଭୂମିର ବିକାଶ ଆଦି ବିଭିନ୍ନ ଯୋଜନା ଅନ୍ତର୍ଗତ ଉନ୍ନୟନ ଓ ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଲୋଚନା ପ୍ରସଙ୍ଗ କ୍ରମରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ- ଅଧ୍ୟକ୍ଷା ମାନଙ୍କ ଦ୍ୱାରା ଗୃହରେ ଉପସ୍ଥାପିତ ଆପତ୍ତି ଅଭିଯୋଗ ତଥା ଗଠନ ମୂଳକ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କୋଟି କୋଟି ଟଙ୍କାର ଫୁଟିଲା ବାଣ : 'ସବୁଜ' ବାଣର ନିୟମ ଗଲା ଚୂଲିକୁ !



ତାଳଚେର, (ସବ୍ୟୁ) : ପଦ୍ଯୁଷଣ ମୟ ଆତସବାଜି ଆଗରେ ବଳି ପଡ଼ିଲା ସବୁଜ ଦୀପାବଳି ଆହ୍ୱାନ । ଦୀପାବଳିରେ କୋଟିକୋଟି ଟଙ୍କାର ବାଣ ଫୁଟିଲା, ଆଉ ପଛରେ ଛାଡ଼ିଦେଇ ଗଲା ଧୂମପୂର୍ଣ୍ଣ ବାୟୁମଣ୍ଡଳ । ସବୁଥର ପରି ଏଥର ମଧ୍ୟ ପ୍ରଦୁ୍ୟଷଣ ନିୟନ୍ତ୍ରଣ ବୋର୍ଡ଼ର ମାର୍ଗଦର୍ଶିକାକୁ କେହି ହେଲେ ମାନିଲେ ନାହିଁ । ପୂର୍ବରୁ ଯାହା ଆଶା କରାଯାଉଥିଲା ତାଳଚେର ଅଂଚଳରେ ସେହିଭଳି ମଧ୍ୟ ଘଟଣା ଘଟିଗଲା । ଦୀପାବଳି ଏକ ଆଲୋକ ପର୍ବରେ ତାଳଚେର ଅଂଚଳରେ କୋଟି କୋଟି ଟଙ୍କାର ବାଣ ଫୁଟିବା ସହ ପ୍ରଚଣ୍ଡ ଶବ୍ଦ ସହିତ ଅଶହ୍ୟ ବାୟୁପ୍ରଦୁ୍ୟଷଣ ଜନିତ ଜନସାଧାରଣ ଅଣନିଶ୍ୱାସୀ ହେବା ସହ କବାଟ ଝରକା ଦେଇ ଘରଭିତରେ ରହିଥିବା ଦେଖାଯାଇଥିଲା । ଚଳିତବର୍ଷ ଦୁଇଦିନ ଦୀପାବଳି ପାଳନ ହେଉଥିବାରୁ ଲୋକମାନେ ଏହାକୁ ଅତି ଧୂମଧାମରେ ପାଳନ କରିଥିଲେ । ଭାରତବର୍ଷରେ ତାଳଚେର ଅଂଚଳ ଧୂଳିଧୂଆଁ ପାଇଁ ଉକ୍ରଟ ବାୟୁ ପ୍ରଦୁ୍ୟଷଣରେ ଛନ୍ଦି ହୋଇପଡ଼ିଥିବା ବେଳେ ଏହି ବାଣ ଫୁଟାଇବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ପ୍ରାୟ ସନ୍ଧ୍ୟା ୬ଘଟିକା ଠାରୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ଲୋକମାନେ ବାଣ ଫୁଟାଇଥିବା ଦେଖିବାକୁ ମିଳିଥିଲା ।

ତାଳଚେର ପୋଲିସ୍ ଏଥିନେଇ କଡ଼ାକଡ଼ି ପାଟ୍ରୋଲିଙ୍ଗ କରିବା ପରିବେର୍ତ ଚୁପଚାପ ହୋଇ ବସିଥିବା -କୁହାଯାଉଛି । ଏବଂ ରାତି ୧୦ଟା ପରେ ଥାନା ପରିସର ମଧ୍ୟରେ ବ୍ୟାପକ ବାଣଫୁଟୁଥିବା ଅଭିଯୋଗ ହୋଇଛି । ମାନ୍ୟବର ସୁପ୍ରିମ କୋର୍ଟ ନିକଟରେ ରାସାୟନିକ ଯୁକ୍ତ ପ୍ରଚଣ୍ଡ ଶବ୍ଦ କରୁଥିବା ବାଣକୁ ନାପସନ୍ଦ କରିଥିବା ବେଳେ ରାଜ୍ୟ ସରକାର ସନ୍ଧ୍ୟା ୬ଘଟିକାରୁ ୯ଟା ପର୍ଯ୍ୟନ୍ତ ହାଲୁକା ସବୁଜ ବାଣ ଫୁଟାଇବା ନେଇ ଯାହାକି ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ନୁହେଁ (ସବୁଜ ବାଣ) ନିର୍ଦ୍ଦେଶ ଦେଇଥିଲେ । ଏବଂ ପୋଲିସକୁ ଏହି ଅନୁଯାୟୀ କାର୍ଯ୍ୟ କରିବାକୁ ଜଣାଇଥିଲେ । ଅପରପକ୍ଷେ ତାଳଚେର ଅଂଚଳକୁ ବେଆଇନ ବାଣକୁ ଜବତ କରିବା ନେଇ ତାଳଚେର ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ହାତଗଣତି କେତୋଟି ଖୁଚୁରା ବ୍ୟବାୟୀଙ୍କୁ ଧରି ବାହା ବାହା ନେଇଥିବା ବେଳେ ନାମୀଦାମୀ ଅସାଧୁ ବାଣ ବ୍ୟବସାୟୀଙ୍କ ପାଖରେ କାହିଁକି ଯେ, ପୋଲିସ୍ ଫହଚି ପାରିଲା ନାହିଁ ତାକୁ ନେଇ ଅଂଚଳବାସୀଙ୍କ ସନ୍ଦେହ ସୃଷ୍ଟି କରିଛି ।

ଏହି ବାଣକୁ ଧରପଗଡ଼ କରିବା ବେଳେ ବଡ଼ ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରେ ରଖି ଲୁଚାଛପାରେ କୋଟିକୋଟି ଟଙ୍କାର ବାଣ ବ୍ୟବସାୟ କରିଥିଲେ । ଫଳରେ ଲୋକମାନେ ଏହି ବାଣକୁ ଚଢ଼ାଦାମରେ କିଣି ସନ୍ଧ୍ୟା ୬ରୁ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ବାଣ ଫୁଟାଇଥିଲେ । ଯାହା ଫଳରେ ବାଣର ଧୂଆଁରେ ଏକ କୁହୁଡ଼ିର ବଳୟ ଭ୍ରମ ସୃଷ୍ଟି କରିଥିଲା । ବଡ଼ବଡ଼ ବ୍ୟବସାୟୀମାନେ ଏହି ବାଣକୁ ଆଜକୁ ୪ରୁ ୬ମାସ ପୂର୍ବରୁ ସରକାରଙ୍କୁ ଚକମା ଦେଇ ବିନା ଟାକ୍ସ ଓ ବିନା ଜିଏସଷ୍ଟିରେ ବାଣ ଆଣି ଏହାକୁ ବିକ୍ରିକରି ଲକ୍ଷଲକ୍ଷ ଟଙ୍କା କମାଇଥିବା ବେଳେ ସାଧାରଣ ଜନତା ଧୂଆଁବଳୟ ମଧ୍ୟରେ ଠେଲି ହୋଇଥିବା କେତେ ଯୁକ୍ତିଯୁକ୍ତ ଏହା ନିହାତି ଭାବେ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ବାପ ଛେଉଣ୍ଡକୁ ସାଇକେଲ ଦେଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,(ଜିପ୍ର/ସବ୍ୟୁ): ଗିଫ୍ଟ କୁପନରେ ଜିତିଥିବା ସାଇକେଲକୁ ନିଜ ଗାଁର ଜଣେ ବାପ ଛେଉଣ୍ଡ ନାବାଳକକୁ ଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। କେନ୍ଦୁଝର ଜିଲା ଝୁମ୍ପୁରା ଦୁର୍ଗାପୂଜାକମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଗିଫ୍ଟ କୁପନ ଦିଆଯାଇଥିଲା ଏହି କୁପନରେ ମୁଖ୍ୟମନ୍ତ୍ରୀ ଏକ ସାଇକେଲ ଜିତିଥିଲେ। ସେ ଜିତିଥିବା ସାଇକେଲକୁ କରୋନା ମୃତ୍ୟୁ ହୋଇଥିବା ନିଜ ଗାଁ ରାଇକଳା ଗ୍ରାମର ପ୍ରଭାକର ନାଏକଙ୍କ ନାବାଳକ ପୁଅ ଯୋଗେଶ୍ୱରଙ୍କୁ ଏହି ସାଇକେଲକୁ ମୁଖ୍ୟମନ୍ତ୍ରୀ ଦାନ କରିଥିଲେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ସାଇକେଲ ପାଇ ଯୋଗେଶ୍ୱର ଖୁସି ବ୍ୟକ୍ତ କରିବା ସହ ଏହି ସାଇକେଲ ଦ୍ୱାରା ସେ ସ୍କୁଲ ଯାଇ ପାଠ ପଢିବେ ବୋଲି କହିଥିଲେ।

# ଗ୍ରାମବାସୀଙ୍କ ସହ ମାଦଳ ବଜାଇ ଦୀପାବଳୀ ପାଳିଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,(ଜିପ୍ର):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ସୋମବାର ଅପରାହ୍ନରେ ଜନ୍ମମାଟି ରାଇକଳା ଗ୍ରାମରେ ପହଞ୍ଚି ସମ୍ପର୍କୀୟ, ବନ୍ଧୁବାନ୍ଧବ ତଥା ପରିବାର ଲୋକଙ୍କୁ ଭେଟିଥିଲେ। ଏହି ଅବସରରେ ତାଙ୍କୁ ସେଠାରେ ପ୍ରଶାସନ ତଥା ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଗ୍ରାମବାସୀଙ୍କ ସହ ପାରମ୍ପରିକ ବାଦ୍ୟ ମାଦଳ ବଜାଇ ଓ ନୃତ୍ୟଗୀତରେ ସାମିଲହୋଇ ଦୀପାବଳୀ ପାଳନ କରିଥିଲେ। ପୂଜାର୍ଚ୍ଚନା କରିବା ସହ ଦୀପ ଜଳାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କେନ୍ଦୁଝର ମାଟିର ମହାନ ସଂସ୍କୃତି, ପରମ୍ପରା ଓ ଆତ୍ମୀୟତା ସର୍ବଦା ଶକ୍ତି ଓ ପ୍ରେରଣା ଯୋଗାଇଥାଏ ବୋଲି କହିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ସମସ୍ତଙ୍କ ସହମାହଦଳ ବଜାଇ ଉତ୍ସବ। ପାଳିବା ଏକ ଅନନ୍ୟ ଅନୁଭବ ଥିଲା। ଏହି ପର୍ବ କେବଳ ଆଲୋକର ପର୍ବ ନୁହେଁ ବରଂ ଆମ ସମୃଦ୍ଧ ସଂସ୍କୃତି, ଓଡ଼ିଆ ଅସ୍ମିତା ଏବଂ ପ୍ରକୃତି ପ୍ରତି ଆମର ଭକ୍ତିଭାବର ପ୍ରତିକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମା କାଳୀ ଏବଂ ମା ଲକ୍ଷ୍ମୀଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗପତ୍ର ଗ୍ରହଣ କରି ସମାଧାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଥିବା ମା କାଳୀଙ୍କ ମେଢ଼ ବୁଲି ଦେଖିବା ସହ ମେଳା ବୁଲି ଥିଲେ। ପରେ ଦଳୀୟ କର୍ମୀ, ନେତାଙ୍କ ସହ ଆଲୋଚନା କରିଥିଲେ।

# ସମ୍ପତ୍ତି ପାଇବାକୁ ବାପା ଓ ମା'ଙ୍କୁ ହାଣିଲା ପୁଅ

ଭଦ୍ରକ,(ସବ୍ୟୁ)ପାରିବାରିକ କଳହରେ କରୁଣ ପରିଣତି ଦେଖିବାକୁ ମିଳିଛି ଚାନ୍ଦବାଲିରେ। ସମ୍ପତ୍ତି ଲୋଭରେ ନିଜର ଜନ୍ମ କଲା ବାପା ଓ ମାଆଙ୍କୁ ଅତି ନୃଶଂସ ଭାବେ ଛୁରୀ ଭୁସି ହତ୍ୟା ଉଦ୍ୟମ କରିବା ଘଟଣା ସମଗ୍ର ଅଂଚଳରେ ଚହଳ ସୃଷ୍ଟି କରିଛି। ଏଭଳି ଏକ ଭୟଙ୍କର ଘଟଣା ଘଟିଛି ଚାନ୍ଦବାଲି ଥାନା ଅଧୀନ ଖେରଙ୍ଗ ପଞ୍ଚାୟତ ତଳବନ୍ଧ ଗାଁରେ। ସୂଚନା ଅନୁଯାୟୀ,ଏତଳବନ୍ଧ ଗ୍ରାମର ମଧୁସୂଦନ ନାୟକଙ୍କର ଛଅ ଗୋଟି ଝିଅ ସାଙ୍ଗକୁ ଗୋଟିଏ ପୁଅ ଅଛି। ପୁଅ ବିବାହ କରିବା ପରେ ବାପା ଆଉ ମାଆଙ୍କ ଠାରୁ ଅଲଗା ରହୁଥିଲା। ବାପା ଓ ମାଆଙ୍କ ସମ୍ପତ୍ତିକୁ ହାତେଇବାକୁ ଅଭିଯୁକ୍ତ ପୁଅ ମନୋଜ ବିଭିନ୍ନ ସମୟରେ ଉଭୟ ବାପା ଓ ମାଆଙ୍କୁ ମାର ଧର କରି ଆସୁଥିଲା। ହେଲେ ମଙ୍ଗଳବାର ରାତିରେ ଏହି ଅଭିଯୁକ୍ତ ପୁଅ ସମସ୍ତ ନୀତି ଓ ନୈତିକତା ଭୁଲି ଯାଇଥିଲେ। ଏକ ଧାରୁଆ ଛୁରୀରେ ଉଭୟ ବାପା ଓ ମାଆଙ୍କୁ ନୃଶଂସ ଭାବେ ଆକ୍ରମଣ କରିଥିଲା । ଉକ୍ତ ଘରେ ରହୁଥିବା ଅଭିଯୁକ୍ତଙ୍କ ଭଉଣୀ ମୋବାଇଲ ଚାର୍ଜ କରିବାକୁ ଅନ୍ୟ ଏକ ଘରକୁ ଯାଇଥିବାରୁ ଏହି ଆକ୍ରୋଶରୁ ଅଳ୍ପକେ ବଂଚିଯାଇଥିବା ଜଣାପଡ଼ିଛି। ବୃଦ୍ଧ ଓ ବୃଦ୍ଧାଙ୍କ ଚିତ୍କାର ଶୁଣି ଗ୍ରାମବାସୀମାନେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ଉଭୟ ଗୁରୁତରଙ୍କୁ କରି ନିଜ ଗାଡିରେ ତିହିଡି ଓ ପରେ ଗୁରୁତର ହେବାରୁ ଭଦ୍ରକ ମେଡିକାଲରେ ଭର୍ତି କରାଇଥିଲେ। ଅବସ୍ଥା ସଂକଟପର୍ଣ୍ଣ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଏହି ଘଟଣାରେ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି। ବୃଦ୍ଧ ପିତା ହେଉଛନ୍ତି ମଧୁସୂଦନ ନାୟକ ଓ ମାତା ମାଧୁରୀ ନାୟକ ବୋଲି ଜଣାପଡିଛି। ମଧୁସୁଦନ ନାୟକଙ୍କ ଝିଅ ବର୍ଷାରାଣୀ ନାୟକଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ପୁତ୍ର ମନୋଜ ଫେରାର ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଅଂଚଳରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏପରି କୁଳାଙ୍ଗାର ପୁଅ କେଉଁ ବାପା ମାଆଙ୍କୁ ନମିଳୁ ବୋଲି ଗ୍ରାମ ଲୋକେ ଏବେ କଥା ହେଉଥିବା ଶୁଣିବାକୁ ମିଳୁଛି। ଏହି ଘଟଣାରେ ତିନି ଜଣ ଅଟକ ଥିବା ପୋଲିସ ସୁତ୍ରରୁ ଜଣାପଡିଛି। ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛି।

## ଦେଶୀମଦ କାରଖାନା ଉପରେ ଚଢ଼ାଉ

# ନମ୍ବର ବିହୀନ କାର୍ ଜବତ, ୨ କୋର୍ଟଚାଲାଣ

ବେତନଟୀ ,(ସବ୍ରୁ) :ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ପଟିସାରି ଉପକଣ୍ଠ ତେନ୍ତୁଳିଗାଁ –ଆଦିଡିହା ଗ୍ରାମରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ବୁଧବାର ଚଢ଼ାଉକରି ବିପୁଳ ପରିମାଣର ମହୁଲପୋଚ ଏବଂ ରନ୍ଧାମଦ ସମେତ ଚୋରାକାରବାର ସହ ଜଡ଼ିତ ଏକ ନମ୍ବରବିହୀନ କାରକୁ ଜବତ କରାଯାଇଥିବା ବେଳେ ଏହି ବେଆଇନ କାରବାରରେ ଜଡ଼ିତ ଦୁଇଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ଆଦିଡିହା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ଜେନାର ପୁଅ ଗଦାଧର ଜେନା (୪୪) ଏବଂ ସେହି ଆଦିଡିହା ଗ୍ରାମର ସଦାନନ୍ଦ ଜେନାର ପୁଅ ସଞ୍ଜୟ ଜେନା (୧୯) । ସୂଚନା ମୁତାବକ ବଡ଼ସାହି ଥାନା ଅଧୀନ ଆଦିଡିହା ଅଞ୍ଚଳରେ ଚୋରା ଦେଶୀମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ମୋବାଇଲ ୟୁନିଟ ଏବଂ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ଆଦିଡିହା ଗ୍ରାମରେ ବୁଧବାର ମିଳିତ ଭାବରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଆଦିଡିହା ଗ୍ରାମରେ ଚାଲିଥିବା ଚୋରା ଦେଶୀମଦ କାରଖାନାରୁ [illegible] ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ନଷ୍ଟ କରାଯାଇଥିଲା। [illegible] ନମ୍ବର ବିହୀନ କାରକୁ ଜବତ କରାଯାଇଥିଲା । ଏହି ଚଢ଼ାଉରେ ମୋବାଇଲ ୟୁନିଟ ଅଧିକାରୀ ତଥା ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡି, ଏଏସଆଇ ଜି. କାମେଶ୍ୱର ଏବଂ ବେତନଟୀ ଟିମ ସମେତ ସଶସ୍ତ୍ର ପୁଲିସଫୋର୍ସ ସାମିଲ ଥିଲେ ।

## ଗ୍ୟାସ ବିତରଣ ଅନିୟମିତତା ମାମଲା

# ପୂର୍ବତନ ବିଜେପି ଜିଲ୍ଲା ସଭାପତି ଦୋଷମୁକ୍ତ

କେନ୍ଦୁଝର,(ସବ୍ୟୁ):କେନ୍ଦୁଝର ଜିଲ୍ଲା ବିଜେପିର ପୂର୍ବତନ ସଭାପତି ରାଧାକାନ୍ତ ମହାନ୍ତ ଏକ ଗ୍ୟାସ ବିତରଣରେ ଅନିୟୟମିତା ମାମଲାରେ ଦୋଷମୁକ୍ତ ହୋଇଛନ୍ତି । କେନ୍ଦୁଝରଠାରେ ଥିବା ଜୁନିୟର ମୁନିସିଫ ପ୍ରଥମ ଶ୍ରେଣୀ (ଜଗନିଜାନସ ଟେକିଙ୍ଗ) ଅମ୍ବିକେଶ ପାଣିଗ୍ରାହୀ ଏହି ରାୟ ପ୍ରଦାନ କରି ଶ୍ରୀଯୁକ୍ତ ମହାନ୍ତଙ୍କୁ ଦୋଷମୁକ୍ତ କରିଛନ୍ତି । ମାମଲାର ବିବରଣୀରୁ ଜଣାପଡିଛି ଯେ, ୨୦୧୭ମସିହା ଫେବୃୟାରୀ ୭ତାରିଖରେ କେନ୍ଦୁଝର ଜିଲ୍ଲାର ଖିରେଇଟାଙ୍ଗିରୀଠାରେ ଥିବା ଶ୍ରୀମହାନ୍ତଙ୍କ ମେସର୍ସ ଜୟ ଶ୍ରୀରାମ ଇଣ୍ଡେନ ଗ୍ରାମୀଣ ବିତରକ ସଂସ୍ଥାରେ ଗ୍ୟାସ ସିଲିଣ୍ଡର ହେରଫେରକୁ ନେଇ ପେଟ୍ରୋଲିଂ କରୁଥିବା ସମୟରେ ଚଢ଼ାଦରରେ ଗ୍ୟାସ ସିଲିଣ୍ଡର ବିକ୍ରୀ କରିବା ସହିତ ଅନ୍ୟାନ୍ୟ ଅନିୟମିତତା ସମ୍ପର୍କରେ ସୁଚନା ପାଇ ତତକାଳୀନ ତୁରୁମୁଙ୍ଗା ଥାନା ଇନ୍ସପେକ୍ଟର,ସହକର୍ମୀ ପୋଲିସକୁ ନେଇ ଗ୍ୟାସ ଗୋଦାମକୁ ସିଲ କରିବା ସହିତ ଗୋଟିଏ ଗ୍ୟାସ ଭର୍ତ୍ତି ସିଲିଣ୍ଡର,ଗୋଟିଏ ଖାଲି ସିଲିଣ୍ଡର,ଗୋଟିଏ ଚାଲାଣ ଫାଇଲ,କ୍ୟାସ ମେମୋ,ଇଆରଭି ଫାଇଲ ସହ ବିଭିନ୍ନ ଖାତା ଜବତ କରି ଆଣିଥିଲେ । ଅତ୍ୟାବଶକୀୟ ସାମଗ୍ରୀ ବିତରଣ ଧାରା ୮ ଓ ୧୦ ବଳରେ ଏହାର ପ୍ରୋପ୍ରାଇଟର ରାଧାକାନ୍ତ ମହାନ୍ତ ଓ ମ୍ୟାନେଜର ଗଙ୍ଗାଧର ମହାନ୍ତଙ୍କୁ ଗିରଫ କରି ତୁରୁମୁଙ୍ଗା ଥାନା କେଶ ସଂଖ୍ୟା ୨୨ ତା ୦୮.୦୨.୨୦୧୭ରେ ମାମଲା ଦାଖଲ କରିଥିଲେ । ସେହି ସମୟରେ ଉପସ୍ଥିତ ଥିବା ସାକ୍ଷୀ ଓ ଅନ୍ୟାନ୍ୟ ସାକ୍ଷ୍ୟଙ୍କ ବୟାନକୁ ଆଧାର କରି କୋର୍ଟ ୨୦୨୫ମସିହା ଅକ୍ଟୋବର ୧୭ତାରିଖରେ ରାୟ ପ୍ରକାଶ କରି ରାଧାକାନ୍ତ ମହାନ୍ତ ଓ ଗଙ୍ଗାଧର ମହାନ୍ତଙ୍କୁ ଦୋଷମୁକ୍ତ କରିଛନ୍ତି । ସେହି ସମୟରେ ପଞ୍ଚାୟତ ନିର୍ବାଚନ ଚାଲିଥିବାବେଳେ ରାଜନୈତିକ ଅଭିସନ୍ଧି ରଖି ଏପରି ମାମଲା କରାଯାଇଥିଲା ବୋଲି ଚର୍ଚ୍ଚା ହେବା ସହ ତତକାଳୀନ ବିଜେପି ଜିଲ୍ଲା ସଭାପତିଙ୍କ ଉପରେ ଆକ୍ରୋଶମୂଳକ ପଦକ୍ଷେପ ନିଆଯାଇଥିଲା ବୋଲି ଆଲୋଚନା ହୋଇଥିଲା । ଏହି ରାୟ ପ୍ରକାଶ ପାଇବା ପରେ ସତ୍ୟର ବିଜୟ ହୋଇଛି ବୋଲିପୂର୍ବତନ ବିଜେପି ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ ପ୍ରକାଶ କରିଛନ୍ତି ।

# ସରସଦା ସମିତିରେ ପୁଣି ପଡିଲା ତାଲା

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ଭଙ୍ଗାଯିବା ୪ ଦିନ ବ୍ୟବଧାନରେ ବୁଧବାର ସକାଳେ ପୁଣି ତାଲା ପକାଯାଇଛି। ଏ ସମ୍ପର୍କରେ ସମିତିର ଭାରପ୍ରାପ୍ତ ସମ୍ପାଦକ ବୁଧବାର ଦିନ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ମାତ୍ର କୌଣସି ମାମଲା ରଜୁ ହୋଇନଥିବା କିମ୍ବା ତାଲା ଖୋଲା ଯାଇନଥିବା ଜଣାଯାଇଛି। ଏଥିପୂର୍ବରୁ ଗତ ଅଗଷ୍ଟ ୨୫ ତାରିଖରେ ସମିତିର ନିଲମ୍ବିତ ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆଉ ସମିତିକୁ ଆସିନଥିଲେ। ସମିତିର ପରିଚାଳନା କମିଟି ପକ୍ଷରୁ ଫାଟକରେ ତାଲା ଝୁଲାଇ ଦିଆଯାଇଥିଲା। ତାଲାକୁ ଗତ ୧୭ ତାରିଖରେ ପ୍ରଶାସନ ଭାଙ୍ଗି ଦେଇଥିଲା। ଭାରପ୍ରାପ୍ତ ସମ୍ପାଦକ ଶ୍ରୀ ବେହେରାଙ୍କୁ ଗତ ଅଗଷ୍ଟ ୨୨ ତାରିଖରେ ନିଲମ୍ବିତ କରାଯାଇ ସମିତିର ଅର୍ଥ ପରିଚାଳକ ବିରଞ୍ଚି ନାରାୟଣ ରାଉତଙ୍କୁ ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା। ଶ୍ରୀ ବେହେରା ଦାୟିତ୍ୱ ହସ୍ତାନ୍ତର କରିନଥିଲେ କି ତାଲା ଖୋଲିନଥିଲେ। ଜିଲ୍ଲା ସମବାୟ ନିବନ୍ଧକ ଶ୍ରୀ ବେହେରାଙ୍କୁ ସୁରକ୍ଷା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ। ମାମଲା ନ୍ୟାୟାଳୟକୁ ଯାଇଥିଲା। ଶେଷରେ ପ୍ରଶାସନ ତାଲା ଭାଙ୍ଗି ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ଜିଲ୍ଲା ସମବାୟ ନିବନ୍ଧକଙ୍କ ଅନୁରୋଧ ଫଳରେ ଉପଜିଲ୍ଲାପାଳ ଗତ ସେପ୍ଟେମ୍ବର ୨୬ ତାରିଖ ଆଦେଶ ସଂଖ୍ୟା ୧୭୩୭ ଅନୁଯାୟୀ ସ୍ଥାନୀୟ ତହସିଲଦାରଙ୍କୁ ତାଲା ଭାଙ୍ଗି ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୭ ତାରିଖ ମଧ୍ୟାହ୍ନ ୧୨ଟା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଜିଲ୍ଲା ସମବାୟ ନିବନ୍ଧକ ପ୍ରତିନିଧି ସତ୍ୟପ୍ରକାଶ ସେଠୀ, ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ସ୍ଥାନୀୟ ଶାଖା ସହ ପରିଚାଳକ ପ୍ୟାରିମୋହନ ନାୟକ ଓ ସ୍ଥାନୀୟ ପୁଲିସ ସମିତି କାର୍ଯ୍ୟାଳୟରେ ପହଞ୍ଚି ତାଲା ଭାଙ୍ଗି ଦେଇଥିଲେ। ସେହି ସମୟରେ ସେଠାରେ କେତେକ ବ୍ୟକ୍ତି ପୁନର୍ବାର ତାଲା ପକାଇବାକୁ ଉଦ୍ୟମ କରିଥିଲେ। ସେଥିଯୋଗୁଁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପ୍ରଶାସନ ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲା।

# ସ୍ତ୍ରୀଙ୍କୁ ହତ୍ୟା କଲା ସ୍ୱାମୀ : ୪ ପିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର



ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଶରତ ଗ୍ରାମର ୬ଦିନ ଧରି ନିଖୋଜ ଥିବା ମାଣିକ ମାଝୀ(୨୬)ଙ୍କ ମୃତ ଶରୀର ବୁଧବାର ଦିନ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି । ସ୍ୱାମୀ ମଗତ ସୋରେନ ଫେରାର ଥିବା ବେଳେ ଉତ୍ୟକ୍ତ ସ୍ୱାମୀଙ୍କ ଆକ୍ରମଣ ମାଣିକଙ୍କ ମୃତ୍ୟୁର କାରଣ ବୋଲି ଖଇରା ପୋଲିସ କହିଛି । ଏ ସଂକ୍ରାନ୍ତରେ ଖଇରା ଥାନାରେ ଏକ ମାମଲା (୩୨୭/୨୫) ରୁଜୁ କରାଯାଇଥିବା ବେଳେ ୪ନାବାଳକ ଝିଅ-ପୁଅଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି ।

# ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ

ସୋର,(ସବ୍ୟୁ): ସୋର ବ୍ଲକ ମାଣତ୍ରି ଗ୍ରାମର ଜଣେ ମହିଳାଙ୍କର ସ୍କୁଟିରେ ଦୁର୍ଘଟଣା ଘଟି ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ମତ୍ୟୁ ଘଟିଛି। ଏହି ଗ୍ରାମର ରବୀନ୍ଦ୍ର କୁମାର ଶିଅଳଙ୍କର ସ୍ତ୍ରୀ ମଞ୍ଜୁଲତା ଶିଅଳ(୪୯) ଗତ ୧୦ ତାରିଖ ଦିନ ସୋର ରେଳ ଓଭରବ୍ରିଜ ପାର ହୋଇ ନିଜ ସ୍କୁଟିରେ ଯିବା ସମୟରେ [illegible] ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱରକୁ ସ୍ଥାନାନ୍ତର ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ମାଣତ୍ରି ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ନିଜ ଗ୍ରାମକୁ ଆଣାଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି।

# ନିମୋନିଆରେ ୱାର୍ଡସଭ୍ୟାଙ୍କ ମୃତ୍ୟୁ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅମରିଆ-ଅଗ୍ନିପୁର ପଞ୍ଚାୟତ ଅଧୀନ ୧୦ନମ୍ବର ୱାର୍ଡସଭ୍ୟା ଆଶାଲତା ସିଂ(୫୦)ଙ୍କର ନିମୋନିଆରେ ମୃତ୍ୟୁ ହୋଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲ ନିଆଯିବା ପରେ ସୁସ୍ଥ ହୋଇ ଘରକୁ ଫେରି ଔଷଧ ସେବନ କରୁଥିଲେ । ରବିବାର ଦିନ ପୁନଶ୍ଚ ଶରୀରରେ ଯନ୍ତ୍ରଣା ଅନୁଭବ କରିଥିଲେ ମେଡିକାଲ ନେବାପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ସରପଞ୍ଚ ସସ୍ମିତା ଧିନ୍ଦା ଓ ସମିତିସଭ୍ୟା ସଂଯୁକ୍ତା ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ପୋଖରୀରେ ବୁଡି ବ୍ୟକ୍ତିଙ୍କ ମୃତ୍ୟୁ

ପାଟଣା, (ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟାଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ [illegible] ଗ୍ରାମର ଜଣେ ବ୍ୟକ୍ତି ପୋଖରୀ ଗାଧୋଇବା ସମୟରେ ମୃତ୍ୟୁ ଘଟିଛି।ମୃତ ଜଣକ ଅମିନ ନାଏକ (୫୯)ବୋଲି ଜଣାପଡିଛି।ସୂଚନା ଅନୁଯାୟୀ ଅମିନ ଘର ପାଖ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବାରୁ ଅମିନ ପାଣିରେ ବୁଡି ଯାଇଥିଲେ। ଅମିନ ଗାଧେଇ ବାକୁ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପୋଖରୀ ପାଣିରେ ଅମିନ ମୁହଁ ମାଡି ଭାସୁ ଦେଖି ଥିଲେ । ଏହା ପରେ ପରିବାର ଲୋକେ ପାଟଣା ଥାନାକୁ ଖବର ଦେଇଥିଲେ। ପାଟଣା ପୋଲିସ ପୋଖରୀରୁ ମୃତ ଦେହ ଉଦ୍ଧାର କରିବା ସହ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ବର୍ଗ କୁ ମୃତଦେହ ହସ୍ତାନ୍ତର କରିଥିଲା।

# ବିଦ୍ୟୁତ ଖୁଣ୍ଟିରେ ପିଟି ହୋଇ ଦୁଇ ବାଇକ ଆରୋହୀ ମୃତ

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ୫୨୦ ନମ୍ବର ଜାତୀୟ ରାଜପଥ ମରସୁଆଁ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବାଇକ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ୨ଜଣ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।ଅଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ୨ଜଣ ବାଇକ ଆରୋହୀଙ୍କ ପରିଚୟ ଖୋଜୁଛି।

# ବାଣ ନିଆଁରୁ ଅଗ୍ନିକାଣ୍ଡ : ୩ ବଖରା ସହ ଜଳିଗଲେ ୫ ଗାଈ

ଆନନ୍ଦପୁର,(ସବ୍ୟୁ):ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ଆମ୍ବଗଡ଼ିଆ ଗାଁରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ତିନି ବଖରା ଚାଳଘର ପୋଡ଼ିଯାଇଛି। ଗ୍ରାମର କୋଦଣ୍ଡଧର ପଣ୍ଡାଙ୍କ ଘରେ ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୩ ବଖରା ଚାଳ ଘର ସହିତ ୫ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖବର ପାଇ ହାଟଡିହି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ରାତିରେ ଗାଁ ପିଲାମାନେ ବାଣ ଫୁଟାଉଥିବାବେଳେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି କୋଦଣ୍ଡଧର ପଣ୍ଡା କହିଛନ୍ତି।

# କାଳୀ ପୂଜା : ଧାମନଗର ଉତ୍ସବମୁଖର

ଧାମନଗର,(ସବ୍ୟୁ):ଆଲୋକର ପର୍ବ ଦୀପାବଳି ଓ କାଳୀପୂଜା ପାଇଁ ଧାମନଗର ଅଂଚଳ ଉତ୍ସବ ମୁଖର ହୋଇ ଉଠିଛି। ଧାମନଗର ବ୍ଲକ ଓ ଏନଏସି ଅଂଚଳରେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ମା'ଶ୍ୟାମା କାଳୀ। ଧୂଷୁରୀ ଅଂଚଳର ବ୍ରାହ୍ମଣପାଳ ଗ୍ରାମର ସର୍ବପୁରାତନ ଶକ୍ତି ପୀଠରେ ମା'ଆଦ୍ୟା କାଳୀପୂଜା ବହୁ ପୁରାତନ। ଦୀର୍ଘ ୫ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ବର୍ଷ ସାରା ଶକ୍ତି ସ୍ୱରୂପିଣୀ ଅଷ୍ଟଧାତୁ ନିର୍ମିତ ମା'ଦକ୍ଷିଣକାଳୀଙ୍କ ମୂର୍ତ୍ତି ପୂଜା କରାଯାଉ ଥିବାବେଳେ ପବିତ୍ର କାଳୀପୂଜା ଅବସରରେ ମା'କାଳୀଙ୍କ ମୃଣ୍ମୟୀ ପ୍ରତିମା ପୂଜା କରାଯାଏ। ସେହିପରି ଧାମନଗର ବଡ଼ବଜାରର ମା'ଶ୍ୟାମାକାଳୀ ଶତାଧିକ ବର୍ଷ ଧରି ପୂଜା ପାଇ ଆସୁଛନ୍ତି। ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ କାଳୀ ବଜାରରେ ମା'କାଳୀଙ୍କ ପୂଜା ୫୮ବର୍ଷରେ ପହଂଚିଛି। ଭଗବାନପୁର ବଜାର,ଜାହାଙ୍ଗୀର,ଧୂଷୁରୀ ବଜାର,କୋଠାର ଛକ ଆଦି ସ୍ଥାନରେ ମା'କାଳୀଙ୍କ ପୂଜା ଭକ୍ତିଭାବ ଓ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ଏବେ ବିଭିନ୍ନ ପୂଜାମଣ୍ଡପରେ ମା'କାଳୀଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ଭିଡ ଦେଖିବାକୁ ମିଳୁଛି। କେତେକ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଉଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।

# ପୂର୍ବତନ ବିଧାୟକ ରତ୍ନାକର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ



ଭଦ୍ରକ,(ସବ୍ୟୁ):ଭଦ୍ରକର ପୂର୍ବତନ ବିଧାୟକ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନିଜ ଗ୍ରାମରେ କରାଯାଇଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ଅତିଥି ମାନେ। ପରେ କୁଡବରୁହାଁ ପଂଚାୟତ ଅଫିସ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ସଭାରେ ସମାଜସେବୀ ଅଜୟ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସ୍ୱର୍ଗତ ରତ୍ନାକର ମହାନ୍ତିଙ୍କ ରାଜନୀତିକ ଜୀବନୀ ଉପରେ ଆଲୋଚନା କରିଥିଲେ। ଶ୍ରୀମହାନ୍ତିଙ୍କ ରାଜନୀତି ଜୀବନରେ ୱାର୍ଡମେମ୍ବରରୁ ଆରମ୍ଭ କରି ସରପଞ୍ଚ ସମିତିସଭ୍ୟ, ବ୍ଲକ ଚେୟାରମ୍ୟାନ ପରେ ବିଧାୟକ ହୋଇଥିଲେ। ତାଙ୍କ ସମୟରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ଭଦ୍ରକ ମହାବିଦ୍ୟାଳୟରେ ପିଜି ବିଭାଗ ଖୋଲାଯାଇଥିଲା। ଚରମ୍ପା କଲେଜ ସମେତ ଚଣ୍ଡୀଗାଁ ପଞ୍ଚାୟତରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ମହାନ୍ତି,ସେକ ଫାରୁକ,କୈଳାଶଚନ୍ଦ୍ର ମହାପାତ୍ର,ସୁଷମା ମହାନ୍ତି,ରାଜେନ୍ଦ୍ର ପାଣି,ପ୍ରଫୁଲ୍ଲ ନାୟକ ଉପସ୍ଥିତ ରହି ସ୍ୱର୍ଗତ ରତ୍ନାକରଙ୍କ ସ୍ମୃତିଚାରଣ କରିଥିଲେ। ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତି ନିରୋଧ ମହାନ୍ତି,ରାଜକିଶୋର ଦାସ,ବସନ୍ତ ମହାନ୍ତି,କାଳନ୍ଦୀ ଜେନା,ରଜତ ନାୟକ,ଶରତ ମହାନ୍ତି ଯୋଗ ଦେଇଥିବାବେଳେ ନାରୀନେତ୍ରୀ ଲକ୍ଷ୍ମୀ ନାୟକ ଯୋଗ ଦେଇଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ସମାଜସେବୀ ଅଶୋକ ମହାନ୍ତି। ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜବତ ବାଣ ନିଷ୍କ୍ରିୟ ବେଳେ ଫାଟିଲା କାନ୍ଥ, ଝରକା କାଚ

ସୋର,(ସବ୍ୟୁ):-ସୋର ଥାନା ରାଧିକାନଗର ଗ୍ରାମରେ ପୁଲିସ ପକ୍ଷରୁ ଜବତ କରାଯାଇଥିବା ବେଆଇନ ବାଣକୁ ନିଷ୍କ୍ରିୟ ବେଳେ ଲୋକଙ୍କ ଘର କାନ୍ଥ ଫାଟିବା ସହିତ ଝରକା କାଚ ଭାଙ୍ଗି ଥିବା ଅଭିଯୋଗ ହୋଇଛି। ଗତ କିଛି ଦିନ ଧରି ସୋର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ମାତ୍ରାରେ ବେଆଇନ ବାଣ ଜବତ କରାଯାଇଥିଲା। ଗତକାଲି ମଧ୍ୟାହ୍ନରେ ଉକ୍ତ ଜବତ ବାଣକୁ ନିଷ୍କ୍ରିୟ ପାଇଁ ବାଲେଶ୍ୱରରୁ ଏକ ଟିମ ସୋର ଥାନାରେ ପହଞ୍ଚିବା ପରେ ପୁଲିସ ଏବଂ ସୋର ଅଗ୍ନିଶମ ବିଭାଗ ସହଯୋଗରେ ସବିରା ପଞ୍ଚାୟତ ରାଧିକାନଗର ନିକଟ କାଂଶବାଂଶ ନଦୀକୂଳରେ ଥିବା ଏକ ଖୋଲା ସ୍ଥାନକୁ ଚୟନ କରିଥିଲେ। ସେଠାରେ ଗାତ ଖୋଳି କିଛି ବାଣକୁ ପୋତା ଯାଇଥିବା ବେଳେ ଅନେକ ବାଣରେ ନିଆଁ ଲଗାଯାଇଥିଲା। ଯାହାଦ୍ୱାରା ହୋଇଥିବା ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ୬ଟି ଗାଁ ସମେତ ଆଖପାଖ ଅଂଚଳ ହୁଲୁସ୍ଥୁଲ ହୋଇଯାଇଥିଲା। ଆକାଶରେ ଏକ ବିସ୍ଫୋରଣର ଧୂଆଁ ଦେଖିବାକୁ ମିଳିଥିଲା। ଏଥିରେ ସବିରା ଓ ତଳନଗର ପଞ୍ଚାୟତର ୬ ଟି ଗାଁର ଅନେକ ଲୋକଙ୍କ ଘର କାନ୍ଥ ଫାଟିବା ସହିତ କବାଟ ଝରକା ଭାଙ୍ଗିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ କରାଯାଇଥିବା ଏପରି କାର୍ଯ୍ୟକୁ ବିରୋଧ କରାଯିବ ସହିତ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଉପକାରାଗାରରୁ କଏଦୀ ଫେରାର ଘଟଣା : ଦୁଇ ୱାର୍ଡେନ ନିଲମ୍ବିତ

ସୋର, (ସବ୍ୟୁ): ମଙ୍ଗଳବାର ସୋର ଉପକାରାଗାରରୁ ଜଣେ କଏଦୀ ଫେରାର ହୋଇଯିବା ଘଟଣାରେ ଦୁଇ ଜଣ ୱାର୍ଡେନଙ୍କୁ ସସପେଣ୍ଡ (ନିଲମ୍ବିତ)କରାଯାଇଛି। ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ଏଠାରେ ରହୁଥିବା ଝାଡଖଣ୍ଡ ବୋକାରୋ ଷ୍ଟିଲ ସିଟି ଧାନବାଦ ଅଞ୍ଚଳର ଦୀପକ କୁମାର ରାୟ ଜେଲ ପାଚେରୀ ଡେଇଁ ଫେରାର ହୋଇଯାଇଥିଲେ। ଏହିଘଟଣା ଜଣା ପଡିବା ପରେ ବାରିପଦା ଜେଲ ସର୍କଲ ସୁପରିଟେଣ୍ଡେଣ୍ଟ ମନରଞ୍ଜନ ପ୍ରତିହାରୀ ରାତିରେ ତଦନ୍ତ କରି ଫେରିଥିଲେ। ବୁଧବାର ମଧ୍ୟାହ୍ନରେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର ଉପକାରାଗାରରେ ପହଞ୍ଚି ଜେଲର ସ୍ଥିତି ପରିଦର୍ଶନ କରିବା ସହିତ ବିଭିନ୍ନ ସମସ୍ୟା ବାବଦରେ ଜେଲରଙ୍କ ସହ ଆଲୋଚନା କରିଥିଲେ। ଫେରାର କଏଦୀଙ୍କୁ ଖୋଜିବା ପାଇଁ ଝାଡ଼ଖଣ୍ଡ ସମେତ ଜିଲ୍ଲା ଏବଂ ରାଜ୍ୟର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଛି। ଖୁବ ଶୀଘ୍ର ଫେରାର କଏଦୀଙ୍କୁ ଧରାଯିବ ବୋଲି ଏସପି ସୂଚନା ଦେଇଛନ୍ତି। ବୁଧବାର ଅପରାହ୍ନରେ ଜେଲ ବିଭାଗ ଡିଜି ସୁଶାନ୍ତ କୁମାର ନାଥ ଜେଲରେ କାର୍ଯ୍ୟରତ ଦୁଇ ୱାର୍ଡେନ ବନମାଳୀ ବେହେରା ଏବଂ ବିକାଶ ବେହେରାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ଉଭୟଙ୍କୁ ସସପେଣ୍ଡ (ନିଲମ୍ବିତ) କରିଛନ୍ତି।

# ରୋଭର୍ସ କ୍ଲବର ଜନ୍ମ ବାର୍ଷିକ ସମାରୋହ

ଭଦ୍ରକ,(ସବ୍ୟୁ):ଭଦ୍ରକ ପୁରୁଣାବଜାର ରୋଭର୍ସ କ୍ଲବର ୬୫ତମ ଜନ୍ମ ବାର୍ଷିକ ସମାରୋହ ମଙ୍ଗଳବାର ଦିନ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଏହି ସଭାରେ କ୍ଲବର ସଭାପତି ହାଜି ଅବ୍ଦୁଲ କାସିମ ଖାନଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ସମାଜସେବୀ ସୁଧାକର ରାଉତ ଅତିଥିମାନଙ୍କୁ ଆମନ୍ତ୍ରିତ କରି ମଂଚକୁ ଆଣିଥିଲେ । ସମସ୍ତ ଅତିଥି ଆଲୋକର ଦୀପ ଲଗେଇଥିଲେ ଏବଂ କବି ତଥା ମାଷ୍ଟର ମୁସ୍ତାକ ଗୌହର ସଂକଳନରୁ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକର ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଭଦ୍ରକ ପୌରପାଳିକାର ପୌରାଧକ ଗୁଲମକ୍କୀ ଦଲୱାଜି ହବିବ,ପୁରୁଣାବଜାର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ,ଫେଲୋସିପ ଅଧ୍ୟକ୍ଷ ଏସଏମ ଫାରୁକ,ଜିଲ୍ଲା ବରିଷ୍ଠ ନାଗରିକ ସଙ୍ଘର ସଭାପତି ଲଲାଟେନ୍ଦୁ ମହାପାତ୍ର,ସମ୍ପାଦକ କୈଳାଶ ବାବୁ,ତପୋଭୂମିର ସଭାପତି ଅଜୟ ନାୟକ,ହିନ୍ଦୁସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ,ନେତ୍ରୀ ଅନିତାବାଲା ଆଶ୍ଚର୍ଯ୍ୟ,ମୁସଲିମ ଜମାତର ସମ୍ପାଦକ ହାଜି ଅବ୍ଦୁଲ ମୁକିତ ଖାନ ଓ ରବି ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ସମସ୍ତ ଅତିଥିଙ୍କୁ କ୍ଲବ ସଭ୍ୟାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ସଭାରେ କ୍ଲବର ଜନ୍ମଦିନ ଉତ୍ସବ ପାଇଁ ଅତିଥି ଦ୍ୱାରା କେକ କଟା ହୋଇଥିଲା। ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ ଦୁଇ ପର୍ଯ୍ୟାୟରେ ୬ଲକ୍ଷଟଙ୍କା କ୍ଲବ ଘରର ଉପରମହଲା ତିଆରି କରିବା ପାଇ ଦେଇଥିଲେ ତାହି ନିଜେ ଉଦଘାଟନ କରିଥିଲେ। ସମସ୍ତ ଅତିଥିଙ୍କ ଦ୍ୱାରା କ୍ଲବର ପୁରୁଖା ଫୁଟବଲ ଖେଳାଳୀ ଶେଖ ଗୁଲ ମହମ୍ମଦଙ୍କୁ ଫୁଲତୋଡ଼ା,ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଜନ୍ମଦିନ ବାର୍ଷିକ ସମାରୋହରେ କ୍ଲବର ସମ୍ପାଦକ ହରିପ୍ରସାଦ ନନ୍ଦୀ ବିବରଣୀ ପାଠ କରିଥିଲେ। ଉପସଭାପତି ଦିଲ୍ଲୀପ ସିଂହ,ସହସମ୍ପାଦକ ସହିଲ ଅହେମଦ ଓ ମହେବୁବ ଖାନ,କୋଷାଧ୍ୟକ ହାଜି ଅବୁ ହୋସେନ,ମିର୍ଜା ଇଜାଜ ବେଗ,ଶେଖ ଫାରୁକ,ମିର୍ଜା ଫରୟାଦ ବେଗ,ଶେଖ ନାଶିର ଅଲି,ସଲିମ ଖାନ,ଶେଖ ଜୁଲଫୁକାର,ସୈୟଦ କେତାବ ଅଲ୍ଲୀ,ଦିଲାୱାର ଅଲ୍ଲୀ,ମୀର ମହମ୍ମଦ ସମିର ପ୍ରମୁଖ ଉପସ୍ଥିତ ରହିଥିଲେ।

# ସମୟର ଚକ୍ରର ଶାରଦୀୟ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ସ୍ଥାନୀୟ ବାଲେଶ୍ୱର ଗାନ୍ଧୀସ୍ମୃତି ଭବନ ପରିସରରେ ନିୟମିତ ପ୍ରକାଶିତ ହେଉଥିବା ମାସିକ ସମ୍ବାଦ ଭିତ୍ତିକ ପତ୍ରିକା 'ସମୟର ଚକ୍ର'ର ୧୪ତମ ଶାରଦୀୟ ବାର୍ଷିକ ସାଂସ୍କୃତିକ, କବିତା ପାଠ,ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ସର୍ବେଶ୍ୱର ଜେନାଙ୍କ ଆହ୍ୱାନ କ୍ରମେ ଅଧ୍ୟାପକ ଡ.ଅଶ୍ୱିନୀ କୁମାର ପ୍ରଧାନଙ୍କ ସଂଯୋଜନାରେ ସମାଜସେବୀ କବି ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସରକାରୀ ଦଳ ଉପମୁଖ୍ୟ ସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ମୁଖ୍ୟ ବକ୍ତା ବକ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ବରେଣ୍ୟ ଅତିଥି ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ଯୁବନେତା ବିକ୍ରମ ପଣ୍ଡା ,ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ,ଯୁବନେତା ବିକାଶ କୁମାର ପାଢୀ ଓରିପୋଲର ନିର୍ଦ୍ଦେଶିକା ଆକାଂକ୍ଷା ବେହେରା, ଡାକ୍ତର ଅମିତାଭ ଗିରି,ଯୁବ ବୈଜ୍ଞାନିକ ସିଦ୍ଧାର୍ଥ ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ସର୍ବେଶ୍ୱର ଜେନା । ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମୟର ଚକ୍ର'ର ଶାରଦୀୟ ବାର୍ଷିକ ବିଶେଷାଙ୍କ ଲୋକାର୍ପଣ କରାଯାଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠ ଆଲୋଚନା ଚକ୍ର ଗାଳ୍ପିକ ଶାନ୍ତନୁ ପଟ୍ଟନାୟକଙ୍କ ପରିଚାଳନାରେ ବରିଷ୍ଠ ସାହିତ୍ୟିକ କବି କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡା ମୁଖ୍ୟବକ୍ତା ଆଇଟି.ଆର ର ଅତିରିକ୍ତ ନିର୍ଦ୍ଦେଶକ ନୀଳାଦ୍ରୀ ରାୟ ବରେଣ୍ୟ ଅତିଥି ସମାଜସେବୀ ପ୍ରତିମା ପଣ୍ଡା ଆନ୍ତର୍ଜାତିକ ଚିତ୍ରଶିଳ୍ପୀ କେଶୁଦାସ ଇ.ହୃଷିକେଶ ସାହୁ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ କବି କଲ୍ୟାଣୀ ନନ୍ଦ ପେଡମେନ ସତ୍ୟନାରାୟଣ ନାୟକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ପଦ୍ମଲୋଚନ ଦତ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଏହି ପତ୍ରିକା ଆଗାମୀ ଦିନରେ ଅଧିକ ସମ୍ପ୍ରସାରିତ ହେଉ। ଏହି ଅବସରରେ ୨୫ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଉଦ୍ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାଚୀ କ୍ରିଏସନର ପରିଚାଳକ ମନୋଜ କୁମାର ନାୟକଙ୍କ ପରିଚାଳନାରେ ୯୦ରୁ ଉର୍ଦ୍ଧ୍ୱ ପିଲା ନୃତ୍ୟ,ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା

# ରିଜର୍ଭବ୍ୟାଙ୍କ ଡେପୁଟି ଗଭର୍ଣ୍ଣର, ନଗରଉନ୍ନୟନ ମନ୍ତ୍ରୀଙ୍କ ମଧ୍ୟରେ ସୌଜନ୍ୟମୂଳକ ଆଲୋଚନା



ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଚିଶୋଳ ଗ୍ରାମରେ ଭାରତୀୟ ରିଜର୍ଭବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଶିରୀଶ ଚନ୍ଦ୍ର ମୁର୍ମୁ ଏବଂ ଓଡିଶା ସରକାରଙ୍କ ମାନ୍ୟବର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମ ହୋଇଯାଇଛି। ଭାରତର ପୂର୍ବତନ ସିଏଜି ତଥା ଜାମ୍ମୁକାଶ୍ମୀରର ପ୍ରଥମ ଉପରାଜ୍ୟପାଳ ବରିଷ୍ଠ ଆଇଏଏସ ଅଧିକାରୀ ଗିରିଶ ଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଶିରୀଶ ଚନ୍ଦ୍ର ମୁର୍ମୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ ଚଳିତମାସ ୮ତାରିଖରେ ଦାୟୀତ୍ୱ ଗ୍ରହଣ କରିବାପରେ ଏହା ତାଙ୍କର ପ୍ରଥମ ବେତନଟୀ ଗସ୍ତ ।ବେତନଟୀ ଥାନା ଅଧୀନ ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଚିଶୋଳସ୍ଥିତ ପୈତୃକ ଗ୍ରାମକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଶିରୀଶ ମୁର୍ମୁ କିଛିଦିନ ପାଇଁ ଆସିଥିବା ବେଳେ ମଙ୍ଗଳବାର ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କଞ୍ଚିଶୋଳ ଗ୍ରାମରେ ପହଞ୍ଚିଥିଲେ ।ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ରଙ୍କ ସମେତ ପୂର୍ବତନ ବିଧାୟକ ତଥା ଭାଜପାର ପ୍ରାକ୍ତନ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ଜିଲ୍ଲା ଉପସଭାପତି ପରେଶଚନ୍ଦ୍ର ମହାନ୍ତ, ପ୍ରଦୀପ ମହାନ୍ତି, ଦାନ୍ତିଆମୁହାଁ ସମିତିସଭ୍ୟ ସୁକୁଲ ମୁର୍ମୁ, କୁନା ମହାନ୍ତ ପ୍ରମୁଖ ମଧ୍ୟ ଏହି ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଅଞ୍ଚଳ ଏବଂ ଅଞ୍ଚଳ ବାସୀଙ୍କୁ ନେଇ ବିଭିନ୍ନ ଗଠନମୂଳକ ଦିଗ ଉପରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିଲା ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୬୯)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ )

**ନ ଚ ତସ୍ମାନ୍ ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ ।**
**ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ॥ ୬୯ ॥**

ମନୁଷ୍ୟେଷୁ ତସ୍ମାତ୍ (ମଦ୍ଭକ୍ତେଭ୍ୟୋ ଗୀତାଶାସ୍ତ୍ରଂ ବାଖ୍ୟାତୁଃ ସକାଶତ୍) କଶ୍ଚିତ୍ ମେ (ମମ) ପ୍ରିୟକୃତମଃ (ଅତ୍ୟନ୍ତଂ ପରିତୋଷକର୍ତ୍ତା) ନ ଚ (ଅସ୍ତି), ତସ୍ମାତ୍ ଅନ୍ୟଃ (ଅପରଃ) ପ୍ରିୟତରଃ ଚ ଭୁବି (ପୃଥିବ୍ୟାଂ) ନ ଭବିତା (କାଳାନ୍ତରେପି ନ ଭବିଷ୍ୟତି) ॥ ୬୯ ॥

# ସେ ଦିନ ଓ ଏ ଦିନ

ସେଦିନ ବି ଓଡ଼ିଶା ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିଲା । ଆଉ ଆଜି ବି ଓଡ଼ିଶା ଦୁର୍ଦ୍ଦିନ ଦେଇ ଗତି କରୁଛି । ଏ କଥା ପ୍ରତ୍ୟେକ ସଚେତନ ଓଡ଼ିଆ ଅନୁଭବ କରି ପାରୁଥିବେ । ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା'ରୁ 'ଅନ୍ଧାରର ଦୀପଶିଖା: ଉତ୍କଳ ଦୀପିକା' ଅଧ୍ୟାୟରୁ 'ସେଇ ଭୟଙ୍କର ୧୮୬୬' ବିଷୟଟିକୁ ଏବର ସଚେତନ ଓଡ଼ିଆମାନେ ଅଧ୍ୟୟନ କରିବା ଆବଶ୍ୟକ । ତାହା ଥିଲା ଏହିପରି 'ଆଜି ବି ଓଡ଼ିଆ ପ୍ରାଣରେ ଏକ ଅଜ୍ଞାତ ଭୟର ଶୀତକାର ଖେଳାଇ ଦିଏ ୧୮୬୬ ! ଖାରବେଳ, କପିଳେନ୍ଦ୍ରର ବୀର ଓଡ଼ିଆ କପାଳରେ ଏହା ଥିଲା ଇତିହାସର କ୍ରୂରତମ ପରିହାସ । ଯେଉଁ ଜାତିର ନାମ ଶ୍ରବଣରେ ମୃତ୍ୟୁ ଶଙ୍କିତ ହେଉଥିଲା, ସେହି ମହାନ ଜାତି ମୃତ୍ୟୁ ଯଜ୍ଞର ଯୂପକାଠରେ ସେ ଦିନ ସାଜିଥିଲା ଏକ ନୀରିହ ନିଷ୍ପ୍ରାଣ ବଳି ! ଓଡ଼ିଶାର ଘରେ ଘରେ ମୃତ୍ୟୁର ତାଣ୍ଡବ ଲୀଳା ! ଏ ଦେଶର ବିଲ, ବଣ, ପଦା, ନଗର, ଜନପଦ ସବୁଠିଁ ବୁଭୁକ୍ଷା ଓ ଅକାଳ ମୃତ୍ୟୁର ଲୋମହର୍ଷକ ଦୃଶ୍ୟ ! ଏ ଦେଶର ଗଗନ, ପବନ ମଥିତ କରି ଶୁଭୁଥିଲା ଗୋଟିଏ ବାଣୀ– ମୁଠେ ଭାତ...ମୁଠେ ଭାତ ! ଅଥଚ ଜାତିର ସେଇ ମହାନ ଅଶୁଭ ଓ ଦୁର୍ବିପାକ ମୁହୂର୍ତ୍ତରେ ଔପନିବେଶିକ ବିଦେଶୀ ଶାସକ ଥିଲା ଏକାଧାରରେ ଅବିଚଳିତ, ମୂକ, ଅନ୍ଧ, ବଧିର ଓ ନିଷ୍କରୁଣ ! ଚତୁର୍ଦ୍ଦିଗରେ ଘନ ତମିସ୍ରା । ସେ ତମିସ୍ରା ଥିଲା ଅଭାବ,ଅନଟନ, ନୀରବତା ଓ ସାରସହୀନତାର ! ସେଇ ଦୁର୍ଦ୍ଦିନରେ ଜଳି ଉଠିଥିଲା ଛୋଟ ଦୀପଟିଏ ... ଉତ୍କଳ ଦୀପିକା । ' (ଅନ୍ଧାର ଦୀପଶିଖା: ଉତ୍କଳ ଦୀପିକା– ସମ୍ପାଦକ ଗୌରୀଶଙ୍କର ରାୟ)

ନବେ ଦଶକରେ ଯଦିଓ ଓଡ଼ିଶାରେ 'ସମାଜ' ଓ 'ପ୍ରଜାତନ୍ତ୍ର' ଏ ଦୁଇଟି ଓଡ଼ିଆ ସମ୍ବାଦପତ୍ର ଓଡ଼ିଶାରେ ପ୍ରଭାବଶାଳୀ ଥିଲେ, 'ସମ୍ବାଦ' ଖବରକାଗଜ ମଧ୍ୟ ପଛରେ ପଡି ନଥିଲା । ମାତ୍ର ସମାଜ, ସମ୍ବାଦ ପରି ନାମ ଗୋଟିଏ ବାଛିବାକୁ ସ୍ୱର୍ଗୀୟ ଉପ- ମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ଆମ କେତେଜଣଙ୍କୁ କହିଥିଲେ । ଶେଷରେ ଏ ଲେଖକ 'ସମୟ' ନାମ କରିବାରୁ ତାହା ସ୍ୱର୍ଗୀୟ ବିଶ୍ୱାଳଙ୍କ ମନକୁ ପାଇଥିଲା ଏବଂ ଏହି ନାମରେ ଗୋଟିଏ ପତ୍ରିକା ବାହାରୁଥିବାରୁ ପତ୍ରିକାର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରି ବସନ୍ତ ବାବୁ ନାମଟି ଆଣି ଦୈନିକ ସମ୍ବାଦପତ୍ରଟିଏ ପ୍ରକାଶ କରିବାକୁ ଉଦ୍ୟମ କରିଥିଲେ । ପତ୍ରିକାର ଦୁଇଜଣଯାକ କର୍ମକର୍ତ୍ତା, ଶିକ୍ଷକ ନେତା ଅବନୀ ବରାଳ ଓ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ରାୟ ସିଂ ଏବେ ସ୍ୱର୍ଗରେ । ମାତ୍ର କବି ଅମରେଶ ପଟ୍ଟନାୟକ ଏବେ ବି ଆମ ଗହଣରେ ଅଛନ୍ତି । ଏହି 'ସମୟ' ପ୍ରତିଷ୍ଠା ସମ୍ପର୍କରେ ସୂଚନା ଦେଇ ସ୍ୱର୍ଗୀୟ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ଠାଏ ଉଲ୍ଲେଖ କରିଛନ୍ତି, ' ଆଶୀର୍ବାଦ ପ୍ରକାଶନ ଟ୍ରଷ୍ଟ ନାମକ ଏକ ସଂଗଠନ ସେ ଗଢ଼ିଲେ । ଏହି ଟ୍ରଷ୍ଟରେ ନିଜର କେତେଜଣ ଘନିଷ୍ଠ ସହଯୋଗୀମାନଙ୍କର ସେୟାର ଓ ସମ୍ପୃକ୍ତି ସଂଗ୍ରହ କଲେ । ୧୯୯୬ ମସିହା ଗାନ୍ଧି ଜୟନ୍ତୀ ଅକ୍ଟୋବର ୨ ତାରିଖ ଦିନ ଜନ୍ମନେଲା ଦୈନିକ ଖବର କାଗଜ 'ସମୟ' । ମୁଦ୍ରଣ ପାଇଁ ସେତେବେଳ ଆଧୁନିକ ବିବେଚିତ ହେଉଥିବା ମୁଦ୍ରଣ ଯନ୍ତ୍ର ସବୁ କ୍ରୟ କରାଯାଇ ଏକ ସ୍ୱୟଂସମ୍ପୂର୍ଣ୍ଣ ପ୍ରେସରେ ତାହାକୁ ପରିଣତ କରାଗଲା । ବିଂଶ ଶତାବ୍ଦୀର ଅନ୍ତିମ ପାଦରେ 'ସମୟ' ଥିଲା ଓଡ଼ିଶା ଗଣମାଧ୍ୟମ ଇଲାକାର ଏକ ଆଲୋକବର୍ତ୍ତିକା...'('ବିଚିତ୍ରକର୍ମା ବସନ୍ତ' ପୁସ୍ତକର ୨୩୧ ପୃଷ୍ଠାରୁ ଉଦ୍ଧୃତ)

୧୯୯୬ରେ ଯେତେବେଳେ 'ସମୟ' ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ପ୍ରକାଶ ପାଇଲା ସେତେବେଳେ ତାହାର ସବୁ ପୃଷ୍ଠା ଥିଲା ରଙ୍ଗୀନ । ଓଡ଼ିଶାରେ ଏହା ଥିଲା ଏକ ଅଭିନବ ପ୍ରଚେଷ୍ଟା । ଓଡ଼ିଶାର ଲୋକମାନଙ୍କୁ ତାହା ଆକର୍ଷିତ କରିଥିଲା । ନୂତନ ପରିପାଟୀ ଦୃଷ୍ଟିରୁ କେବଳ ନୁହେଁ, ବଛା ବଛା ସାମ୍ବାଦିକ ଓ ଅଣ ସାମ୍ବାଦିକମାନଙ୍କ ସମେତ ଲେଖକ ଓ ଲେଖିକାମାନେ ମଧ୍ୟ ଏହି ସମ୍ବାଦପତ୍ରରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳରେ 'ସମୟ' ପହଞ୍ଚି ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ସ୍ତରରେ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଥିଲା । ଏହାର ତିନି ବର୍ଷ ପରେ ଯେଉଁ ମହାବାତ୍ୟା ଉପକୂଳ ଓଡ଼ିଶାର ମେରୁଦଣ୍ଡକୁ ଭାଙ୍ଗି ଦେଲା, ସେହି ଦୁର୍ଦ୍ଦିନରେ ମଧ୍ୟ 'ସମୟ' ବହୁ ବାଧାବିଘ୍ନକୁ ଅତିକ୍ରମ କରି ସଗର୍ବେ ଅଗ୍ରଗମନ କରିଥିଲା । ରାଜନୀତିକ ଅସ୍ଥିରତା ମଧ୍ୟ 'ସମୟ'ର ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା । ମାତ୍ର ଆପଣାର ନିରପେକ୍ଷ ନୀତି ଓ ଆଦର୍ଶକୁ ସମ୍ବଳ କରି 'ସମୟ' ଆଗେଇ ଚାଲିଥିଲା ପଛେ, ଆଉ ପଛକୁ ଫେରି ନଥିଲା । ଶତାଧିକ ବର୍ଷ ତଳେ ଆସିଥିବା କରୋନା ମହାମାରୀର କରାଳ ରୂପ କେବଳ ଓଡ଼ିଶା ବା ଭାରତକୁ ନୁହେଁ, ସମଗ୍ର ବିଶ୍ୱକୁ ଆଚ୍ଛନ୍ନ କରି ରଖିଥିଲା । ଅନେକ ସମ୍ବାଦପତ୍ର ବ୍ୟାକଟ୍ରାକ ନୀତିରେ ପଶ୍ଚାତଗମନ କରିବାକୁ ବାଧ୍ୟ ହୋଇଥିଲେ । ମାତ୍ର 'ସମୟ' ଅନ୍ୟ କେତେକ ଓଡ଼ିଆ ସମ୍ବାଦପତ୍ରଙ୍କ ସହ ତାଳ ଦେଇ କୌଣସି ମତେ ତିଷ୍ଠି ରହିବାକୁ ଉଦ୍ୟମ କରିଥିଲା । ଏବେ 'ସମୟ' ପୂର୍ବପରି ବହୁଳ ପ୍ରସାରିତ ସମ୍ବାଦପତ୍ର ବୋଲି କେହି କହୁ ବା ନକହୁ, ନିଜସ୍ୱ ଢଙ୍ଗରେ ତା'ର ନିର୍ଦ୍ଦିଷ୍ଟ ପାଠକ ଓ ବିଜ୍ଞାପନଦାତାଙ୍କ ସହଯୋଗରେ ଆପଣାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ଆଜି 'ସମୟ'ର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳ କିମ୍ବା 'ସମୟ'ର ମାର୍ଗଦର୍ଶିକା ମୀରା ବିଶ୍ୱାଳ ଆଉ ନାହାନ୍ତି । ସେମାନଙ୍କ ଅବର୍ତ୍ତମାନରେ ଶ୍ରୀ ଚିରଞ୍ଜୀବି ବିଶ୍ୱାଳ (ପୂର୍ବତନ ବିଧାୟକ), ଶ୍ରୀମତୀ ତେଜଲ ବିଶ୍ୱାଳ, ଶ୍ରୀ ରଞ୍ଜୀବ ବିଶ୍ୱାଳ ( ପୂର୍ବତନ ସାଂସଦ ଓ 'ସମୟ'ର ପରିଚାଳନା ସମ୍ପାଦକ) ଓ ଶ୍ରୀମତୀ ଅନିତା ମହାନ୍ତି ('ସମୟ'ର ପରିଚାଳନା ନିର୍ଦ୍ଦେଶିକା)ଙ୍କ ପ୍ରେରଣା ଆମମାନଙ୍କୁ କର୍ତ୍ତବ୍ୟ ପଥରେ ଆଗେଇ ଯିବା ପାଇଁ ଦିଗ୍‌ଦର୍ଶନ ଦେଇ ଆସୁଛି ।

ଭାରତରେ ଗତ ବର୍ଷ ସୁଦ୍ଧା ଦୈନିକ ସମ୍ବାଦପତ୍ରର ସଂଖ୍ୟା ସହସ୍ରାଧିକ । ତଡିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ମଧ୍ୟରେ ତୀବ୍ର ପ୍ରତିଯୋଗିତା ପୁଣି ଚାଲିଛି । ତଥାପି ସମ୍ବାଦପତ୍ରର ଆଦର ହ୍ରାସ ପାଇ ନାହିଁ । ୨୦୪୭ରେ ଆମ ସ୍ୱାଧୀନତାର ଶତବାର୍ଷିକ ପାଳନ ଓ ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସଙ୍କଳ୍ପ ନେଇଛନ୍ତି, ତାହା ଆମକୁ ପ୍ରେରଣା ଦେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଶତବାର୍ଷିକ ଉତ୍ସବ ପାଳନ ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ମଧ୍ୟ ଆମ ପାଇଁ ପ୍ରେରଣାପ୍ରଦ । ଆଗକୁ ଯିବା ପାଇଁ ଆମେ ସମସ୍ତଙ୍କର ସଦିଚ୍ଛା ଓ ଆଶୀର୍ବାଦ କାମନା କରୁଛୁଁ ।

**(ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ)**

# ନିଶା ପ୍ରସାରଃ ଚଢ଼ଉ ପ୍ରବଳ, ମାମଲା ଦୁର୍ବଳ



**ପ୍ରହଲାଦ କୁମାର ସିଂହ**

ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ନିଶା ଜନିତ ହିଂସାକାଣ୍ଡ ଓ ଅପରାଧ ଖବର ଯେମିତି ଦେଖିବାକୁ ମିଳେ ସେମିତି ବି ପ୍ରକାଶ ପାଇଥାଏ ଚୋରା ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗର ଚଢ଼ଉ । କିନ୍ତୁ ଚଢ଼ଉ ପରେ କଣ ଘଟେ କେଜାଣି ୫ବର୍ଷରେ ବି ଦଣ୍ଡବିଧାନ ହାର ୧ ପ୍ରତିଶତ ହୋଇପାରୁ ନାହିଁ । ନିଶା ପ୍ରସାର ଆମ ରାଜ୍ୟରେ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିଲେ ବି ଏହାର ନିରାକରଣ କରିବା ତ ଦୂରର କଥା, ଯେଉଁ କେତୋଟି ଅବକାରୀ ମାମଲା ରୁଜୁ ହେଉଛି ସେଥିରୁ ସରକାର ପ୍ରାୟ ୯୯ ପ୍ରତିଶତରେ ଅଭିଯୁକ୍ତଙ୍କ ନିକଟରୁ ପରାସ୍ତ ହେଉଛନ୍ତି । ଏଠି ପ୍ରଶ୍ନ ଉଠେ– ତଦନ୍ତ ଦୁର୍ବଳ ନା ମାମଲା ଦୁର୍ବଳ? ସରକାର ଦୁର୍ବଳ ନା ଚୋରା ନିଶା ବେପାରୀ ସବଳ?

ମଦୁଆଙ୍କ ଚାହିଦା ମେଣ୍ଟାଇବା ପାଇଁ ସରକାର ମଦ ଯୋଗାଇଥାନ୍ତି । ଏହାକୁ ଡିମାଣ୍ଡ–ସପ୍ଲାଇ ଥିଓରୀ ବୋଲି ସଫେଇ ଦିଅନ୍ତି । ସରକାର ମଦ ନଯୋଗାଇଲେ ଚୋରା ମଦ କାରବାର ବଢ଼ି ପରିସ୍ଥିତି ଭୟଙ୍କର ହେବ ବୋଲି ଯେଉଁ ସଫେଇ ଦିଆଯାଏ ତାହା ଏକ ପ୍ରକାର ଚୋରା ନିଶା ବେପାରୀଙ୍କ ନିକଟରେ ବ୍ୟବସ୍ଥାର ଆତ୍ମସମର୍ପଣ ଭଳି । ଉଭୟ ଚୋରା ବେପାରୀ ଓ ସରକାର ଯୋଗାଉଥିବା ନିଶା ଉଭୟ ଯେ ବ୍ୟକ୍ତି, ପରିବାର, ସମାଜ, ରାଜ୍ୟ ଓ ରାଷ୍ଟ୍ର ପାଇଁ କ୍ଷତିକାରକ ଏକଥା କିନ୍ତୁ ମାନିବାକୁ ସରକାର ପ୍ରସ୍ତୁତ ନୁହନ୍ତି । ବେକାରୀ, ବେରୋଜଗାରୀ ବଢ଼ି ଚାଲୁଥିବାବେଳେ ଚାହିଦା ମୁତାବକ ଚାକିରି ସମେତ ଅନ୍ୟାନ୍ୟ କର୍ମ ଯୋଗାଣ ବ୍ୟବସ୍ଥା ହୋଇପାରୁନାହିଁ ଅଥଚ ସରକାରୀ ହେପାଜତରେ ନିଶା ପ୍ରସାର ଚାଲୁଛି । ଏମିତିକି ୧୯୫୬ରୁ ଓଡ଼ିଶା ନିଶା ନିବାରଣ ଆଇନ୍ ପ୍ରଣୀତ ହୋଇଥିବା, ପ୍ରଚଳିତ ଓଡ଼ିଶା ଅବକାରୀ ଆଇନ୍‌ରେ ନିଶା ନିବାରଣ ସମ୍ପର୍କରେ ଉଲ୍ଲେଖ ଥିବା ଏବଂ ସମ୍ବିଧାନର ୪୭ ଧାରାରେ ଏହା କୁହାଯାଇଥିଲେ ବି ନିଶା ନିବାରିତ ହେବା ପରିବର୍ତ୍ତେ ପ୍ରସାରିତ ହେଉଛି ।

ସରକାରୀ ତଥ୍ୟ ମୁତାବକ ୨୦୨୦–୨୧ରୁ ୨୦୨୪–୨୫ ପର୍ଯ୍ୟନ୍ତ ୫ବର୍ଷରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୩ଲକ୍ଷ ୧୭ ହଜାରରୁ ଅଧିକ ଅବକାରୀ ମାମଲା ବିଚାର ପାଇଁ ଥିଲା । ଏଥିରୁ ଏହି ୫ବର୍ଷରେ ମାତ୍ର ୨୨୧ଟି ମାମଲାରେ ଦଣ୍ଡବିଧାନ କରାଯାଇଥିବାବେଳେ ୫୭,୬୮୬ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି । ଏମିତିକି ଅନେକ ଜିଲ୍ଲାରେ ୫ବର୍ଷରେ ଗୋଟିଏ ହେଲେ ଅବକାରୀ ମାମଲାରେ ଦଣ୍ଡବିଧାନ ହୋଇନାହିଁ । ବର୍ଷକୁ ହାରାହାରି ୪୪ଟି ଅବକାରୀ ମାମଲାରେ ଦଣ୍ଡବିଧାନ କରାଯିବା ସ୍ଥଳେ ୧୧ ହଜାରରୁ ଅଧିକ ମାମଲାରେ ଅଭିଯୁକ୍ତ ଖଲାସ ହେବା ଆମ ବ୍ୟବସ୍ଥାର ପାରିବା ପଣିଆକୁ ପଦାରେ ପକାଉଛି । ଚୋରା ନିଶା କାରବାର ରୋକିବା ପାଇଁ ଥିବା ଚାରୋଟିଯାକ ଅବକାରୀ ଗୁଇନ୍ଦା ଓ ଏନ୍‌ଫୋର୍ସମେଣ୍ଟ ବ୍ୟୁରୋ ଏହି ୫ବର୍ଷରେ ୧୧ ହଜାରରୁ ଅଧିକ ମାମଲା ବିଚାର ପାଇଁ ଆଣିଥିବାବେଳେ ଉକ୍ତ ସମୟରେ ଗୋଟିଏ ହେଲେ ମାମଲାରେ ଦଣ୍ଡବିଧାନ ହୋଇନାହିଁ ଅଥଚ ୪୫୯୬ ମାମଲାରେ ଅଭିଯୁକ୍ତ ଖଲାସ ହୋଇଛନ୍ତି । ଢେଙ୍କାନାଳ, ଦେବଗଡ଼, କଟକ, ଭୁବନେଶ୍ୱର, ଭଦ୍ରକ, ବ୍ରହ୍ମପୁର, ବରଗଡ଼, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ପୁରୀ, ରାୟଗଡ଼ା, ରାଉରକେଲା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ବାଲେଶ୍ୱର ଅବକାରୀ ଜିଲ୍ଲାରେ ବିଗତ ୫ବର୍ଷରେ ଗୋଟିଏ ହେଲେ ମାମଲାରେ ଦଣ୍ଡବିଧାନ ହୋଇନଥିବା ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି ।

୨୦୨୦–୨୧ରୁ ୨୦୨୪–୨୫ ଭିତରେ ଗଞ୍ଜାମ ଜିଲ୍ଲାରେ ୮୮୦୬ଟି ଅବକାରୀ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଏଥିରୁ ୯୮୩ଟିରେ ଅଭିଯୁକ୍ତ ଖଲାସ ହୋଇଗଲେ ଏବଂ ମାତ୍ର ଗୋଟିକରେ ଦଣ୍ଡବିଧାନ ହେଲା। ସେହିଭଳି ଗଜପତି ଜିଲ୍ଲାରେ ଏହି ବର୍ଷଗୁଡ଼ିକରେ ୩୧୦୫ଟି ମାମଲା ବିଚାର ପାଇଁ ଥିବାବେଳେ ସେଥିରୁ ମାତ୍ର ୧୦ଟିରେ ଦଣ୍ଡବିଧାନ ହେଲା ଓ ୧୪୮୧ଟିରେ ଅପରାଧୀ ଖସିଗଲେ । ବୌଦ୍ଧ ଜିଲ୍ଲାରେ ୨୯୪୦ଟି ମାମଲାରୁ ୫ବର୍ଷରେ ୪୭୬ଜଣ ଦୋଷମୁକ୍ତ ହୋଇଥିବାବେଳେ ମାତ୍ର ତିନୋଟିରେ ଦଣ୍ଡବିଧାନ ହୋଇପାରିଲା । ଯାଜପୁର ଜିଲ୍ଲାରେ ଏହି ୫ବର୍ଷରେ ୩୨,୪୨୯ ଓ କଳାହାଣ୍ଡି ଜିଲ୍ଲାରେ ୪୩,୫୫୧ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ସେଥିରୁ ଗୋଟିକରେ ବି ଦଣ୍ଡ ଦିଆ ଯାଇପାରିଲା ନାହିଁ। ଅଥଚ ଏହି ଦୁଇ ଜିଲ୍ଲାରେ ୩ ହଜାରରୁ ଅଧିକ ଅଭିଯୁକ୍ତ ଖଲାସ ହୋଇଗଲେ । ଏହା ହେଉଛି ମାଲମାଲ ଅବକାରୀ ଚଢ଼ଉ ପରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ଫଳାଫଳ । ଏସବୁ ତଥ୍ୟ ଖୋଦ୍ ରାଜ୍ୟ ସରକାର ବିଧାନସଭାରେ ଦେଇଛନ୍ତି ।

ବହୁଚର୍ଚ୍ଚିତ କଟକ ମଦମୃତ୍ୟୁ ଦୁର୍ଘଟଣାର ପ୍ରଶାସନିକ ତଦନ୍ତ କରାଯାଇଥିଲା କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଦ୍ୱାରା । ତାଙ୍କ ରିପୋର୍ଟରେ ଆରଡିସି ଦର୍ଶାଇଥିଲେ ଯେ ଥାନା–ଫାଣ୍ଡିଠାରୁ ସରକାର ଚଳାଉଥିବା ବ୍ୟକ୍ତି ବିଶେଷଙ୍କ ପର୍ଯ୍ୟନ୍ତ ବଟି ନେଇଥାନ୍ତି ଚୋରା ମଦ ବେପାରୀଙ୍କଠାରୁ । ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରାଯାଇଥିଲା ଓ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ବାଳକୃଷ୍ଣ ବେହେରାଙ୍କୁ ନେଇ ଏକ କମିଶନ ବସାଯାଇଥିଲା । କମିଶନ ଓ ଆରଡିସିଙ୍କ ତଦନ୍ତ ରିପୋର୍ଟ ବି ବିଧାନସଭାରେ ଉପସ୍ଥାପିତ ହୋଇଥିଲା । ଏହା ଅପରାଧର ରାଜନୀତିକରଣ ଓ ରାଜନୀତିର ଅପରାଧିକରଣ ବୋଲି କମିଶନ ସୂଚାଇଥିଲେ । କ୍ରାଇମବ୍ରାଞ୍ଚର ଜଣେ ତଦନ୍ତ ଅଧିକାରୀ ତାଙ୍କ ରିପୋର୍ଟରେ ଲେଖିଥିଲେ ଯେ ଖାକି ପୋଷାକ ପରିହିତ କେତେକ ଅବକାରୀ ଓ ପୁଲିସ କର୍ମଚାରୀ ଚୋରା ମଦ ବ୍ୟବସାୟୀର ପୋଷା କୁକୁର ଭଳି କାମ କରୁଥିବାରୁ ସେ ତାହାର ସାମ୍ରାଜ୍ୟ ବିସ୍ତାର କରିବା ବେଳେ ଏମାନଙ୍କ ଉପସ୍ଥିତି ଅନୁଭବ କରିପାରୁନଥିଲା । ଏହି ତଥ୍ୟ ବି କମିଶନଙ୍କ ରିପୋର୍ଟରେ ସ୍ଥାନିତ ହୋଇଛି । ଭୁବନେଶ୍ୱର ଉପକଣ୍ଠରେ ଘଟିଥିବା ଅନ୍ୟ ଏକ ମଦ ମୃତ୍ୟୁ ଘଟଣାର ତଦନ୍ତ କରି କମିଶନ ଯେଉଁ ବିସ୍ତୃତ ରିପୋର୍ଟ ଦେଇଥିଲେ ସେଥିରେ ରାଜଧାନୀରେ ଥିବା ଏକ ଅବକାରୀ ଦପ୍ତରଠାରୁ ଅଳ୍ପ କେଇ ମିଟର ଦୂରରେ ଚୋରା ମଦ ବେପାରୀର ଆଡ୍ଡା ଥିଲା । କେବଳ ସେତିକି ନୁହେଁ, କଟକ ମଦମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ବି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନମାନ ଚଳାଉଥିଲେ । ସେତେବେଳେ ଚାନ୍ଦା ସଂକ୍ରାନ୍ତୀୟ ଯେଉଁ ଟିପା ଖାତାମାନ ଜବତ ହୋଇଥିଲା ସେଥିରେ ବହୁ ରାଜନେତା ଏବଂ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ନାମ ବି ବାହାରିଥିଲା । ଏସବୁ ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ କଳା ସମ୍ପତ୍ତି ଆହରଣ କରିବା ପାଇଁ ଚୋରା ମଦ ବେପାରୀମାନେ ଯେଉଁଳି ତତ୍ପରତା ପ୍ରକାଶ କରନ୍ତି ସେହିଭଳି ସେମାନଙ୍କଠାରୁ ଅନୁଗୃହୀତ ହେବା ପାଇଁ ଦାୟିତ୍ୱରେ ଥିବା କିଛି ବ୍ୟକ୍ତି ବିଶେଷ ମଧ୍ୟ ସଲାସୁତୁରାରେ ହାତ ଚିକ୍କଣ କରିଥାନ୍ତି ।

ଅନ୍ୟପକ୍ଷରେ ଓଡ଼ିଶା ଅବକାରୀ ରାଜସ୍ୱ ନିଶା ପ୍ରସାରଣ ସହ ତାଳ ଦେଇ ହୁ ହୁ ହୋଇ ବଢୁଛି । ୨୦୦୦–୦୧ ବେଳକୁ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ଲକ୍ଷ ଥିବାବେଳେ ୨୦୨୩–୨୪ ବର୍ଷ ବେଳକୁ ଏହା ବଢ଼ି ବଢ଼ି ୭୨୧୫ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୨୫–୨୬ ପାଇଁ ରାଜ୍ୟ ସରକାର ଅଟକଳ ରଖିଛନ୍ତି ଅବକାରୀରୁ ୯୭୫୪ କୋଟି ଟଙ୍କା ରୋଜଗାର କରିବାକୁ । ବିଜେପି ୨୦୨୪ ନିର୍ବାଚନ ବେଳେ ଜାରି କରିଥିବା ସଂକଳ୍ପପତ୍ରର ୩୮ ପୃଷ୍ଠାରେ ଉଲ୍ଲେଖ କରିଥିଲା ଯେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବ ବୋଲି । କିନ୍ତୁ ଏହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଲାଗି ଗୁଜରାଟ କିମ୍ବା ବିହାର ମଡେଲ୍‌ର ନିଶା ନିବାରଣ ତୁରନ୍ତ ଲାଗୁ କରିବାକୁ ସରକାର ପ୍ରସ୍ତୁତ ନୁହନ୍ତି । **ବିଜେପି ସରକାରର ନିଶା ନିବାରଣ ପ୍ରତିଶ୍ରୁତି ଓ ନିଶା ପ୍ରସାରଣ କାମକୁ ବିଜେଡି କିମ୍ବା କଂଗ୍ରେସ ଭଳି ପ୍ରମୁଖ ରାଜନୈତିକ ଦଳମାନେ ଯେଉଭଳି ବିରୋଧ କରିବା କଥା ତାହା କରୁନାହାନ୍ତି । କାରଣ ଅତୀତରେ ଏହି ଦଳର ସରକାର ସମୟରେ ଓଡ଼ିଶାରେ ବି ନିଶା ପ୍ରସାରଣ ଘଟିଥିଲା । ଏମିତିକି ବିଧାନସଭା ଅବକାରୀ ବିଭାଗ ସଂକ୍ରାନ୍ତୀୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିଜେଡିର ଜଣେ ବରିଷ୍ଠ ନେତା ଥିବାବେଳେ ଏହି କମିଟି ବନ୍ଦ ଥିବା ମଦ ଦୋକାନଗୁଡ଼ିକ କିଭଳି ଖୋଲା ଯାଇପାରିବ ତା ଉପରେ ଅବକାରୀ ବିଭାଗ ଯଥାଶୀଘ୍ର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ସୁପାରିସ କରିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ବିଧାନସଭାରେ ଯେଉଁ ସୂଚନା ଦେଇଛନ୍ତି ସେଥିରୁ ଜଣାପଡୁଛି ଯେ ରାଜ୍ୟରେ ତିନୋଟି ନୂଆ ମଦ କାରଖାନା ପ୍ରତିଷ୍ଠା ସହିତ ବନ୍ଦ ଥିବା ମଦ ଦୋକାନରୁ ୭୦ଟି ଖୋଲିବାକୁ ପ୍ରସ୍ତାବ ରହିଛି ।**

ଓଡ଼ିଶାରେ ନିଶା ନିବାରଣ କରିବା ପାଇଁ ସରକାରଙ୍କର ପ୍ରସ୍ତାବ ନଥିବା କଥା ସରକାର କହୁଥିବା ବେଳେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ରଙ୍ଗିନ ଫଟୋ ସମ୍ବଳିତ ବିଜ୍ଞାପନରେ ଲେଖାଯାଉଛି 'ନିଶା ନୁହେଁ ଜୀବନ ଚାହୁଁ' । କଥା କଥାକେ ମୋଦିଙ୍କ ରାଜ୍ୟ ଗୁଜରାଟ ମଡେଲ୍ ପ୍ରସଙ୍ଗ ଉଠାଯାଉଥିବାବେଳେ ନିଶା ନିବାରଣ ବେଳକୁ ଗୁଜରାଟ ମଡେଲ୍ କିନ୍ତୁ ଅନୁସରଣ କରାଯାଉ ନାହିଁ । ସେପଟେ କେନ୍ଦ୍ର ସରକାରଙ୍କଠାରୁ ପଇସା ଆଣି ଓଡ଼ିଶାର ୩୦ଟିଯାକ ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ ଚାଲୁଛି । **ଗୁଟ୍‌କା ଭଳି ବିପଜ୍ଜନକ ସାମଗ୍ରୀର ବିପଣନ, ଉତ୍ପାଦନ ଓ ସେବନ ଉପରେ କଟକଣା ଥିବାବେଳେ ଏହା ସମସ୍ତଙ୍କ ଜାଣତରେ ଉପଲବ୍ଧ ହେଉଛି । ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନଗୁଡ଼ିକରେ ବର୍ଷକୁ ପ୍ରାୟ ୨୫ କୋଟି ଲିଟର ମଦ ଯୋଗାଣ କରାଯାଉଛି । ମଦ ପ୍ରସାରଣ କମାଇବା ପରିବର୍ତ୍ତେ ମିନିମମ୍ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ) ନାମରେ ଢେର ଅଧିକ ମଦ ଉଠାଇବା ପାଇଁ ଲାଇସେନ୍ସ ପ୍ରାପ୍ତ ଦୋକାନୀମାନଙ୍କୁ ବାଧ୍ୟ କରାଯାଉଛି ।** ଅବକାରୀ ଅଧିନିୟମରେ ଯେଉଁସବୁ ସ୍ଥାନରେ ମଦ ବିକ୍ରୟ ହୋଇପାରିବ ନାହିଁ ବୋଲି ଉଲ୍ଲେଖ ରହିଛି ସଂଖ୍ୟାଧିକ ମଦ ଦୋକାନ ସେହିସବୁ ସ୍ଥାନରେ କିଭଳି ଚାଲୁଛି? ନିଶା ଯୋଗୁଁ ଅପରାଧ ବଢୁଥିବା କଥାକୁ ଅବକାରୀ ବିଭାଗ ମାନୁନାହିଁ । ତେବେ ନିଶାର କୁ-ପ୍ରଭାବ ଯୁବଗୋଷ୍ଠୀକୁ ବାଟବଣା କରିବା, ଏଥିଯୋଗୁଁ ରୋଗବ୍ୟାଧି ବଢ଼ିବା, ସଡ଼କ ଦୁର୍ଘଟଣା ଘଟିବା, ହତ୍ୟା, ବଳାତ୍କାର ଭଳି ମାମଲା ବୃଦ୍ଧି ପାଉଛି ବୋଲି ତଥାକଥିତ ସଚେତନତା କାର୍ଯ୍ୟକ୍ରମରେ କୁହାଯାଉଛି । କେବଳ ମଦ ନୁହେଁ, ଓଡ଼ିଶାରେ ଗଞ୍ଜେଇ, ବ୍ରାଉନସୁଗାର, ଚରସ, ହେରୋଇନ୍ ଭଳି ବିପଜ୍ଜନକ ନିଶା ସାମଗ୍ରୀଗୁଡ଼ିକ ବ୍ୟବହାର ବଢୁଛି । ଏମିତିକି କଫ୍ ସିରପଠାରୁ ଆରମ୍ଭ କରି ଅନେକ ମାରାତ୍ମକ ନିଶା ଔଷଧ ମଧ୍ୟ ହାତ ପାହାନ୍ତାରେ ଉପଲବ୍ଧ ହେଉଛି । ବିଦେଶରୁ ବିମାନ ଯୋଗେ ଓଡ଼ିଶାକୁ ଆସୁଥିବା ନିଷିଦ୍ଧ ନିଶା ସାମଗ୍ରୀ ବାରମ୍ବାର ଭୁବନେଶ୍ୱର ବିମାନ ବନ୍ଦରରୁ ଜବତ ହେଉଛି । ଜଳପଥ, ରେଳପଥ ଓ ସଡ଼କ ପଥରେ ଓଡ଼ିଶାକୁ ନିଶା ସାମଗ୍ରୀର ସୁଅ ଛୁଟୁଛି । ଏବେ ଗାଁ ଗାଁରେ ନିଶା ବ୍ୟବହାର ବଢ଼ିବା ସହିତ ସାମାଜିକ, ପାରିବାରିକ, ନୈତିକ, ଆର୍ଥିକ, ସାଂସ୍କୃତିକ, ଅଧ୍ୟାତ୍ମିକ ଓ ରାଜନୈତିକ ବ୍ୟବସ୍ଥା ବିଗୁଡୁଛି । ଭୋଟ ପାଇଁ ନୋଟ ସହ ନିଶା ବାଣ୍ଟିବା ଏକ ଅଘୋଷିତ ପରମ୍ପରାରେ ପଡ଼ିଯାଇଛି ।

ସରକାରୀ ହିସାବ ମୁତାବକ ୨୦୨୩–୨୪ ଓ ୨୪–୨୫ ଦୁଇବର୍ଷରେ ଅବକାରୀ ଚଢ଼ଉରେ ଲକ୍ଷାଧିକ ମାମଲା ଧରାପଡିଛି ଏବଂ ଏଥିରେ ବି ପ୍ରାୟ ଲକ୍ଷେ ଅଭିଯୁକ୍ତ ଗିରଫ ହୋଇଛନ୍ତି । ପାଖାପାଖି ୭ ହଜାର ଗାଡ଼ି ଓ ପ୍ରାୟ ୫୦ଲକ୍ଷ ଲିଟର ବେଆଇନ୍ ମଦ ଜବତ ହୋଇଛି। ଏହାଛଡ଼ା ୭୦ ହଜାର ଲିଟରରୁ ଅଧିକ ବିଅର, ପ୍ରାୟ ୩୫ ହଜାର ଲିଟର ଭାରତ ତିଆରି ବିଦେଶୀ ମଦ, ପାଖାପାଖି ୫୦ ହଜାର ଲିଟର ଦେଶୀ ମଦ, ୧ଲକ୍ଷ ଲିଟରରୁ ଅଧିକ ବାହାର ଭାଟି ମଦ, ୧୨ ହଜାର ଲିଟରରୁ ଅଧିକ ନକଲି ବିଦେଶୀ ମଦ ମଧ୍ୟ ଜବତ କରାଯାଇଥିବା କୁହାଯାଉଛି । ୬ଲକ୍ଷ କିଲୋରୁ ଅଧିକ ମହୁଲ ଫୁଲ ଏବଂ ୩କୋଟି ଲିଟରରୁ ଅଧିକ ମଦ ତିଆରି ସାମଗ୍ରୀ ମଧ୍ୟ ନଷ୍ଟ କରାଯାଇଛି । ୨୦୨୪–୨୫ବର୍ଷର ଜାନୁଆରୀ ମାସ ସୁଦ୍ଧା ୨୨,୫୧,୨୫୮ ଗଞ୍ଜେଇ ଗଛ ପ୍ରାୟ ୨୨ ହଜାର ଏକର ଜମିରେ ନଷ୍ଟ କରାଯାଇଛି । ଏହା ସତ୍ତ୍ୱେ ବି ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚାଲାଣ ଲାଗି ରହିଛି । ଦୁଇବର୍ଷରେ ଓଡ଼ିଶାରେ ପାଖାପାଖି ୬୦ ହଜାର ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି । ଯେତେ ଚୋରା ଓ ବେଆଇନ୍ ନିଶା ସାମଗ୍ରୀ ଜବତ କରାଯାଇଥିବା ଦର୍ଶାଯାଉଛି ତାହାର ଢେର ଅଧିକ ଗୁଣ କିନ୍ତୁ ନିଶାଡ଼ିଙ୍କ ପାଖରେ ପହଞ୍ଚିଥିବା ଜଳ ଜଳ ବାରି ହୋଇଯାଉଛି ।

ଅନ୍ୟପକ୍ଷରେ ରାଜ୍ୟ ଯୁବ ନୀତିରେ ନିଶା ପ୍ରସାରଣ ଘେନି ଉଦ୍‌ବେଗ ପ୍ରକାଶ କରାଯିବା ସହ ନିଶାମୁକ୍ତ ଗ୍ରାମ ପ୍ରତିଷ୍ଠା କରିବା କଥା କୁହାଯାଉଥିବାବେଳେ ବାସ୍ତବରେ କିନ୍ତୁ ନିଶା ବଢ଼ା ଚାଲିଛି । ସାମାଜିକ ସଶକ୍ତିକରଣ ବିଭାଗ ଏବଂ ଯୁବ ବିଭାଗ ନିଶା ନିବାରଣ କଥା ନରମ ଗଳାରେ କହୁଥିବାବେଳେ ଅବକାରୀ ବିଭାଗ କିନ୍ତୁ ନିଶା ବଢ଼ାଇବାରେ ବ୍ୟସ୍ତ । ନିଶା ଯୋଗୁଁ କେତେ କ୍ଷତି ହେଉଛି ତାହାର ହିସାବ ସରକାର କରିବା ପରିବର୍ତ୍ତେ ନିଶାରୁ କେତେ ଫାଇଦା ମିଳିବ ସେ ଦିଗରେ ତତ୍ପରତା ପ୍ରକାଶ କରୁଛନ୍ତି । ଏଥିରୁ ବିଭିନ୍ନ ସ୍ତରରେ ଥିବା ଅସାଧୁ ବ୍ୟକ୍ତିମାନେ ଫାଇଦା ଉଠାଇ ନିଶା ରାକ୍ଷସର ପ୍ରବେଶ ପଥକୁ ସୁଗମ କରି ବେଶ ମୁନାଫା ଉଠାଉଛନ୍ତି । ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଭଳି ଆମ ବ୍ୟବସ୍ଥାର ଦୂରବସ୍ଥା ।

ମୋ–୯୪୩୭୦୧୭୩୯୫
E-mail: prahalladsinha@gmail.com

**ଢେଙ୍କାନାଳ, ଦେବଗଡ଼, କଟକ, ଭୁବନେଶ୍ୱର, ଭଦ୍ରକ, ବ୍ରହ୍ମପୁର, ବରଗଡ଼, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ପୁରୀ, ରାୟଗଡ଼ା, ରାଉରକେଲା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ବାଲେଶ୍ୱର ଅବକାରୀ ଜିଲ୍ଲାରେ ବିଗତ ୫ବର୍ଷରେ ଗୋଟିଏ ହେଲେ ମାମଲାରେ ଦଣ୍ଡବିଧାନ ହୋଇନଥିବା ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି ।**

# ଭାବର ଅଭାବ

**ଡ. ସୀତାକାନ୍ତ ତ୍ରିପାଠୀ**

ଆମର ଜଣେ ବନ୍ଧୁଙ୍କର ବାପାଙ୍କର ଦେହାନ୍ତ ହେଲା ପରେ ସାହି, ଭାଇ, ବନ୍ଧୁ, ବାନ୍ଧବ ଆସି ଜମା ହୋଇ ଶବ ସତ୍କାର କରିବା ପାଇଁ ପ୍ରସ୍ତୁତି କାର୍ଯ୍ୟରେ ଲାଗି ପଡ଼ିଲେ । କିଏ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଉଥାଆନ୍ତି ତ ଆଉ କିଏ ବାପାଙ୍କ ବିୟୋଗରେ ଅଧୀର ହୋଇ କାନ୍ଦୁଥିବା ବନ୍ଧୁଜଣକୁ ବିଭିନ୍ନ ଭାବରେ ଆଶ୍ୱାସନା ଦେଉଥାଆନ୍ତି । ଆମେ ସମସ୍ତେ ଅଛୁଁ ତୁମର ସୁବିଧା ଅସୁବିଧାରେ ପହଞ୍ଚିବୁ । ଜନ୍ମ ହେଲେ ମୃତ୍ୟୁ ଆସିବ ତା ପାଇଁ ଆମେ ବ୍ୟସ୍ତ କାହିଁକି ହେବା । ବାପାଙ୍କର ଆଜି ନହେଲେ କାଲି ତ' ମୃତ୍ୟୁ ହୋଇଥାଆନ୍ତା ଇତ୍ୟାଦି ଅନେକ ଭାବେ ବୁଝାଇ ଆମେ ତାକୁ ତୁନି କରାଇବାକୁ ଚେଷ୍ଟା କରୁଥାଉଁ । ଏହି ସମୟରେ ଜଣେ ଲୋକ ଆସି ବନ୍ଧୁଙ୍କୁ କହିଲେ ତମ ବାପାଙ୍କୁ ୮୦ ବର୍ଷରୁ ଅଧିକ ହେଲାଣି ସିଏ କ'ଣ ମରି ନଥାନ୍ତେ ? ତା ପାଇଁ ପୁଣି ଏତେ କାନ୍ଦ ଆଉ ମନଦୁଃଖ, ସିଏ ବେଶୀଦିନ ବଞ୍ଚି କ'ଣ ତୁମମାନଙ୍କର ମରଣ ଦେଖି ଥାଆନ୍ତେ ! ତୁମେମାନେ କୁହ କି ନ କୁହ ସିଏ ରୋଗ ଶଯ୍ୟାରେ ପଡ଼ି ଘରୁ ଡାକ୍ତରଖାନା ଆଉ ଡାକ୍ତରଖାନାରୁ ଘର ହୋଇଥିଲେ ତୁମକୁ ହଇରାଣ କରିଥାଆନ୍ତେ । ଯାହାହେଉ ସିଏ ମରିଗଲା ନାହିଁ ଯେ ତରିଗଲା । ଆଉ ତୁମମାନଙ୍କୁ ସବୁ କଷ୍ଟରୁ ମୁକ୍ତି ଦେଲା । ଏସବୁ କଥା ଶୁଣି ତାକୁ ହଜମ କରିବା ବନ୍ଧୁଙ୍କ ପାଖରେ କାଳେ ଧୈର୍ଯ୍ୟ ନଥିବ ତେଣୁ ଆମେ ସମସ୍ତେ କଥା ଏବଂ ପ୍ରସଙ୍ଗକୁ ବାଆଁରେଇବା ପାଇଁ ଚେଷ୍ଟା କଲୁ । ତେବେ ଏହା କେବଳ ଗୋଟିଏ ଘର, ଘଟଣା କିମ୍ବା ବ୍ୟକ୍ତିଙ୍କର କାହାଣୀ ନୁହେଁ ବରଂ ଆମେ ସମସ୍ତେ ଅଳ୍ପେ ବହୁତେ ଏ ପ୍ରକାର ପରିସ୍ଥିତିକୁ ସାମ୍ନା କରିଥାଆନ୍ତି । ଉପରୋକ୍ତ ସମସ୍ତ କଥାର ପ୍ରାସଙ୍ଗିକତା ଥିଲେ ମଧ୍ୟ ଅନ୍ୟମାନଙ୍କ ଭାବନାକୁ ବୁଝି ନିଜର ଭାବନାକୁ ପରିପ୍ରକାଶ କରିବାର ଭାବଭଙ୍ଗୀରେ ପରିବର୍ତ୍ତନ ତଥା ସମୟୋପଯୋଗିତାର ଆବଶ୍ୟକତା ରହିଛି ।

ଆମ ଜୀବନରେ ଭାବନା ହେଉଛି ତରକାରୀର ମସଲା ଓ ଆଚାର–ବ୍ୟବହାର ଛୁଙ୍କ ଦେବା ସହିତ ସମାନ । ଏକା ପରିବାପତ୍ରରେ ଆମେ ବିଭିନ୍ନ ମସଲା ପକାଇ ତା'ର ସ୍ୱାଦ ବଦଳେଇବା ଭଳି ଆମର ଭାବନାର ଛୁଙ୍କରେ ଆମ କଥା ଏବଂ କାର୍ଯ୍ୟ ପ୍ରଭାବିତ ହେବା ସହିତ ଅନ୍ୟମାନେ ବିଶେଷ ଭାବେ ପ୍ରଭାବିତ ହୋଇଥାଆନ୍ତି । ଆଧ୍ୟାତ୍ମିକ ଲୋକମାନେ ଅଦୃଶ୍ୟ ବ୍ୟକ୍ତିକୁ କେତେବେଳେ ପିତା, ମାତା, ବନ୍ଧୁ, ସଖା ଆଦି ଜ୍ଞାନ କରି ତାଙ୍କୁ ସର୍ବଶକ୍ତିମାନ ଏବଂ ସର୍ବବିଦ୍ୟମାନ ଭାବେ ପୂଜା କରିଥାଆନ୍ତି ଯାହାକୁ ଅନ୍ୟମାନେ ଅକର୍ମାମାନଙ୍କର ବାରବାଟୀ ଚାଷ ବୋଲି କହିଥାନ୍ତି । ଭାଗବତରେ ବର୍ଣ୍ଣିତ ପ୍ରହଲ୍ଲାଦ ଏବଂ ହିରଣ୍ୟକଶିପୁ ଚରିତ ଆମକୁ ଓ ଆମ ଭାବନାକୁ ସୁସଂଯତ, ସୁନିର୍ଦ୍ଦିଷ୍ଟ କରିବା ପାଇଁ ଶିଖାଇ ଥାଏ । ବେଳେବେଳେ ଆମର ଭାବନାଗୁଡିକ ଅନ୍ୟମାନଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥାଏ ଯାହାକୁ ଆଧାର କରି ଆମେ ସୁସଙ୍ଗ ଏବଂ କୁସଙ୍ଗ ମଧ୍ୟରେ ପାର୍ଥକ୍ୟ ଆଣିଥାଉ । ମହାଭାରତର କାହାଣୀ ଅନୁଯାୟୀ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଉଭୟ ଦୁର୍ଯ୍ୟୋଧନ ଏବଂ ଅର୍ଜୁନ ତାଙ୍କ ସପକ୍ଷରେ ଶ୍ରୀକୃଷ୍ଣ ସହାୟତା କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ । ଶ୍ରୀକୃଷ୍ଣ କହିଲେ ମୁଁ ସକାଳୁ ଉଠି ଯାହାକୁ ପ୍ରଥମେ ଦେଖିବି ତାଙ୍କରି ସାଥିରେ ରହିବି । ଅର୍ଜୁନ ଭାବିଲେ ମୁଁ ତ ପ୍ରଭୁଙ୍କର ସେବକ । ସିଏ ଯଦି ଦୟାପରବଶ ହୋଇ ଆମର ପକ୍ଷ ରଖିବେ ଆଉ କିଛି ହେଉ ନହେଉ ତାଙ୍କ ପାଦସେବାର ସୁଯୋଗ ମିଳିବ । ତେଣୁ ସିଏ ପାଦ ପାଖରେ ବସିଲେ । ମହାମାନୀ ଦୁର୍ଯ୍ୟୋଧନ ଭାବିଲେ ମୁଁ ଜଣେ ରାଜା ତେଣୁ ମୋର ମଥାନତ କରିବାର ପ୍ରଶ୍ନ ନାହିଁ । ଶ୍ରୀକୃଷ୍ଣଙ୍କ ଶାରୀରିକ ସାହାଯ୍ୟ ଅପେକ୍ଷା ମାନସିକ ସହାୟତା ଜରୁରୀ । ତେଣୁ ମୁଁ ତାଙ୍କ ମୁଣ୍ଡ ପାଖରେ ଛିଡା ହେବା ଦରକାର । ସାହାଯ୍ୟ ପାଇବା ପାଇଁ ଦାବି କରିବା କିମ୍ବା ପ୍ରାର୍ଥନା ଭିତରେ ରହିଛି ଅନେକ ଫରକ ଯାହାକୁ ବୁଝିବା ଦୁର୍ଯ୍ୟୋଧନଙ୍କ ପକ୍ଷରେ କଷ୍ଟକର ଥିଲା । ନିଦ ଭାଙ୍ଗିବା ପରେ ଶ୍ରୀକୃଷ୍ଣ ପ୍ରଥମେ ଅର୍ଜୁନକୁ ଦେଖିଲେ ଏବଂ ପାଣ୍ଡବମାନଙ୍କ ପକ୍ଷରେ ରହିବା ପାଇଁ ନିଷ୍ପତ୍ତି ନେଇଥିଲେ । ତେଣୁ ଭାବକୁ ନେଇ ଭାଷା, ଆଚାର, ବ୍ୟବହାର ଓ ଅଙ୍ଗଭଙ୍ଗୀ ବିଶେଷଭାବେ ପ୍ରଭାବିତ ହୋଇଥାଏ । ଖାଆ, ଭୁଞ୍ଜ, ଗିଳି ମଧ୍ୟରେ ଏହା ହିଁ ତ ଫରକ । ଆମ ନିତିଦିନିଆ ଜୀବନରେ ବିଭିନ୍ନ ଅଚିହ୍ନା ଲୋକଙ୍କୁ ଭାଇ, ମଉସା, ଦାଦା, ବାପା, ମାଉସୀ, ନାନୀ ଆଦି କହି ସମ୍ବୋଧନ କରିଥାଉ । କିନ୍ତୁ କହିବା ଆଉ ଭାବର ସହିତ ପ୍ରତିକ୍ରିୟା ପ୍ରକାଶ କରିବା ଭିତରେ ଅନେକ ଫରକ । ଚିକାଗୋରେ ବିବେକାନନ୍ଦଙ୍କର କାଳଜୟୀ ଭାଷଣରେ ଆମେରିକାବାସୀ ଆକର୍ଷିତ ହେବାରେ କାରଣ ଥିଲା ତାଙ୍କର ଭାଷଣ ସହିତ ଭାବର ସଂଯୋଗ । କାରଣ ମୁହଁରେ ଅତ୍ୟନ୍ତ ସ୍ନେହୀ, ଦରଦୀ ତଥା ବନ୍ଧୁତ୍ୱ ବ୍ୟବହାର ଦେଖାଉଥିବା ଲୋକମାନେ ଯେତେବେଳେ ଏହି ଭାବର ପରିପ୍ରକାଶ କରିପାରନ୍ତି ନାହିଁ ସେତେବେଳେ ସମାଜରେ ଗ୍ରହଣୀୟତା କମିଯାଏ । ତେଣୁ ଭାଷା ଓ ଭାବନା ମଧ୍ୟରେ ସମୟ ରହିବା ଜରୁରୀ । ଶ୍ରୀକୃଷ୍ଣ ଯେତେବେଳେ ଉଦ୍ଧବଙ୍କୁ ବଦ୍ରିକା ଯିବାପାଇଁ ପ୍ରବର୍ତ୍ତାଇଲେ ଉଦ୍ଧବ ବ୍ୟଥିତ ହୋଇ କହିଲେ 'ତୀର୍ଥର ନାମ ବଦରିକା, ସେ କି ତୋ ପାଦ ଠୁ ଅଧିକା' । ଅର୍ଥାତ୍ ଶ୍ରୀକୃଷ୍ଣଙ୍କର ସାନ୍ନିଧ୍ୟ ଠାରୁ ତାଙ୍କ ପାଇଁ ଆଉ କିଛି ବଡ଼ ନଥିଲା । ଏହା ହିଁ ହେଉଛି ଭାବ । ପରିବାର, ସାଇପଡ଼ିଶା, ରାଜ୍ୟ ଓ ଦେଶ ମଧ୍ୟରେ ଥିବା ସମ୍ପର୍କ ମଧ୍ୟରେ ଭାବର ଅଭାବ ରହିଲେ ଏହା ସ୍ଥାୟୀ ହେବା କଷ୍ଟକର ଯାହା ଉନ୍ନତି ଏବଂ ଉଲ୍ଲାସର ପରିପନ୍ଥୀ । ତେଣୁ ଏହି ଭାବକୁ ଜୀବନ୍ତ, ସରଳ ଏବଂ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଆବଶ୍ୟକ । ମନେ ରଖିବା ଦରକାର ଭାବକୁ ବଢ଼ାଇବା ପାଇଁ ପଇସା, ବାଣିଜ୍ୟ, ବ୍ୟବସାୟ, ରାଜନୀତି ଅପେକ୍ଷା ଏକ ବିଶାଳ ଏବଂ ଉଦାର ହୃଦୟର ଆବଶ୍ୟକତା ରହିଛି ।

**ଅର୍ଣ୍ଣପାଳ, ଭଦ୍ରକ, ମୋ– ୯୭୭୮୭୬୪୩୯୪**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ପୂର୍ବ...

ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ନିୟୋଜିତ ରହିଥିବା ଏସପି କହିଛନ୍ତି । ସେହିପରି ଆବଶ୍ୟକ ପଡ଼ିଲେ ଗିରଫ ଜେଲ ଯାଇଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ଏସପି କହିଛନ୍ତି ।

ଗିରଫ ଅଭିଯୁକ୍ତ ମାନେ ହେଲେ ବିଜେଡିର ଗଞ୍ଜାମ ଜିଲ୍ଲା ସଭାପତି ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା(୫୧), ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁ(୪୯) ଏବଂ ବର୍ତ୍ତମାନର ୪୧ ନମ୍ବର ୱାର୍ଡ କର୍ପୋରେଟର ମଳୟ ବିଷୋୟୀ(୫୮), ବିଜେଡି ନେତା ମଦନ ଦଳାଇ(୫୦), ବନ୍ଥପଲିର ଛାତ୍ରନେତା ଯୋଗୀ ରାଉତ(୨୫) ରହିଛନ୍ତି । ସେହିପରି ଅନ୍ୟ ଅଭିଯୁକ୍ତ ମାନେ ହେଲେ ନୟାଗଡ଼ ଚାନ୍ଦପୁରର ରାଜେନ୍ଦ୍ର ସାହୁ (୨୩) ଓ ବନ୍ଥପଲିର କାଳୁଚରଣ ଭୂୟାଁ(୩୯), ଚିନ୍ଟୁ ପ୍ରଧାନ(୨୫), ହିଞ୍ଜିଳିକାଟୁର ବିପିନ ସ୍ୱାଇଁ (୩୫), ବଡଗଡ ଥାନା ଅନ୍ତର୍ଗତ ହରିପ୍ରୀୟାପୁର ଖଦାଳ ସାହିର ସୀମାଞ୍ଚଳ ନାଇକ(୩୦), ବିହାର ରାଜ୍ୟର ସିସିପାଲ କୁମାର ପାଶୱାନ(୨୫) ଓ କୁନ୍ଦନ କୁମାର(୨୨) । ବୈଦ୍ୟନାଥପୁର ଥାନା କେସ ନଂ ୫୧୮/୨୫ ରେ ଉକ୍ତ ୧୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହା ଏକ ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ଥିଲା ବୋଲି ବ୍ରହ୍ମପୁର ଏସପି ଡା ଶ୍ରବଣ ବିବେକ ଏମ ସୂଚନା ଦେଇଛନ୍ତି । ବିକ୍ରମ ଓ ପିଣ୍ଟୁ ଦାସ ମିଳିତ ଭାବେ ଏହି ଷଡ଼ଯନ୍ତ୍ର କରିଥିବା ବେଳେ ଅନ୍ୟମାନେ ଏହାକୁ କାର୍ଯ୍ୟକାରୀ କରାଇଥିଲେ । ମୋଟ ୫୦ ଲକ୍ଷ ଟଙ୍କାର ଡିଲ ହୋଇଥିବା ବେଳେ ସୁଟର ମାନେ ଆଗୁଆ ୧୦ ଲକ୍ଷ ନେଇଥିଲେ । ପୋଲିସ ଅଭିଯୁକ୍ତଙ୍କ ଠାରୁ ୨ ଟି ବନ୍ଧୁକ, ୫ ମୋବାଇଲ ଜବତ କରିଛି । ଏହି ମାମଲାରେ ଅଭିଯୁକ୍ତ ଥିବା ସୁଦର୍ଶନ ଜେନା କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେ ମଧ୍ୟ ଫେରାର ଅଛନ୍ତି ବୋଲି ଏସପି କହିଛନ୍ତି । ପୋଲିସ ଘଟଣାର ତଦନ୍ତ ବେଳେ ପ୍ରଥମେ ଦୁଇଜଣ ବିହାର ଯୁବକଙ୍କୁ ଧରିଥିଲା । ସେମାନଙ୍କୁ ଜେରାବେଳେ ପୀତବାସ ପଣ୍ଡା ହତ୍ୟା ପାଇଁ ଆମକୁ ଉମା ବିଷୋୟୀ ବ୍ରହ୍ମପୁର ଡାକିଥିଲେ । ଅଳକାପୁରୀ ଅଞ୍ଚଳରେ ଆମକୁ ଏକ ଘର ଭଡ଼ାରେ ରଖିଥିଲେ । ମଳୟ ବିଷୋୟୀ ସହଯୋଗରେ ସେଠାରେ ରହି ହତ୍ୟା ପାଇଁ ଦୁଇ ଦିନ ରେକି କରିଥିଲୁ । ସେ ଜଣେ ଆଇନଜୀବୀ ଜାଣିବା ପରେ ଲୁଚି କରି ପଳାଇଥିଲୁ ବୋଲି କହିଥିଲେ । ପରବର୍ତ୍ତୀ ତଦନ୍ତରେ କର୍ପୋରେଟର ମଳୟଙ୍କୁ ଜେରା ପରେ ଘଟଣାର ମୋଡ଼ ବଦଳି ଯାଇଥିଲା । ବାଲିପଡାରେ ରହୁଥିବା ଉମା ବିଷୋୟୀ ପୀତବାସପଣ୍ଡାଙ୍କୁ ହତ୍ୟା ପାଇଁ ୧୦ ଲକ୍ଷ ଟଙ୍କା ନେଇଥିଲେ । ବିହାରୀ ଯୁବକ ଫେରିଯିବା ପରେ ସେ ପୁଣି ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଥପଲିର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କୁ ପୀତବାସଙ୍କୁ ହତ୍ୟା ପାଇଁ ନିୟୋଜିତ କରିଥିଲେ । ପରେ ସେମାନଙ୍କୁ ଘଟଣାର ୫ଦିନ ପୂର୍ବରୁ ପୀତବାସ ପଣ୍ଡାଙ୍କ ଘର ଠାରୁ ୨୦୦ମିଟର ଦୂରରେ ଏକ ଘର ଭଡା ନେଇ ଉଭୟଙ୍କୁ ରଖାଯାଇଥିଲା । ଗତ ୬ ତାରିଖ ରାତ୍ର ୧୦' ରେ ପୀତବାସ ନିଜ ଚେମ୍ବରରୁ ଘରକୁ ଫେରୁଥିଲେ । ତାଙ୍କ ଘର ନିକଟରେ ଯୋଜନାବଦ୍ଧ ଜଗିଥିବା କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ ପୀତବାସ ଗାଡ଼ି ନିକଟକୁ ଆସି ପଣ୍ଡା ବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ । ସେ କିଛି କହିବା ପୂର୍ବରୁ କୁରୁପତି ଧରିଥିବା ବନ୍ଧୁକରେ ପିତାବାସଙ୍କ ଡାହାଣ ଛାତିରେ ଗୁଳି ମାଡ଼ କରିଥିଲେ । ସେ ତଳେ ପଡି ଯାଇଥିଲେ । ପରେ ଅଭିଯୁକ୍ତ ଦ୍ୱୟ ବାଇକରେ ସେଠାରୁ ଲୋଚପଡା ଗୁରୁଣ୍ଡି ହୋଇ ଶିକୁଳାପଲି କେନାଲ ନିକଟରେ ସେମାନେ ପିନ୍ଧିଥିବା ପୋଷାକ, ହେଲମେଟ, ଦୁଇଟି ବନ୍ଧୁକ ଏକ ବୁଦା ମୂଳେ ଲୁଚାଇ ସେଠାରୁ ପୁରୁଷୋତ୍ତମପୁର, ହୁମ୍ମା ଦେଇ ଜାତୀୟ ରାଜପଥରେ ଟାଙ୍ଗି -ଚାନ୍ଦପୁର ଚାଲିଯାଇଥିଲେ । ସେଠାରେ ବାଇକଟି ରାସ୍ତା କଡରେ ରଖିଦେଇ ବସ୍ ଯୋଗେ ଭୁବନେଶ୍ୱର ପରେ ପୁରୀ ଯାଇଥିଲେ । ସେଠାରେ ଉମା ବିଷୋୟୀ ଯାଇ ଏକ ଲଜ୍‌ରେ ରହିଥିଲେ । ସେଠାରେ ସମସ୍ତେ ଦେଖା ହୋଇଥିଲେ । ପରେ ଚିଣ୍ଟୁ ଟ୍ରେନରେ ଖୋର୍ଦ୍ଧା ଆସି ସେଠାରୁ ବେଙ୍ଗାଲୁର ଚାଲିଯାଇଥିଲେ । ଅନ୍ୟପଟେ ସୁଟର କୁରୁପତି ଓ ଭୂୟାଁ ଓ ଉମା ବିଷୋୟୀ କୋରାପଟ-ଜୟପୁର ଯାଇ ଏକ ଫାର୍ମ ହାଉସରେ ରହିଥିଲେ । ଉକ୍ତ ଫାର୍ମ ହାଉସ ମାଲିକଙ୍କ ସହ ବିକ୍ରମ ଓ ମଳୟ ବିଷୋୟୀଙ୍କ ଭଲ ସମ୍ପର୍କ ରହିଛି ବୋଲି ତଦନ୍ତ ବେଳେ ଜଣାପଡିଥିଲା ।

## ରାଜନୈତିକ...

ତଥା ବିଜେଡି ନେତା ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ, ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୋଲସରାର ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କବିସୂର୍ଯ୍ୟନଗରର ପୂର୍ବତନ ବିଧାୟକ ଲତିକା ପ୍ରଧାନ, ଦିଗପହଣ୍ଡିର ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଚିକିଟିର ଚିନ୍ମୟ କୁମାର ସ୍ୱରୂପ ଦେଓ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା ଯାଇ ବ୍ରହ୍ମପୁର ଏସପି ଡ.ସର୍ବଣା ବିବେକ ଏମ୍‌ଙ୍କୁ ଭେଟିଥିଲେ । ସେହି ସମୟରେ ବିଜେଡିର ଶତାଧିକ କର୍ମୀ ଏସପି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ଏସପିଙ୍କୁ ଭେଟି ଆଲୋଚନା ପରେ ସେଥିରେ ଗଣମାଧ୍ୟମକୁ ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ କହିଥିଲେ ଯେ, ବିକ୍ରମଙ୍କୁ ଯେଉଁଭଳି ଆକ୍ରୋଶମୂଳକ ଭାବେ ସଠିକ ତଦନ୍ତ ନକରି ଗିରଫ କରାଗଲା ତାହା ଠିକ୍ ନୁହେଁ । ବିକ୍ରମଙ୍କୁ ଗିରଫ କରିବାରେ ଯାହା ଏସପି ତଥ୍ୟ ଦେଲେ ସେଥିରେ କୌଣସି ପ୍ରମାଣ ନାହିଁ । ଏଭଳି ତଦନ୍ତରେ ବିଜେଡି ସନ୍ତୁଷ୍ଟ ନୁହେଁ । ବିଜେଡି ମୁଖ୍ୟଙ୍କ ସହ ଆଲୋଚନା ହୋଇଛି । ବର୍ତ୍ତମାନ ଯେଭଳି ତଦନ୍ତ ହୋଇଛି ଏବଂ ବିନା କାରଣରେ ବିକ୍ରମଙ୍କୁ ଗିରଫ କରାଗଲା ତାହା ଠିକ ନୁହେଁ । ପ୍ରତିବାଦରେ ବିଜେଡି ରାଜରାସ୍ତାକୁ ଯିବ । ଆଇନର ଶୀର୍ଷକୁ ଯିବ । ରାଜନୈତିକ ଆକ୍ରୋଶ ରଖି ଚାପରେ ପଡି ପୋଲିସ ଏଭଳି କରିଛି । ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି । ଆଗକୁ ନୂଆପଡା ନିର୍ବାଚନ ଥିବାରୁ ଭାଜପା ଏଭଳି ଏକ ତଦନ୍ତ ବାଟବଣା କଲା ଭଳି କ୍ଷେତ୍ର ପ୍ରସ୍ତୁତ କରିଛି । କାରଣ ଭାଜପା ଏହା କରିବାରେ ମାହିର । ତେଣୁ ଆମେ ସମସ୍ତ ପ୍ରକାର ତଦନ୍ତକୁ ସାମ୍ନା କରିବୁ ବୋଲି କହିଛନ୍ତି ।

## ଏକ ନମ୍ବର...

ହୋଇଥିଲା । ନିଆଁ ଲାଗିବାକୁ ନେଇ ଦୋକାନୀମାନଙ୍କ ମଧ୍ୟରେ ତୀବ୍ର ମାର୍‌ପିଟ୍ ଲାଗିଲା । ପୋଲିସ ଉପସ୍ଥିତିରେ ସେମାନେ ପରସ୍ପରକୁ ଆକ୍ରମଣ କରିଥିଲେ । ଏପରିକି ବାଉଁଶ, ଚୌକି ପ୍ରଭୃତିରେ ପିଟାପିଟି ହୋଇଥିଲେ ।

ପୋଲିସ ଯେତେ ବୁଝାଇଲେ ମଧ୍ୟ ସେମାନେ ଶୁଣିନଥିଲେ । ଏମିତି କି ପୋଲିସକୁ ପେଲାଠେଲା କରିବାକୁ ପଛାଇ ନଥିଲେ । ପୋଲିସ ଏହା ଦେଖି ଗଣ୍ଡଗୋଳ କରୁଥିବା ଦୋକାନୀମାନଙ୍କୁ ଗୋଡାଇ ଗୋଡାଇ ପିଟିଥିଲା । କ୍ଷୟକ୍ଷତି କେତେ ହୋଇଛି ତାହା ସ୍ପଷ୍ଟ ଜଣାପଡିନାହିଁ । ଆକଳନ କରାଯିବା ପରେ ପ୍ରକୃତରେ ନିଆଁ ଲାଗି ଦୋକାନୀମାନଙ୍କର କେତେ କ୍ଷତି ହୋଇଛି ଜଣାପଡିବ ବୋଲି ଜଣେ ଅଫିସର କହିଛନ୍ତି ।

ନିଆଁ ଲାଗିବା ଖବର ପାଇ "ବଜ୍ରକୀଳା'ର ସମ୍ପାଦକ ବରଦା ଶତପଥି ଘଟଣାସ୍ଥଳକୁ ଯାଇଥିଲେ । ନିଆଁ ଲାଗିଛି ନା କିଏ ଲଗାଇ ଦେଇଛି ବୋଲି ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁଙ୍କୁ ପଚାରିବାରୁ ସେ ବିରକ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ । କବିରାଜ ଆକ୍ରମଣରେ ବରଦା ଗୁରୁତର ହେବା ପରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଥିଲେ । ତାଙ୍କ କହିବାନୁଯାୟୀ ଚିକିତ୍ସିତ ହୋଇ ଆସିବା ପରେ ସେ କ୍ୟାପିଟାଲ ଥାନାରେ ଏତଲା ଦାଏର କରିଛନ୍ତି ।

## ଆଦିବାସୀଙ୍କ...

ଓଲଟପାଲଟ କରିଦେଇଛି । ଭକ୍ତବନ୍ଧୁ ଜିଲ୍ଲାର ସଶକ୍ତ ଓ ସଂଗଠିତ ସଂଗଠନ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନିଜ ନାମାଙ୍କନ ଦାଖଲ କରିଛନ୍ତି । ତେଣୁ ପ୍ରାର୍ଥୀଙ୍କ ଅକଲ ଗୁଡ୍ଡୁମ । ମତଦାନରେ ନିର୍ଣ୍ଣାୟକ ଭୂମିକା ନେଉଥିବା ଆଦିବାସୀଙ୍କ ଭୋଟ୍ କୁଆଡେ ଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରାୟ ୩୮ ପ୍ରତିଶତରୁ ଉର୍ଦ୍ଧ୍ୱ ଆଦିବାସୀ ଭୋଟର ରହିଥିବା ଆଦିବାସୀ ସଂଘ ଦାବି କରୁଛି । ସେଥିରୁ ଗୋଣ୍ଡ ଭୋଟ ସର୍ବାଧିକ ପ୍ରାୟ ୫୦ହଜାର ଓ ଶବର ଭୋଟ ପ୍ରାୟ୨୨ହଜାର ରହିଥିବା ଆକଳନ କରାଯାଇଛି । ଏହି ଜିଲ୍ଲାର ସବୁଠୁ ବଡ଼, ସୁଦୃଢ, ସଂଗଠିତ ଓ ମଜଭୁତ ସଂଗଠନ ହେଉଛି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ । ଏହି ସଂଗଠନ ଯାହାକୁ ସମର୍ଥନ କଲେ ସଂପୃକ୍ତ ପ୍ରାର୍ଥୀ ବିଜୟୀ ହେବା ଆଶା ଉଜ୍ଜଳ । ସଂଘ ସାଧାରଣ ସମ୍ପାଦକ ଭକ୍ତବନ୍ଧୁଙ୍କ ନାମାଙ୍କନ ଆଦିବାସୀ କଲ୍ୟାଣ ରାଜନୈତିକ ଦଳ ଗୁଡ଼ିକର ସମୀକରଣ ଓଲଟପାଲଟ ହେବା ଆଶଙ୍କା ହୋଇଥାଏ । ଗତ ସାଧାରଣ ନିର୍ବାଚନରେ ବରିଷ୍ଠ ଆଦିବାସୀ ନେତା ଘାସିରାମଙ୍କୁ କଂଗ୍ରେସ ଟିକଟ ଦେଇନଥିଲା । ଏଣୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ । ସେହି ସମୟରେ ଜିଲ୍ଲାର ସମସ୍ତ ଆଦିବାସୀ ଏକତ୍ରିତ ହୋଇ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାବେ ଘାସିରାମଙ୍କୁ ସମର୍ଥନ କରିଥିଲେ । ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ବରିଷ୍ଠ ଆଦିବାସୀ ନେତା ଖାମସିଂ ମାଝୀ ଓ ସାନଭାଇ ତଥା ୨୦୧୯ ସାଧାରଣ ନିର୍ବାଚନର ବିଜେପି ପ୍ରାର୍ଥୀ ହୋମସିଂ ମାଝୀ ବିଜେପି ଛାଡ଼ି ଘାସିରାମଙ୍କୁ ସମର୍ଥନ କରିଥିଲେ । ସେହିପରି ଦୁଇଥର ବିଜେଡ଼ିରୁ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ବର୍ତ୍ତମାନ ଜିଲ୍ଲା ପରିଷଦ ସଭ୍ୟ ତଥା ଜିଲ୍ଲା ଆଦିବାସୀ କଲ୍ୟାଣ ସଭାପତି ଭାନୁପ୍ରତାପ ସିଂ ମାଝୀ ଓ ବରିଷ୍ଠ ଆଦିବାସୀ ନେତା ତଥା ପୂର୍ବତନ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ସୋମନାଥ ଖମାରୀ ମଧ୍ୟ ଘାସିରାମଙ୍କୁ ସମର୍ଥନ କରିଥିଲେ । ସେହି ନିର୍ବାଚନରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଘାସିରାମଙ୍କୁ ପୂର୍ଣ୍ଣସମର୍ଥନ କରି ୫୦ହଜାରରୁ ଉର୍ଦ୍ଧ୍ୱ ଭୋଟ ନେବାରେ ସକ୍ଷମ ହୋଇଥିଲେ । କିନ୍ତୁ ବର୍ତ୍ତମାନ ସ୍ଥିତି ବଦଳିଛି । ଏବେ ଆଦିବାସୀ ନେତାମାନେ ଭାଗଭାଗ ହୋଇଛନ୍ତି । ଗତ ସେପେଟମ୍ବର ୧୨ରେ ଆଦିବାସୀ କଲ୍ୟାଣ ସଂଘ ଘାସିରାମ ମାଝୀଙ୍କୁ ସମର୍ଥନ କରିବନି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଭାନୁପ୍ରତାପ କହିଥିଲେ । ୧୪ରେ ଆଦିବାସୀ କଲ୍ୟାଣ ସଂଘ ବୈଠକକରି ସଂଘରୁ ବିଜେପି, ବିଜେଡ଼ି ଓ କଂଗ୍ରେସ ପ୍ରାର୍ଥୀ ନଦେଲେ ନିଜେ ପ୍ରାର୍ଥୀ ଛିଡ଼ା କରିବେ ବୋଲି କହିଥିଲେ । କିନ୍ତୁ ଏବେ ସବୁ ଗଣିତ ଓଲଟପାଲଟ ହୋଇଛି ।

ମଙ୍ଗଳବାର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି । ଗତ ସାଧାରଣ ନିର୍ବାଚନରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସ୍ୱାଧୀନ ପ୍ରାର୍ଥୀ ଘାସିରାମଙ୍କୁ ସମର୍ଥନକରି ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । କିନ୍ତୁ ଏଥର ସଂଘ ଖଣ୍ଡବିଖଣ୍ଡିତ ହୋଇଛି । ସଂଘ ଜିଲ୍ଲା ସଭାପତି ଭାନୁପ୍ରତାପ ସିଂ ବିଜେଡ଼ିକୁ ସମର୍ଥନ କରୁଥିବା ବେଳେ ବରିଷ୍ଠ ଆଦିବାସୀ ନେତା ଖାମ ସିଂ ଓ ହୋମସିଂ ନିଜ ପୁରୁଣା ଦଳ ବିଜେପିକୁ ଫେରି ଛନ୍ତି । ବିଗତ ଦିନରେ ବରିଷ୍ଠ ଆଦିବାସୀ ନେତା ସୋମନାଥ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କଠାରେ ବିଜେପିରେ ମିଶିଛନ୍ତି । କୋମନା ବ୍ଲକ ପୂର୍ବତନ ବ୍ଲକଅଧ୍ୟକ୍ଷ ତଥା ବରିଷ୍ଠ ଆଦିବାସୀ ନେତା ଭକ୍ତରାମ ଶବର ଘାସିରାମଙ୍କୁ ସମର୍ଥନ କରୁଛନ୍ତି । ଏଭଳି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ଭିନ୍ନ ଭିନ୍ନ ଦଳ ତଥା ପ୍ରାର୍ଥୀଙ୍କୁ ସମର୍ଥନ କରୁଛନ୍ତି । ଅପରପକ୍ଷେ, ଏବେବି ବିନା ସଂଗଠନ ପଦପଦବୀ ଓ ରାଜନୈତିକ ପୃଷ୍ଠପୋଷକରେ ନଥିବା ନେତା ଓ ଆଦିବାସୀମାନେ ଘାସିରାମ ମାଝୀଙ୍କୁ ସମର୍ଥନ କରୁଛନ୍ତି । ଏଭଳି ସ୍ଥିତିରେ ନୂଆପଡ଼ା ନିର୍ବାଚନ ମଣ୍ଡଳିରେ ଥିବା ଆଦିବାସୀଙ୍କ ବୃହତ ସଂଗଠନର ଭୋଟ୍ କାହା ସପକ୍ଷରେ ଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ସବୁ ରାଜନୈତିକ ଦଳ ଆଦିବାସୀଙ୍କ ଭୋଟ ଉପରେ ନଜର ରହିଛି ।

## ସିବିଆଇ...

ଇନ୍‌ସପେକ୍ଟର ନିଯୁକ୍ତି ପରୀକ୍ଷାରେ ଜାଲିଆତି ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଥିଲା । ୧୧୮ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ବ୍ରହ୍ମପୁରରୁ ଆନ୍ଧ୍ର ଯାଉଥିବା ଏକ ବସ୍‌କୁ ପୋଲିସ ଜବତ କରି ପରୀକ୍ଷାର୍ଥୀଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ପରୀକ୍ଷାର୍ଥୀଙ୍କ ସହ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଛି । ମୋଟ ଗିରଫଦାରୀ ସଂଖ୍ୟା ୧୨୩ରେ ପହଞ୍ଚିଛି । ତେବେ ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପ୍ରଷ୍ଟି ଏବେବି ଫେରାର ଅଛନ୍ତି । ବାଲେଶ୍ୱରରୁ ମଧ୍ୟ କିଛି ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିଲା । ହେଲେ ଘଟଣାର ଚେର ବହୁତ ଗଭୀରରେ ଥିବାରୁ କୌଣସି ନିର୍ଯାସ ଏପର୍ଯ୍ୟନ୍ତ ବାହାରିପାରି ନାହିଁ ।

## ୧୪ ପ୍ରାର୍ଥୀଙ୍କ...

ପ୍ରାର୍ଥୀତ୍ୱ କାଏମ ରହିଛି । ସମାଜ ବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି,ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସହ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ, ଏବଂ ରିଟର୍ଣ୍ଣି ଅଫିସର୍ ସୁର୍ମି ସୋରେନ୍ ଉପସ୍ଥିତ ଥିଲେ । ଆସନ୍ତା ୨୪ ଅକେଟାବର ୨୦୨୫ ତାରିଖ ଦିନ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିବାର ଶେଷ ଦିବସ । ୧୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଯିବେ ନା କିଏ କିଏ ପ୍ରତ୍ୟାହାର କରିବେ ଦେଖିବାକୁ ବାକି ରହିଲା ।

## ୨୫ରୁ...

ରହିଛି । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏହି ଲଘୁଚାପ ପଛେ ପଛେ ଆଉ ଏକ ଲଘୁଚାପ ସୃଷ୍ଟି ବି ହୋଇପାରେ । ପାଣିପାଗ ବିଜ୍ଞାନୀଙ୍କ ମତରେ କିଛି ଜାଗାରେ ବର୍ଷା ହୋଇପାରେ । ଚଳିତ ସପ୍ତାହ ରାଜ୍ୟରେ ଦୁଇଟି ଲଘୁଚାପ ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ଗୋଟିଏ ଲଘୁଚାପ ସୃଷ୍ଟି ହୋଇସାରିଥିବା ବେଳ ଆଗକୁ ଆଉ ଏକ ଲଘୁଚାପ ହେବ । ୨୪ କିମ୍ବା୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ହୋଇପାରେ । ତେବେ ଏହା କେତେ ଆଉ କେବେ ଘନୀଭୂତ ହେବ ଆଉ ଗତିପଥ କଣ ରହିବ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ । କିନ୍ତୁ ୨୪ ତାରିଖ ବେଳକୁ ସ୍ପଷ୍ଟ ଜଣାପଡିବ ।

ସାମୁଦ୍ରିକ ବାୟୁର ପ୍ରଭାବ ଯୋଗୁଁ ଥଣ୍ଡା ପବନ ବହିବ । ମଝିରେ ମଝିରେ ପାଗ ମେଘୁଆ ରହିବା ସହିତ କିଛି କିଛି ଯାଗରେ ବର୍ଷା ହେବ । ପାଣିପାଗ ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ଲଘୁଚାପ ଦକ୍ଷିଣ ପଶ୍ଚିମ ଆଡକୁ ଗତି କରିବା ନେଇ ଜଣାପଡିଛି । ଏହା ଆରବସାଗର ଆଡକୁ ବି ଯାଇପାରେ । ଏହା ପ୍ରଭାବରେ ଓଡିଶାରେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ । ଏହାପରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଆଳକନ କରିଛନ୍ତି କିଛି ମଡେଲ । ଗୋଟିଏ ୨୬ରେ ଅନ୍ୟଟି ୨୯ରେ ସୃଷ୍ଟି ହୋଇପାରେଛ ତୃତୀୟ ଲଘୁଚାପ କ୍ଷେତ୍ର ତାମିଲନାଡୁ ଆଡକୁ ଗତି କରିପାରେ । ଦ୍ୱିତୀୟ ଲଘୁଚାପର ପ୍ରଭାବ ଓଡିଶା ଉପରେ ପଡିବାର ସମ୍ଭାବନା ରହିଛ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନାଗିରି ଆଦି ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି ।

## ଏଆଇ...

କରିପାରିବେ । ମସ୍କ କହିଛନ୍ତି ଯେ ତାଙ୍କର ଚିନ୍ତାଧାରା ଅନୁଯାୟୀ ଭବିଷ୍ୟତ ହେଉଛି ବୈଷୟିକ ଶିକ୍ଷା । ଭବିଷ୍ୟତରେ ମାନବ ସମ୍ବଳ ସବୁଦିନ କାର୍ଯ୍ୟ କରିବା ସ୍ଥିତିରୁ ମୁକ୍ତ ପାଇବେ । କାର୍ଯ୍ୟ କରିବା ସେମାନଙ୍କ ଇଚ୍ଛାଧୀନ ହୋଇପାରେ । ସେମାନେ ନିଜେ ପରିବା ଚାଷ କରିବେ ଓ ଏହାକୁ କିଣିବା ପାଇଁ ଆଉ ବଜାରକୁ ଯିବେ ନାହିଁ । ଆମେ ଜୀବନ ଧାରଣ ପାଇଁ ଟଙ୍କ ରୋଜଗାର କରୁଛୁ । ସେଥିଲାଗି ଏଆଇକୁ ନେଇ ଯେଉଁ ଭୟର ବାତାବରଣ ସୃଷ୍ଟି ହୋଇଛି, ତାହା କେବଳ ଚାକିରୀ ହରାଇବାକୁ ନେଇ । ବିଶ୍ୱରେ ଆୟ ପରିମାଣ ଉଚ୍ଚା ରହିବ ।

# ରାଜବାଟୀରେ ଦୀପାବଳି

ଆଗରପଡ଼ା,(ସବ୍ୟୁ):ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉକିଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ବାସଭବନ ଆଗରପଡ଼ା ରାଜବାଟୀରେ ୧୨ମାସରେ ୧୩ପର୍ବ ପାଳନ କରାଯାଇଥାଏ । ସେହିଧାରା ଆଜିବି ବଜାୟ ରଖିଛନ୍ତି ତାଙ୍କ ସୁପୁତ୍ର ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ । ଶୁଭ ଦୀପାବଳି ଅବସରରେ ଶ୍ରୀମହତାବ ତାଙ୍କ ପୁତ୍ର ଲୋକ ରଂଜନ ମିଷ୍ଟାନ୍ନରେ ଆପ୍ୟାୟିତ କରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଧାମନଗର ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ,କୈଳାସ ଧଳ,ରଂଜନ ଦାସ,ଚିତ୍ତରଂଜନ ସାମନ୍ତ ରାୟ,ରବିନ୍ଦ୍ର ପଣ୍ଡା,ଆଇନଜୀବୀ ମନୋଜ ରାୟ,ଜଗତମୋହନ ସିଂହ,ସୁରେନ୍ଦ୍ର କର,ମାନବାଧିକାର କମିଶନ ମିଡ଼ିଆସେଲ ରାଜ୍ୟ ସଂପାଦକ ନିରୋଜ ଆଇଚ,ସାମ୍ବାଦିକ ଅକ୍ଷୟ ସିଂହ,ହେମନ୍ତ ସିଂହ,ଅପୂର୍ବ ବେହେରା,ମନୋରଂଜନ ବାରିକ,ବିଜ୍ଞାନଭୂଷଣ ମହାନ୍ତି,ବିଜେପି ନେତା ଅମୂଲ୍ୟରନି ନନ୍ଦ,ରଂଜନ ସିଂହ,ସୁଶାନ୍ତ ଶତପଥୀ,ଅଶୋକ ପରିଡା,ଡାକ୍ତର ପଦ୍ମଲୋଚନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥି ସହିତ ଶ୍ରୀମହତାବ ଓ ଲୋକରଂଜନ ମଧ୍ୟ ଡ.ମହତାବଙ୍କ ପ୍ରାକ୍ତନ ପିଏ ନିରଞ୍ଜନ ଦାସଙ୍କ ସମେତ ଡ.ମହତାବଙ୍କ ପରିବାର ସହ ସଂପୃକ୍ତ ବହୁ ଲୋକଙ୍କ ବାସଭବନକୁ ଯାଇ ଦୀପାବଳି ଶୁଭେଚ୍ଛା ଜଣାଇଥିଲେ ।

## ଅଜଣା ଗାଡି ଧକ୍କାରେ ୪ ଗୋରୁ ମୃତ

ସୋର/ବାହାନଗା, (ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ହାଟ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକାରେ ଦୁଇଟି ବାଛୁରୀ, ଏକ ଗାଇ ଏବଂ ଏକ ଷଣ୍ଢର ମୃତ୍ୟୁ ହୋଇଯାଇଥିଲା । ଏହି ଖବର ଜଣାପଡିବା ପରେ ମଙ୍ଗଳବାର ସକାଳେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଘଟଣାସ୍ଥଳରେ ପହଞ୍ଚି ଜାତୀୟ ରାଜପଥ ଅବରୋଧ କରିଥିଲେ । ପ୍ରତିଦିନ ରାଜପଥରେ ଏମିତି ଗୋରୁ ଗାଈଙ୍କ ମୃତ୍ୟୁ ହେଉଥିବାରୁ ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା ।ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଅବରୋଧ କରାଯିବା ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା ।

AFFIDAVIT

BY VIRTUE OF AN AFFIDAVIT SWORN BEFORE EXECUTIVE MAGISTRATE,SADAR, CUTTACK, DTD. 17.10.2025, SRIKANTA MAHANTY. S/O OF TUKU CHANDRA MAHANTY, AT-PAIKARASAHI, PO-PODADIHA, DIST-KHORDHA, ODISHA-752061, DECLARED THAT I HAVE CHANGE MY NAME FROM SRIKANT MOHANTI TO SRIKANTA MAHANTY. HENCEFORTH, I SHALL BE KNOWN AS SRIKANTA MAHANTY FOR ALL PURPOSES.

Sd/- Srikanta Mahanty

ଦ.ପୂ. ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ ନଂ. ୪୬୯୧-ଜିଆରସି-ସିଇ-ସି-ଏସ୍‌ଓ-୨୨-୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଚିଫ୍ ଇଞ୍ଜିନିୟର (କନ୍‌ଷ୍ଟ୍ରକସନ)/ଏସ୍/ଜିଆରସି ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନୋକ୍ତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଛି । ଟେଣ୍ଡର ନିର୍ଦ୍ଧାରିତ ତାରିଖର ୧୨.୦୦ ଘଣ୍ଟିକାରେ ବନ୍ଦ ହେବ । କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ : ଡେପୁଟି ସିଇ/ସିଏନ/ଆଇଆଇ/ଖଡଗପୁର, ନିର୍ମାଣ ସଂଗଠନ, ଦକ୍ଷିଣ ପୂର୍ବ ରେଳପଥର ବିଭିନ୍ନ ନିର୍ମାଣ ସ୍ଥଳ/ସେକ୍ସନରେ ପ୍ରୋଜେକ୍ଟ ସୁପରଭିଜନ ସେବା ଯୋଗାଇ ଦେବା ନିମନ୍ତେ ପ୍ରୋଜେକ୍ଟ ସୁପରଭିଜନ ସର୍ଭିସେସ୍ ଏଜେନ୍ସି (ପିଏସ୍‌ଏସ୍‌ଏ) ନିଯୁକ୍ତି ନିମନ୍ତେ ଅନୁରୋଧ ପ୍ରସ୍ତାବ (ଆରଏଫ୍‌ପି) । ଆନୁମାନିକ ମୂଲ୍ୟ : ଟ. ୯.୬୬ କୋଟି, ବିଡ୍ ସିକ୍ୟୁରିଟି : ଟ. ୬,୩୩,୧୦୦/- । ସମାପ୍ତି ସମୟ : ୨୪ ମାସ । ବନ୍ଦ ତାରିଖ : ୧୮.୧୧.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ତଥ୍ୟ/ସ୍ପେସିଫିକେସନ ପାଇଁ ୱେବସାଇଟ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ ହେବ । ଏହି ସବୁ ଆଇଟମ୍ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର. : ଆଗାମୀ ଦିନରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-751)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
STATE INSTITUTE FOR RURAL DEVELOPMENT & PANCHAYATI RAJ
PANCHAYATI RAJ AND DRINKING WATER DEPARTMENT GOVT. OF ODISHA

e-Tender Call Notice for procurement through GeM Platform

i-344 No. 2351, SIRD&PR; Dated 16.10.2025

SIRD&PR, Odisha, Bhubaneswar is going bulk purchase of Desktop Computers, Printers and Inverters for SIRD&PR and different DPRCs of the State through competitive bidding process using the forward GeM Platform viide Bid No. GEM/2025/B/6792621. Interested bidders may participate in the above mentioned online process. List & quantity of the items to be procured and detail terms & conditions are available in the website of PR & DW Department (https://panchayat.odisha.gov.in) and portal of SIRD&PR (https://pmssird.odisha.gov.in).

Last Date for Bid Submission: 05-11-2025 13:00:00

Technical Bid Opening: 05-11-2025 13:30:00

OIPR : 19012/11/0004/2526 Sd/- Dy. Director

District Mission Directorate
Office of the Chief District Medical & Public- Health Officer
Department Health & Family Welfare,
National Health Mission (NHM), Jajpur , Pin - 755001

No. 5083 Dt. 18.10.25

E- 458

NOTICE

The scrutiny database of the candidates applied for the post of "OFFICE ASSISTANT"- NHM to the Office of the CDM & Public Health Office, Jajpur vide Adv. N0.2166/MHM/.JAJ Dtd.12.06.2025 has been prepared & available in the district website i.e. https://jajpur.odisha.gov.in for objection invitation. The candidates have to submit their objection (If any) to the undersigned on or before Dtd.01.11.2025 through Registered/ Speed Post only. The candidates have to mention on the top left hand corner of envelope "Objection for the post of Office Assistant - NHM, Jajpur" without mentioning which the same shall not be considered. No fresh documents shall be accepted during objection invitation period. The candidates have to submit their objections in the following format.

| Application Srl. No. | Name of candidate | Address | Objection Details |
|---|---|---|---|
| | | | |

The undersigned is not responsible for any postal delay & any typographical errors may be exempted.

Sd/- C.D.M. & Public Health Officer-cam-District Mission Director, Jajpur

OIPR : 10042/11/0020/2526

O-1071

OFFICE OF THE EXECUTIVE ENGINEER
RURAL WORKS DIVISION, MOHANA

No. 4019 Date : 18.10.2025

1st CORRIGENDUM

In continuation to this office bid identification No. Online Tender 07/MOHANA/2025-26 invited vide this office letter no 3604 dtd. 23.09.2025, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt. 18.10.2025 at 11.00 A.M. to Dt. 27.10.2025 Up to 5.00 P.M. | Dt. 30.10.2025 at 11.00 A.M. to Dt. 10.11.2025 Up to 5.00 P.M. |
| 2 | Date & time of seeking tender clarification if any | Dt. 24.10.2025 up to 5.00 P.M. | Dt. 06.11.2025 Up to 5.00 P.M. |
| 3 | Date & time of opening of tender (Price Bid) | Dt. 28.10.2025 at 11.00 A.M. | Dt. 11.11.2025 at 11.00 A.M. |

All other terms and conditions are remain unchanged.

Sd/- Executive Engineer
RW Division, Mohana

OIPR : 25148/11/0052/2526

Government of Odisha
OFFICE OF THE DIVISIONAL FOREST OFFICER, RAYAGADA FOREST DIVISION.
Bid Identification No: DFO-RGDA-01/2025-26 (Online Tender)
e-mail ID- dfo.rayagada@odisha.gov.in

MM - 235

e-Procurement Notice

The Divisional Forest Officer, Rayagada Forest Division at Rayagada on behalf of Governor of Odisha invites Item Rate/ Percentage bid through e-procurement in Single Cover System according to norm of e-Procurement system in on-line mode.

1. No. of the works: 01 No. of Forester Quarter & 01 No. of Forest Guard Quarter.
2. Estimated Cost: Rs. 17,89,830/- Respectively Excluding GST. (Forester Quarter.)
3. Estimated Cost: Rs. 13,35,593/- Respectively Excluding GST. (Forest Guard Quarter.)
4. Cost of document: Rs. 6,000/- (Work Sl. No. 01 to 02).
5. Bid Security (EMD declaration amounting to Rs. 1% of the amount put to Tender)
6. Class of Contractor: 'D' & 'C Class Contractor.
7. The Bid documents will be available in the website www.tendersodisha.gov.in from 11.00 AM of dated. 17.10.2025 to 05.00 PM of dated. 03.11.2025 for "online" bidding.
8. Last date/ Time for receipt of bids in the portal: Up to 05.00 PM of dated. 03.11.2025 Bids received "online" shall be opened at 04.00 PM on dated. 04.11.2025 in the Office of the Divisional Forest Officer, Rayagada Forest Division.
9. Further details can be seen from the e-Procurement portal: "www.tendersodisha.gov.in". Any Addendum/ Corrigendum/ Cancellation of tender can also be seen in the said website only.

Sd/- Divisional Forest Officer,
Rayagada Division

OIPR : 08062/11/0012/2526

OFFICE OF THE SUPERINTENDING ENGINEER
RURAL WORKS DIVISION, BANSPAL
E-mail - eerwbansapal@gmail.com

O-1073

"e" Procurement Notice for Road Works
Identificaiton No. Road Online NCB - 05/2025-26

1. Name of the work : Road Works in the District of Keonjhar for the year 2025-26
2. Total Number of Work : 01 No.
3. Estimated Cost : Rs. 53.61 Lakhs (Approx.)
4. Class of Contractor : B Class
5. Period of Completion : As per annexure of e-Procurement Notice No. 05 of 2025-26
6. Other Details :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking Clarification | Date & Time of Opening of Tender in O/o S.E., R.W. Division, Banspal | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer Rural Works Division,Banspal | Road Online NCB No. 05 | Dt. 24.10.2025 At 11.00 A.M. | Dt. 04.11.2025 up to 5.00 P.M. | Dt. 03.11.2025 Up to 5.00 P.M. | Dt. 06.11.2025 at 11.00 A.M | Will be intimated later |

Further details can be seen from the Website www.tendersorissa.gov.in

Sd/- Superintending Engineer
R.W. Division, Banspal

OIPR : 25198/11/0007/2526

OFFICE OF THE EXECUTIVE ENGINEER
RWS&S DIVISION, KENDRAPARA
At: Ichhapur, Post: Shree Baladevjew, Email: eerwsskendrapara@gmail.com
INVITATIONS FOR BIDS (IFB) [e-Procurement]
Bid Identification No. RWS/58/2025-26
Letter No.6357 / Dated. 16.10.25

O-1085

1. The Executive Engineer, RWS&S Division, Kendrapara on behalf of Governor of Odisha invites urgently the percentage bid in SINGLE cover system on urgent basis in ONLINE MODE from eligible contractors for execution of different water supply project works in Kendrapara District.
2. Name of the work : Execution of different water supply porject works in Kendrapara district.
3 No. of Work : 06 Nos. (Six) only
4 Value of the Work : Rs. 1.22 lakhs to Rs. 12.03 Lakhs
5 Concerned tender inviting authority : Executive Engineer, RWS&S Division, Kendrapara
6 Cost of Bid documents (Rs.) (Online) : Rs. 2000/- to Rs. 6000/- as applicable
7 Cost of Security deposit (Online) : Rs. 1300/- to 12100/- as applicable
8 Class of Bidder : "D" and "C"
9 Period of Completion : 30 days
10 Availability of bid documents in the website : From date. 22.10.2025 at 10.00 A.M. to date. 30.10.2025 till 5.30 P.M.
11 Last Date & Time of seeking tender clarification : Up to 24.10.2025 till 5.30 P.M.
12 Date of Opening of Bid : 31.10.2025 at 11.00 A.M. onwards.

The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.

Subsequent corrigendum / addendum if required shall only be appeared in the above website.

Sd/- Executive Engineer,
RWS&S Division, Kendrapara

OIPR : 25004/11/0048/2526

CAD - 2074

Chilika

CHILIKA DEVELOPMENT AUTHORITY
PLOT NO,493(P), PALASPALLI, POKHARIPUT ROAD,
BHUBANESWAR-751020,ODISHA
Phone: 91-674-2591544, Fax: 91-674-2590485 Email: -chilika@ chilika.com

e-PROCUREMENT

Re-Tender Call Notice No. 1524 / CDA/2025 Dtd. 18.10.2025

| | | | |
|---|---|---|---|
| 01. | Name of the Work | : | Repairing of Self Propelled Barge (M.V. Kalijugeswar) |
| 02. | Estimated Cost | : | Rs.24.89 Lakhs (Excluding GST) |
| 03. | Period of completion | : | 3 (Three) Calendar Months. |
| 04. | Date & Time of availability of Bid Document in the portal | : | 23.10.2025 at 11.00 A.M. to 07.11.2025 upto 5 P.M. |
| 05. | Last Date/Time for submission of Bids in the portal | : | 07.11.2025 upto 5.00 P.M |
| 06. | Date & Time of opening of Bids | : | On 10.11.2025 at 11.30AM in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020. |
| 07. | Name and Address of the Officer Inviting Tender (O.I.T) | : | Addl. Chief Executive Chilika Development Authority, Odisha, Bhubaneswar Plot No.493(P), Pallaspalli, Pokhariput Road, Bhubaneswar-751020 |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"

Sd/- Addl. Chief Executive
Chilika Development Authority

OIPR : 08138/11/0008/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ମେଡିକାଲରେ ରଶ୍ମୀ ପରିଜାଙ୍କୁ ଭେଟିଲେ ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ

# ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ନକଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ

ଜଗତସିଂହପୁର, (ସବ୍ୟ୍ୟ):ଜଗତସିଂହପୁରରେ ବିଜୁ ଜନତା ଦଳର ସୋସିଆଲ ମିଡିଆରେ କାର୍ଯ୍ୟରତ କର୍ମୀ ରଶ୍ମି ରଞ୍ଜିତା ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଓ ଅମାନବୀୟ। ସଭ୍ୟ ସମାଜରେ ଗୁଣ୍ଡାଗିରିର ସ୍ଥାନ ନାହିଁ।ମହିଳାଙ୍କ ବିରୁଦ୍ଧରେ ବଢୁଥିବା ଏହିପରି ଅପରାଧ ସଭ୍ୟ ସମାଜକୁ ଲଜ୍ଜିତ କରୁଛି। କ୍ରମାଗତ ଭାବରେ ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ସମସ୍ତଙ୍କୁ ବ୍ୟଥିତ କରିଛି । ରଶ୍ମୀଙ୍କ ପ୍ରତି ହୋଇଥିବା ଅତ୍ୟାଚାରକୁ ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଦୃଢ଼ ଭାବରେ ନିନ୍ଦା କରିବା ସହ ପୀଡିତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।



ସରକାର ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡୁଥିବା ବେଳେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହା ସହିତ ରଶ୍ମୀ ପରିଜାଙ୍କୁ ମରଣାତ୍ମକ ଆକ୍ରମଣ ଘଟଣାରେ ଜଡିତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଯଦି ସରକାର ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି ଶ୍ରୀ ବିଶ୍ୱାଳ । ଏଥିରେ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ,ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ବିଜୁ ଜନତା ଦଳ ପୂର୍ବତନ ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ଯୁବ ନେତା ପ୍ରଶାନ୍ତ କୁମାର ମଲ୍ଲିକ, ପୂର୍ବତନ ପରିଷଦ ଦିଲ୍ଲୀପ ସିଂହ,ନିକୁଞ୍ଜ କିଶୋର ବେହେରା, ସୁବାସ ସାହୁ,ସୁନୀଲ ମାଟିଆ, ପଟସରା ପଞ୍ଚାୟତ ସରପଞ୍ଚ ପ୍ରମୁଖ ରାଉତ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାୟକ, ପରିଷଦ ମନୋଜ ମହାନ୍ତି, ଜଗଦାନନ୍ଦ ପଢ଼ିଆରୀ, ପୂର୍ବତନ ସରପଞ୍ଚ ଅଦ୍ୱୈତ ଜେନା, ନାରାୟଣ କାନୁନଗୋ, ସରପଞ୍ଚ ଲିପକ ସାହୁ,ବିଜେଡି ନେତା ଦୀପ୍ତି ଦାସ,ସୁଜିତ୍ ଘୋଷ,ତପନ ବାଘ, ସଞ୍ଜୟ ଜେନା, ରଜତ ରାଉତ, ଚିତ୍ତ ରଞ୍ଜନ ଦାସ, ସରୋଜ ବିଶ୍ୱାଳ,ରମାକାନ୍ତ ମହାନ୍ତି,ଶାରଦା ପ୍ରସାଦ ନନ୍ଦ, ଅନିଲ ଦାସ, ରାକେଶ ରାଉତ, ଆଶିଷ ଗୋଛାୟତ, ନିର୍ଲିପ୍ତ ବେହେରା,ସୁଦର୍ଶନ ଦାଶ, ସତ୍ୟ ନାରାୟଣ ଚୌଧୁରୀ, ସଞ୍ଜୀବ ମିଶ୍ର, ଜ୍ୟୋତି ରଞ୍ଜନ ତାରେଣୀଆ,ପ୍ରସନ୍ନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ବିଆଇ ଅଫିସରଙ୍କ ଦ୍ୱାରା ଗଠିତ

# ସମବାୟ ସମିତିର ୪୨ ତମ ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର ,(ସବ୍ୟ୍ୟ) : ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫିସରମାନଙ୍କ ଦ୍ୱାରା ଗଠିତ ସମବାୟ ସମିତିର ରାଜ୍ୟ ସ୍ତରୀୟ ୪୨ ତମ ବାର୍ଷିକ ସାଧାରଣ ସଭା ୧୯ ତାରିଖରେ ଇନଷ୍ଟିଚ୍ୟୁସନ ଅଫ ଇଞ୍ଜିନିୟର୍ସ (ଇଣ୍ଡିଆ), ଭୁବନେଶ୍ୱର ଠାରେ ଅରୁଣ କୁମାର ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନନ୍ଦ କିଶୋର ସାହୁ ଅତିଥି ମାନଙ୍କର ପରିଚୟ କରିବା ସଙ୍ଗେ ସଙ୍ଗେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଫେସର ପ୍ରଭାତ କୁମାର ରାଉଳ, କୁଳପତି, ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ସମିତିର ଭୂମିକା ଉପରେ ସବିଶେଷ ଆଲୋକପାତ କରିଥିଲେ । ଅଫିସର ସଂଘର ସଭାପତି ଅସିତାର ଦାସ ଉଲ୍ଲେଖ କରିଥିଲେ ଯେ, ଐକ୍ୟ ଚକଟା ଯୋଗେ ସମିତିର ତଥା ସଂଘର ଉତ୍ତରୋତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି ଏବଂ ଆଗାମୀ ଦିନରେ ମଧ୍ୟ ସମସ୍ତ ସଭ୍ୟଙ୍କର ସହଯୋଗ କାମନା କରିଥିଲେ । ସଭାପତି ଅରୁଣ କୁମାର ବିଶୋଇ ତାଙ୍କର ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସଭା ପରିଚାଳନା କରିଥିଲେ। ଷ୍ଟେଟ ବ୍ୟାଙ୍କ ଷ୍ଟାଫ ଆସୋସିଏସନ ଭୁବନେଶ୍ୱର ସର୍କଲର ସଭାପତି ଡଃ ତପନ କୁମାର ପାଲ ଓ ସମ୍ପାଦକ ଡଃ ଚିତ୍ତରଞ୍ଜନ ପଣ୍ଡା ଏହି ବୈଠକରେ ଉଦବୋଧନ ଦେଇଥିଲେ । ସର୍ବଶେଷରେ କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ରାଜ୍ୟସ୍ତରୀୟ କଳା ଉତ୍ସବ ୨୦୨୫ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟ୍ୟ) : ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୫ ବୁଧବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍- ୬ରେ ଉଦଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ବିଭିନ୍ନ ଜୋନରୁ ଆସିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କଳା କ୍ଷେତ୍ରରେ ଓଡ଼ିଶାର ଅବଦାନ ସବୁବେଳେ ଅନନ୍ୟ ବୋଲି ମତବ୍ୟକ୍ତ କରିଛନ୍ତି । ଛାତ୍ରଛାତ୍ରୀମାନେ ଭିତରେ ଲୁଚିରହିଥିବା ଅନ୍ତର୍ନିହିତ ଗୁଣାବଳୀର ପ୍ରକାଶ ପାଇଁ ଏହି କାର୍ଯ୍ୟକ୍ରମ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ସେ ପରିପ୍ରକାଶ କରିଛନ୍ତି । ଏଥିସହ ଛାତ୍ରଛାତ୍ରୀମାନଙ୍କର ଉତ୍ତମ ପ୍ରଦର୍ଶନ ସେମାନଙ୍କୁ କେନ୍ଦ୍ରସ୍ତରରେ ସଫଳତା ପ୍ରଦାନ କରିବବୋଲି ଆଶାବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଚଳଚିତ୍ର ଅଭିନେତ୍ରୀ ମେଘନା ମିଶ୍ର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇ କଳାର ମହତ୍ତ୍ୱ ସମ୍ବନ୍ଧରେ ପିଲାମାନଙ୍କୁ ଅବଗତ କରାଇଥିଲେ । ପିଲାମାନେ ଉପଯୁକ୍ତ ଚିନ୍ତା, ଚେତନା, ଅନୁଭବ କରିବା ଓ ତାହାକୁ କାର୍ଯ୍ୟରେ ରୂପାନ୍ତରିତ କରିବା ପାଇଁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ (ସାଧାରଣ) ସଙ୍ଗୀତା ବେହେରା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଅଭିଭାଷଣରେ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତାବାଳା ଦାସ ପିଲାମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ । ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ରାଉତ ଅତିଥିବୃନ୍ଦ ଓ କର୍ମକର୍ତ୍ତା ମାନଙ୍କୁ ସେମାନଙ୍କର ବହୁମୂଲ୍ୟ ସମୟ ପ୍ରଦାନ କରି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ଧନ୍ୟବାଦ ଦେଇଥିଲେ । ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୫ ରେ ରାଜ୍ୟର ୬ଟି ଜୋନରୁ ୧୪୦ଜଣ ପିଲା ଉକ୍ତ ଉତ୍ସବରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ରେ ଦୁଇ ଦିନ ଧରି ଚାଲୁ ରହିବ ।



## ଲବଣଗିରି ଜଗନ୍ନାଥ ମନ୍ଦିରରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା

ଜଟଣୀ, (ସବ୍ୟ୍ୟ) : ଜଟଣୀ ସୁନ୍ଦରପଦା ନିକଟସ୍ଥ ଲବଣେଶ୍ୱର ଶ୍ରୀଜଗନ୍ନାଥ ମନ୍ଦିରରେ କିଛି ଅସାମାଜିକ ଦୁର୍ବୃତ୍ତ ମାନେ ଭଙ୍ଗାରୁଜା କରିବାସହ ଅନେକ ମୂଲ୍ୟବାନ ଜିନିଷ ଚୋରି କରିନେଇଥିବାର ସ୍ଥାନୀୟ ଥାନାରେ ମନ୍ଦିର ମହନ୍ତ ଓ ଲଣନେଶ୍ୱର ମନ୍ଦିର କମିଟି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହାର ଉପଯୁକ୍ତ ତଦନ୍ତ କରି ଦୁର୍ବୃତ୍ତ ମାନଙ୍କୁ ଧରିବା ସହ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଫେରାର ମୁଖ୍ୟ ଅଭିଯୁକ୍ତ ଜଟିଆ ଗିରଫ

ପୁରୀ, (ସବ୍ୟ୍ୟ) : ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ବେଆଇନ ଜୁଆ ଖେଳ ବିରୋଧରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ "ଅପରେସନ୍ ଚକ୍ର ଜାରି ରହିଛି। ସଦର ଥାନା ପୋଲିସକୁ ଚକମା ଦେଖାଇ ଫେରାର ଥିବା ଜୁଆ ଆଡ୍ଡା ମୁଖ୍ୟ ମାଷ୍ଟର ମାଇଣ୍ଡ ଜଟିଆ ଓରଫ ସୋମନାଥ ରାଉତକୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଜଟିଆର ଘର ପୁରୀ ବ୍ରହ୍ମଗିରି ଅଧୀନ ଖଡ଼ିପଦା ଗ୍ରାମରେ। ଗତ ୧୮ ତାରିଖ ବିଳମ୍ବିତ ରାତ୍ରୀରେ ପୋଲିସ ଜଟିଆ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ଥିଲା। ସେଠାରୁ ପୋଲିସ ନଗଦ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରି ଥିଲା । ଜୁଆ ଆଡ୍ଡାରୁ ପୋଲିସ ୧୪ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ଜଟିଆ କୌଶଳ କରି ଘଟଣା ସ୍ଥଳରେ ଫେରାର ହୋଇ ଯାଇଥିଲା ।

# ୧୫ଫୁଟ ତଳକୁ ଖସିଲା ମାଲବୋଝେଇ କଣ୍ଟେନର

ବେତନଟୀ, (ସବ୍ୟ୍ୟ) : ମୟୂରଭଞ୍ଜ ଜିଲ୍ଲା ଅଧୀନର ୧୮ ନଂ ଜାତୀୟ ରାଜପଥ କୋଛିମବିଲ୍ଲା-ବୁଢୀଖମାରୀ ମଝିରେ ବାରିପଦା ଅଭିମୁଖେ ଯାଉଥିବା ଏକ ମାଲବୋଝେଇ



କଣ୍ଟେନର ଭାରସାମ୍ୟ ହରାଇ ୧୫ଫୁଟ ତଳକୁ ଖସିପଡିଥିବା ବେଳେ ବେତନଟୀ ପୁଲିସ ପକ୍ଷରୁ ବୁଧବାର ଉଦ୍ଧାର କରାଯାଇଛି । ସୂଚନା ମୁତାବକ ଚେନ୍ନାଇରୁ ରାଞ୍ଚି ଯାଉଥିବା ଏନଏଲ-୦୧ଏଜି-୨୧୨୯ ନମ ୦୧ଏଜି-୨୧୨୯ ନମ୍ବର ବିଶିଷ୍ଟ ମାଲବୋଝେଇ କଣ୍ଟେନର ଉପରୁ ଚାଳକ ଜଣକ ନିଜର ନିୟନ୍ତ୍ରଣ ହରାଇ ବସିବାରୁ କଣ୍ଟେନରଟି ଭାରସାମ୍ୟ ହରାଇ ମଙ୍ଗଳବାର ବିଳମ୍ବିତ ରାତିରେ ୧୮ ନଂ ଜାତୀୟରାଜପଥ ପାର୍ଶ୍ୱର ପାଖାପାଖି ୧୫ଫୁଟ ତଳକୁ ଖସିପଡି ଓଲୋଟି ପଡିଥିଲା। ଦୁର୍ଘଟଣାଗ୍ରସ୍ତ କଣ୍ଟେନର ଭିତରେ ଚାଳକ ଜଣକ ଫସି ରହିଯାଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିବାରୁ କଣ୍ଟେନର କ୍ୟାବିନ ଭିତରେ ଫସି ରହିଯାଇଥିବା ଚାଳକଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା । ଶେଷରେ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କ୍ରେନ ସହାୟତାରେ ଦୀର୍ଘ ସମୟର ଉଦ୍ୟମ ପରେ ଦୁର୍ଘଟଣାଗ୍ରସ୍ତ କଣ୍ଟେନରକୁ ଉଦ୍ଧାର କରାଯାଇଥିଲା । ବେତନଟୀ ପୁଲିସ ପକ୍ଷରୁ ଉଦ୍ଧାରକାର୍ଯ୍ୟ ସମୟରେ ୧୮ ନଂ ଜାତୀୟରାଜପଥର ଗୋଟିଏ ପାର୍ଶ୍ୱରେ ଯାତାୟାତକୁ ସାମୟିକ ଭାବରେ ବନ୍ଦ ରଖାଯାଇଥିଲା । ଦୁର୍ଘଟଣାଗ୍ରସ୍ତ କଣ୍ଟେନରକୁ ଜବତକରି ତଦନ୍ତ ଆରମ୍ଭ କରୁଛି ପୁଲିସ ।

# ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର

## ବସନ୍ତ କୁମାରୀଙ୍କ ସାହିତ୍ୟରେ ରହିଛି ନାରୀତ୍ୱର ସଫଳ ରୂପାୟନ

ଭୁବନେଶ୍ୱର, (ସବ୍ୟ୍ୟ) : ନାରୀର ବାସ୍ତବ ଜୀବନକୁ ଚିତ୍ରଣ କରିବାରେ ସାହିତିକା ବସନ୍ତ କୁମାରୀ ପଟ୍ଟନାୟକ ଜଣେ ସଫଳ କଥାଶିଳ୍ପୀ । କାହାଣୀ ସଂଯୋଜନାରେ ସମାଜ ସୁଧାର ଏବଂ ଚରିତ୍ରମାନଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତାଙ୍କ ସାହିତର ବିଶେଷତ୍ୱ ବୋଲି କହିଛନ୍ତି ବିଶିଷ୍ଟ କଥାଶିଳ୍ପୀ ତଥା ଓଡ଼ିଶା ଲେଖକ ସମବାୟ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷା ବନଜ ଦେବୀ । ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମିତିର ଉପାଧ୍ୟକ୍ଷା ଡକ୍ଟର ପ୍ରେମଲତା ଦେବୀ କହିଥିଲେ ଯେ, କୁହେଳିକାଚ୍ଛନ୍ନ ଜୀବନରେ ଯନ୍ତ୍ରଣା ଓ ହସକାନ୍ଦର ଭାବଭୂମିରେ ତାଙ୍କର ସାହିତ ପାଠକର ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାର କ୍ଷମତା ରହିଛି । ଏହି ସଭାରେ ବସନ୍ତ କୁମାରୀ ଜଣେ ସଫଳ ସାହିତିକା ଭାବେ ଉପନାସ, ଗଳ୍ପ, କବିତା ଓ ନାଟକ ରଚନା କରି ବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ମଧ୍ୟବିତ ପରିବାରର ସମସ୍ୟାକୁ ଖୁବ ସୁନ୍ଦର ଭାବେ ଫୁଟାଇ ପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ସମିତିର ଅନ୍ୟତମ ସଭ୍ୟ ଡକ୍ଟର ଆରତି କର, ମୀନତି ଷଡ଼ଙ୍ଗୀ, "ଗୋଧୂଳି'ର ସଂପାଦିକା ବିମଳା ସିଂହ, ବିରଜା ପ୍ରସାଦ ଶତପଥୀ ଓ କୈଳାଶ ଚନ୍ଦ୍ର ରଥ ଆଲୋଚନାରେ ଭାଗନେଇ ବସନ୍ତ କୁମାରୀ ପଟ୍ଟନାୟକଙ୍କ ଅମ୍ଳାନ କୃତି ଅମଡ଼ାବାଟ ଉପରେ ବିଭିନ୍ନ ଦିଗରୁ ଆଲୋଚନା କରି କହିଥିଲେ । ବସନ୍ତ କୁମାରୀ ଥିଲେ ସମାଜ ଓ ପରିବାରରେ ନାରୀର ସ୍ଥିତି ସମ୍ବନ୍ଧରେ ସଚେତନ ତେଣୁ ସାମାଜିକ ବ୍ୟବସ୍ଥାରେ ନାରୀର କଠୋର ପରିସ୍ଥିତିରେ ଜୀବନଚର୍ଯ୍ୟାର ରୂପଚିତ୍ର ସଫଳ ଭାବେ ଆଙ୍କିପାରିଛନ୍ତି । ତାଙ୍କର ଜୀବନରେ ଜେ. କୃଷ୍ଣମୂର୍ତ୍ତିଙ୍କ ଆଧ୍ୟାତ୍ମିକ ପ୍ରଭାବ କିପରି ଓଡ଼ିଶା ସାହିତକୁ କୃଷ୍ଣମୂର୍ତ୍ତିଙ୍କ ଲେଖାର ବହୁ ଅନୁବାଦ ଉପହାର ଦେଇଛନ୍ତି ବୋଲି ଆଲୋଚନା ହୋଇଥିଲା । ସଭାପତି ପୀତବାସ ରାଉତରାୟ ବସନ୍ତ କୁମାରୀ ପରିବାରର ଦୈନନ୍ଦିନ ଘଟଣାକୁ କେନ୍ଦ୍ରକରି ସାହିତ ରଚନା କରିଥିଲେ ସୁଦ୍ଧା ନାରୀକୁ ତା'ର ଆତ୍ମଜିଜ୍ଞାସା ଏବଂ ଅଧିକାର ସମ୍ପର୍କରେ ମୃଦୁସ୍ୱର ଉତ୍ତୋଳନ କରିବାର ପ୍ରୟାସ କରିଛନ୍ତି ବୋଲି ଦର୍ଶାଇଥିଲେ । ପ୍ରାରମ୍ଭରୁ ସମ୍ପାଦକ ସୁକାନ୍ତ ପ୍ରଧାନ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଓ ପରିଚାଳକ ରମାକାନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ସଭାରେ ଅମଡ଼ାବାଟକୁ ଘରେ ଘରେ ସାଇତି ରଖିବା ଭଳି ବହିଟିଏ ବୋଲି ପ୍ରସ୍ତାବ ଦିଆଯାଥିଲା । ପ୍ରାରମ୍ଭରୁ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ ପ୍ରଫେସର ସୁରେନ୍ଦ୍ର ନାଥ ଦାଶଙ୍କ ବକ୍ତିତ୍ୱ ଓ ସାହିତ୍ୟ ସମ୍ପର୍କରେ ଅଲୋଚନା କରାଯାଇ ତାଙ୍କର ଆକସ୍ମିକ ବିୟୋଗ ପାଇଁ ନୀରବ ପ୍ରାର୍ଥନା କରାଯାଇ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା ।



# ବେଦାନ୍ତ ଆଲୁମିନିୟମ ଦୀପାବଳି ସମୟରେ ଉତ୍ସବ ମାଧ୍ୟମରେ ପରମ୍ପରାକୁ ପ୍ରୋତ୍ସାହିତ କରିଛି

ଝାରସୁଗୁଡ଼ା,(ସବ୍ୟ୍ୟ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହି ଦୀପାବଳିରେ ଏକ ହୃଦୟସ୍ପର୍ଶୀ ଉତ୍ସବ ମାଧ୍ୟମରେ ସମ୍ପ୍ରଦାୟକୁ ଉତ୍ସବର ଆନନ୍ଦ ଆଣିଦେଇଛି ଯାହା ଝାରସୁଗୁଡ଼ାରେ ଏହାର ବିକାଶମୂଳକ ପଦକ୍ଷେପ ମାଧ୍ୟମରେ କର୍ମଚାରୀ, ମହିଳା ଉଦ୍ୟୋଗୀ ଏବଂ ପିଲାମାନଙ୍କୁ ଏକତ୍ରିତ କରିଥିଲା । ପାର୍ବଣ ଋତୁରେ ପାଳନର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ସୁଭଲକ୍ଷ୍ମୀ ସମବାୟର ସଦସ୍ୟ ଏବଂ ନନ୍ଦଘର ଯୁବ ଛାତ୍ରଛାତ୍ରୀଙ୍କ ସହଯୋଗରେ ଦିଆ ଚିତ୍ରକଳା କର୍ମଶାଳା ଆୟୋଜନ କରିଥିଲା, ଯାହା ଦୃଢ଼ ସାମୁହିକ ବନ୍ଧନକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥିଲା । ସୁଭଲକ୍ଷ୍ମୀ ସମବାୟ ଆଜି ୫୦୦୦ ରୁ ଅଧିକ ସଦସ୍ୟଙ୍କ ସହିତ ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସମବାୟ ମଧ୍ୟରୁ ଗୋଟିଏ, ଯାହା ଗ୍ରାମୀଣ ମହିଳାମାନଙ୍କୁ କ୍ଷୁଦ୍ର-ଅର୍ଥ, ଦକ୍ଷତା ବିକାଶ, ଆର୍ଥିକ ସାକ୍ଷରତା ଏବଂ ବଜାର ସଂଯୋଗୀକରଣ ସହିତ ଆକାଂକ୍ଷୀ ମହିଳା ଉଦ୍ୟୋଗୀଙ୍କୁ ସକ୍ଷମ କରି ସ୍ଥାୟୀ ଜୀବିକା ନିର୍ବାହ ପାଇଁ ସୁଯୋଗ ପ୍ରଦାନ କରୁଛି । ବେଦାନ୍ତ ନନ୍ଦଘର ହେଉଛି କମ୍ପାନୀର ପ୍ରମୁଖ ସାମୁହିକ ବିକାଶ, ଯାହା ମହିଳା ଏବଂ ଶିଶୁ ବିକାଶର କେନ୍ଦ୍ର ଭାବରେ ଆଧୁନିକ ଅଙ୍ଗନୱାଡି ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ଝାରସୁଗୁଡ଼ାରେ ୧୭୫ ରୁ ଅଧିକ ନନ୍ଦଘର କାର୍ଯ୍ୟକ୍ଷମ ହୋଇସାରିଛି, ଜିଲ୍ଲା ପ୍ରଶାସନ ସହିତ ୫୦୦ ଟି ଅଧିକ ନିର୍ମାଣ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି । କର୍ମଶାଳାରେ ବ୍ୟବହୃତ ଦୀପଗୁଡ଼ିକୁ ବେଦାନ୍ତର ଜୀବିକା ପଦକ୍ଷେପ, ବେଦମୂର୍ତ୍ତିକା ଅଧୀନରେ ଟେରାକୋଟା କାରିଗରମାନଙ୍କ ଦ୍ୱାରା ହସ୍ତଶିଳ୍ପ କରାଯାଇଥିଲା । ଏହି ଦୀପଗୁଡ଼ିକୁ ବେଦାନ୍ତ କର୍ମଚାରୀ ସ୍ୱେଚ୍ଛାସେବକ, ସୁଭଲକ୍ଷ୍ମୀ ସମବାୟର ମହିଳା ଏବଂ ବେଦାନ୍ତ ନନ୍ଦଘରର ପିଲାମାନେ କଳାତ୍ମକ ଭାବରେ ସଜାଇଥିଲେ, ଯାହା କର୍ମକ୍ଷେତ୍ରର ସୀମା ଅତିକ୍ରମ କରୁଥିବା ସୃଜନଶୀଳତା ଏବଂ କରୁଣାକୁ ପ୍ରତିଫଳିତ କରିଛି । ୩୦ ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକ ସମ୍ପ୍ରଦାୟର ସଦସ୍ୟଙ୍କ ସହ ମିଶି ୨୦୦ ରୁ ଅଧିକ ଦୀପ ରଙ୍ଗ କରିଥିଲେ । ଏହି ପଦକ୍ଷେପ ସଂଗଠନ ଭିତରେ ଏବଂ ବାହାରେ ଜୀବନ ଆଲୋକିତ କରିବାରେ ବେଦାନ୍ତ ଆଲୁମିନିୟମର ବିଶ୍ୱାସକୁ ସୁନ୍ଦର ଭାବରେ ପ୍ରତୀକ କରିଥିଲା । ବେଦାନ୍ତ ଝାରସୁଗୁଡାର ସିଇଓସି ଚନ୍ଦୁ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମର ଲୋକମାନେ ଆମେ ଯାହା କରୁଛୁ ତାହାର କେନ୍ଦ୍ରରେ ଅଛନ୍ତି । ଏହି ଦୀପାବଳିରେ, ଆମର କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ର ବାହାରକୁ ଯାଇ ସମ୍ପ୍ରଦାୟ ସହିତ ଆନନ୍ଦ ବାଣ୍ଟିଛନ୍ତି, ଏହାକୁ ଏକ ଉତ୍ସବ କରିଛନ୍ତି ଯାହା ପ୍ରକୃତରେ ଜୀବନକୁ ଆଲୋକିତ କରିଛି । ଆମେ ଏହି ଅଂଚଳରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ, ଏବଂ ଏହିପରି ପଦକ୍ଷେପ ଆମର ବିଶ୍ୱାସକୁ ପୁନଃନିର୍ଦ୍ଦିଷ୍ଟ କରେ ଯେ ଯେତେବେଳେ ଆମେ ଏକ ସମ୍ପ୍ରଦାୟ ଭାବରେ ଏକାଠି ହୋଇଥାଉ, ଆମେ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିପାରିବା । ବେଦମୂର୍ତ୍ତି ଆମକୁ କେବଳ ଜୀବିକା ନୁହେଁ, ବରଂ ସ୍ୱୀକୃତି ମଧ୍ୟ ଦେଇଛି । ପୂର୍ବରୁ, ଆମର କଳା ଆମ ଗାଁ ଭିତରେ ସିମିତ ରହିଥିଲା । କିନ୍ତୁ ଆଜି, ଆମେ ଯାହା ସୃଷ୍ଟି କରୁଛୁ ଅଧିକ ଲୋକ ତାହାକୁ ପ୍ରଶଂସା କରୁଛନ୍ତି । କର୍ମଚାରୀମାନଙ୍କୁ ଦୀପ ରଙ୍ଗ କରିବା ପାଇଁ ଆମ ସହିତ ଯୋଗଦାନ କରିବା ଦେଖି ଆମେ ପ୍ରକୃତରେ ସଂଯୁକ୍ତ ଅନୁଭବ କରିଥିଲୁ, ଯେପରି ଆମର ହସ୍ତଶିଳ୍ପ ଆହୁରି ଅନେକ ଘରକୁ ଆଲୋକିତ କରିବାରେ ସାହାଯ୍ୟ କରୁଛି । ବେଦାନ୍ତ ଝାରସୁଗୁଡ଼ାରେ, ଉତ୍ସବଗୁଡ଼ିକୁ କେବଳ ଅବସର ଭାବରେ ପାଳନ କରାଯାଏ ନାହିଁ, ବରଂ ଲୋକଙ୍କୁ ଏକାଠି କରୁଥିବା ସହଭାଗୀ ଅଭିଜ୍ଞତା ଭାବରେ ପାଳନ କରାଯାଏ ।ରଥଯାତ୍ରା ଏବଂ ଦୁର୍ଗା ପୂଜା ଠାରୁ ଆରମ୍ଭ କରି ଓଣମ୍ ଏବଂ ଦୀପାବଳି ପର୍ଯ୍ୟନ୍ତ, ଟାଉନସିପ୍ ଏବଂ ପ୍ଲାଂଟ ପରିସର ନିୟମିତ ଭାବରେ ସାଜସଜ୍ଜା, ପାରମ୍ପରିକ ପ୍ରଦର୍ଶନ, ସଙ୍ଗୀତ ଏବଂ ସମ୍ପ୍ରଦାୟ ଭୋଜି ସହିତ ଜୀବନ୍ତ ହୋଇଥାଏ ।



## ପୀତବାସ ପଣ୍ଡା ହତ୍ୟା ମାମଲା

# ରାଜନୈତିକ ଉଦ୍ଦେଶ୍ୟରେ ବିକ୍ରମଙ୍କୁ ଫସାଇବା ପାଇଁ ଷଡ଼ଯନ୍ତ୍ର : ବିଜେଡି

ଭୁବନେଶ୍ୱର, (ସବ୍ୟ୍ୟ) : ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ହତ୍ୟାକାଣ୍ଡ ଘଟଣାରେ ପୋଲିସ ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ପରେ, ବିଜୁ ଜନତା ଦଳ ଏହାକୁ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟରେ ପ୍ରଣୋଦିତ ବୋଲି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି, ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ରହିଥିଲା ବେଳେ, ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି ବୋଲି କହିଥିଲେ । ଶ୍ରୀ ପଣ୍ଡାଙ୍କ ସମ୍ପୃକ୍ତି ନେଇ ଗୁଡିଏ ଗପ ଶୁଣାଇଛି ପୋଲିସ, କିନ୍ତୁ ତାଙ୍କ ବିରୋଧରେ ତିଳେ ମାତ୍ର ପ୍ରମାଣ ଦେଇ ପାରିନାହିଁ । ପ୍ରମିଳା ମଲ୍ଲିକ କହିଥିଲେ, ଗତ ୧୬ ମାସର ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ରହିଛି । ଗଞ୍ଜାମ ଜିଲ୍ଲାରେ ୧୫୬୨ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି । ଗଞ୍ଜାମ ଜିଲ୍ଲାରେ ବେଆଇନ ବାଲି ଚାଲାଣ ଶୀର୍ଷରେ ପହଁଚିଛି । ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଶ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା । ଗଞ୍ଜାମ ଏସପି ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟରେ ବିକ୍ରମଙ୍କ ବିରୋଧରେ କୌଣସି ପ୍ରମାଣ ପ୍ରସ୍ତୁତ କରିନାହାନ୍ତି, କେବଳ ଗୁଡିଏ କାହାଣୀ କହିଛନ୍ତି । ଏହି ଗିରଫଦାରୀକୁ ଆମେ ଦୃଢ଼ ନିନ୍ଦା କରୁଛୁ । ବିଜୁ ଜନତା ଦଳ ଏଭଳି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବ । ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ, କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ, ବିଜେଡି ନେତା ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତି ଦେଖାଇ ତାଙ୍କୁ ଗିରଫ କରାଯାଇଛି । ରାଜନୈତିକ ଉଦ୍ଦେଶ୍ୟ ରଖି ନେତାମାନଙ୍କୁ ଟାର୍ଗେଟ କରିବା ବିଜେପିର ପୁରୁଣା ଅଭ୍ୟାସ । ପୀତବାସ ପଣ୍ଡାଙ୍କ ହତ୍ୟା ପାଇଁ ତିଆରି ହୋଇଥିବା ପ୍ଲଟ ଠାରୁ ବିକ୍ରମ ପଣ୍ଡାଙ୍କୁ ଫସାଇବା ପାଇଁ ବିଜେପି ଇଙ୍ଗିତରେ ପୋଲିସ ରଚିଥିବା ପ୍ଲଟ ଅଧିକ ଭୟଙ୍କର ଓ ମାରାତ୍ମକ । ଗଞ୍ଜାମ ଏସ୍ପି ଶ୍ରବଣା ବିବେକ ସମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁସାରେ, ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ରଖି ନାହାନ୍ତି । କେବଳ କିଛି କାହାଣୀ କହିଛନ୍ତି । ବିଜେପି ଇଙ୍ଗିତରେ, ବିଜେଡି ଜିଲ୍ଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି । ଆଜି ରାଜ୍ୟରେ, ପୋଲିସ ବିଜେପିର ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛି । ବିଜୁ ଜନତା ଦଳ ଏହାର ଦୃଢ଼ ନିନ୍ଦା କରୁଛି ଓ ଏହାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବ । ଆଗାମୀ ଦିନରେ, ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ।


# ହେଲିପ୍ୟାଡରେ ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର



**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪ ଦିନିଆ କେରଳ ଗସ୍ତରେ ଅଛନ୍ତି । ଆଜି ରାଷ୍ଟ୍ରପତିଙ୍କ ସାବରିମାଲା ଦର୍ଶନ କାର୍ଯ୍ୟକ୍ରମ ରହିଥିଲା । ତେଣୁ ବୁଧବାର ସକାଳୁ ସାବରିମାଲା ଗସ୍ତରେ ବାହାରିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୋଇଛି । ତୀର୍ଥଯାତ୍ରାରେ ଯାଉଥିବା ରାଷ୍ଟ୍ରପତିଙ୍କ ହେଲିକପ୍ଟର ଚକ କେରଳର ପ୍ରମାଦମରେ ନବନିର୍ମିତ କଂକ୍ରିଟ ହେଲିପ୍ୟାଡରେ ହଠାତ ଫସି ଯାଇଥିଲା । ସୂତ୍ର ଅନୁଯାୟୀ, ମଙ୍ଗଳବାର (ଅକ୍ଟୋବର ୨୧) ସନ୍ଧ୍ୟାରେ ହେଲିପ୍ୟାଡ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ପାଇଲଟଙ୍କ ନିର୍ଦ୍ଦେଶରେ ରାତାରାତି କଂକ୍ରିଟ୍ ଢଳା ଆରମ୍ଭ ହୋଇଥିଲା । ସକାଳ ସୁଦ୍ଧା କାର୍ଯ୍ୟକୁ ସମାପ୍ତ କରାଯାଇଥିଲା ।କାରଣ ବୁଧବାର ରାଷ୍ଟ୍ରପତିଙ୍କ ହେଲିକପ୍ଟର ସେଠାରେ ଅବତରଣ କରିବାର ଥିଲା । ତେବେ ରାତାରାତି ହେଲିପ୍ୟାଡ ନିର୍ମାଣକୁ ନେଇ ରାଜ୍ୟ ଗୁଇନ୍ଦା ବିଭାଗ ପୂର୍ବରୁ ସତର୍କ କରାଇ ଦେଇଥିଲା ଯେ ହେଲିପ୍ୟାଡରେ କଂକ୍ରିଟ୍ ସମ୍ପୂର୍ଣ୍ଣ ଶୁଖିଲା ନାହିଁ, ତେଣୁ ହେଲିକପ୍ଟରକୁ ସେଠାରେ ଅବତରଣ କରାଯିବା ଉଚିତ ନୁହେଁ । କିନ୍ତୁ ଏହି ଚେତାବନୀକୁ କେହି ଗୁରୁତ୍ୱ ନଦେଇ ରାଷ୍ଟ୍ରପତିଙ୍କ ହେଲିକପ୍ଟରକୁ ଓଦା ଥିବା କଂକ୍ରିଟ୍ ରାସ୍ତାରେ ଅବତରଣ କରି ଦେଇଥିଲେ ଯଦ୍ୱାରା ଏହି ଘଟଣା ଘଟିଲା । ସମୟ ବିଳମ୍ବ ନକରି ପୁଲିସ ଓ ଅଗ୍ନିଶମବାହିନୀ ହେଲିକପ୍ଟରକୁ ଠେଲି ଘଟଣାସ୍ଥଳରୁ ବାହାର କରି ସୁରକ୍ଷିତ ସ୍ଥାନକୁ ନେଇଥିଲେ । ଏହି ଘଟଣାର ଏକ ଭିଡିଓ ବି ସାମ୍ନାକୁ ଆସିଛି । ଅନ୍ୟପକ୍ଷରେ କୁହାଯାଉଛି କି ରାଷ୍ଟ୍ରପତିଙ୍କ ସାବରୀମାଳାର ଗସ୍ତକୁ ନେଇ ସକାଳ ୪ଟା ପର୍ଯ୍ୟନ୍ତ ଏହା ସ୍ପଷ୍ଟ ନଥିଲା ଯେ ଦ୍ରୌପଦୀ ମୁର୍ମୁଙ୍କ ଯାତ୍ରା ସଡ଼କ ପଥରେ କି ଆକାଶପଥରେ ହେବ ।

## ଲାଞ୍ଚ ନେଇ ଧରାପଡ଼ିଲେ ଡିଆଇଜ

**ଚଣ୍ଡିଗଡ଼:** ନିକଟରେ ଲାଞ୍ଚ ନେଉଥିବା ବେଳେ ପଞ୍ଜାବର ଡିଆଇଜି ହରଚରଣ ଭୁଲ୍ଲର ଧରାପଡ଼ିବା ଘଟଣା ଚର୍ଚ୍ଚାର ପରିସରରେ ରହିଛ । କିଛିଦିନ ତଳେ ସିବିଆଇ ଡିଆଇଜି ହରଚରଣ ଭୁଲ୍ଲରଙ୍କୁ ୫ ଲକ୍ଷଟଙ୍କା ଲାଞ୍ଚ ନେବା ସମୟରେ ଗିରଫ କରିଥିଲା । ଗିରଫ ପରେ ଡିଆଇଜିଙ୍କ ବାସଭବନ ଏବଂ ଅନ୍ୟାନ୍ୟ ସ୍ଥାନରେ ତଦନ୍ତକାରୀ ଅଧିକାରୀମାନେ ଚଢାଉ କରି ଲକ୍ଷଲକ୍ଷ ଟଙ୍କାର କଳାଧନ ସହିତ ଅଢେଇ କିଲୋର ସୁନା ଜବତ



କରିଛନ୍ତି । ଏହି ଲାଞ୍ଚ ଘଟଣାକୁ କେନ୍ଦ୍ର କରି ପଞ୍ଜାବ ସରକାର ଡିଆଇଜିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

# ଉଗାଣ୍ଡାରେ ଦୁର୍ଘଟଣା: ୬୩ ଯାତ୍ରୀଙ୍କ ମୃତ୍ୟୁ



**ନୂଆଦିଲ୍ଲୀ:** ବୁଧବାର ଆଫ୍ରିକୀୟ ଦେଶ ଉଗାଣ୍ଡାରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛ । ଏହି ଦୁର୍ଘଟଣାରେ ୬୩ ଜଣ ଯାତ୍ରୀ ମୃତ୍ୟୁ ହୋଇଥିବା ବେଳେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଉଗାଣ୍ଡା ପୁଲିସ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରାରମ୍ଭିକ ତଦନ୍ତ ପରେ ସ୍ଥାନୀୟ ପୁଲିସର ରିପୋର୍ଟ ଅନୁଯାୟୀ, ଦୁଇଟି ବସ୍ ସମେତ ଚାରୋଟି ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲା । ବସ୍ ଚାଳକ କାମ୍ପାଲା-ଗୁଲୁ ରାଜପଥରେ ଅନ୍ୟ ଏକ ଗାଡ଼ିକୁ ଓଭରଟେକ୍ କରିବାକୁ ଚେଷ୍ଟା କରିଥିଲା । କିନ୍ତୁ ଏହି ସମୟରେ ବସଟି ବିପରୀତ ଦିଗରୁ ଆସୁଥିବା ଏକ ଲରି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଧକ୍କା ଫଳରେ ବସ ପଛରୁ ଆସୁଥିବା ଅନେକ ଗାଡ଼ି ପରସ୍ପର ସହିତ ଧକ୍କା ଖାଇଥିଲା ।

## ଅଧା ବାଟରୁ ଫେରିଲା ଏୟାର ଇଣ୍ଡିଆ ବିମାନ

**ନୂଆଦିଲ୍ଲୀ:** ଏୟାର ଇଣ୍ଡିଆର ଆଉ ଏକ ବିମାନରେ ଯାନ୍ତ୍ରିକ ସମସ୍ୟା ଦେଖାଦେଇଛି । ବୁଧବାର ଦିନ ଆମେରିକାର ନ୍ୟୁୟର୍କ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ୧୯୧ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ମୁମ୍ବାଇ ଫେରିବାକୁ ପଡିଲା । ଉଡ଼ାଣ ପରେ ଏକ ଯାନ୍ତ୍ରିକ ସମସ୍ୟା ଆଶଙ୍କା କରି ପାଇଲଟ୍ ସମୟୋଚିତ ନିଷ୍ପତ୍ତି ନେଇ ବିମାନକୁ ମୁମ୍ବାଇ ବିମାନବନ୍ଦରକୁ ଫେରାଇଆଣିଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା । ଏୟାର ଇଣ୍ଡିଆର ବିମାନଟି ରାତି ୧:୧୪ ରେ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିଲା, କିନ୍ତୁ ମାତ୍ର ଅଧ ଘଣ୍ଟା ପରେ ଏକ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା । ଏହାପରେ ପାଇଲଟ୍ ମୁମ୍ବାଇ ଫେରାଇବାକୁ ନିଷ୍ପତ୍ତି ନେଇଥିଲେ । ପରେ ବିମାନଟି ସକାଳ ପ୍ରାୟ ୩ ଟାରେ ଜରୁରୀକାଳୀନ ଅବତରଣ କରିଥିଲା । ବୈଷୟିକ ଦଳ ବିମାନ ଯାଞ୍ଚ କରୁଛନ୍ତି, ଯେତେବେଳେ ଯାତ୍ରୀମାନଙ୍କ ପାଇଁ ଅନ୍ୟ ଏକ ବିମାନ ପାଇଁ ବ୍ୟବସ୍ଥା କରାଯାଉଛି ।

## ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ

**ନୂଆଦିଲ୍ଲୀ:** ମଝି ଆକାଶରେ ଅଘଟଣ ଏଡାଇବାକୁ ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ । ଇନ୍ଧନ ଲିକ ହେବାରୁ ବାରଣାସୀରେ ଅବତରଣ କଲା ବିମାନ । ତେବେ ଇଣ୍ଡିଗୋର ବିମାନଟି କୋଲକାତାରୁ ଶ୍ରୀନଗର ଯାଉଥିବା ବେଳେ ଇନ୍ଧନ ଲିକ ହେବାରୁ ଏହାକୁ ଉତ୍ତରପ୍ରଦେଶ ବାରଣାସୀର ଲାଲ୍ ବାହାଦୁର ଶାସ୍ତ୍ରୀ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଜରୁରୀ ଅବତରଣ କରାଯାଇଛି । ବିମାନରେ ଯାତ୍ରୀ ଏବଂ କ୍ରିୟୁଙ୍କୁ ମିଶାଇ ମୋଟ ୧୬୬ ଜଣ ଥିବା ବେଳେ ସମସ୍ତେ ସୁରକ୍ଷିତ ଅଛନ୍ତି ।

# ନମାଜ ପାଠ କରିବାରୁ ତିନି ମହିଳାଙ୍କ ବିରୋଧରେ ମାମଲା ରୁଜୁ



**ମୁମ୍ବାଇ:** ପୁଣେର ଐତିହାସିକ ଶାନିୱାର ୱାଡା ପରିସରରେ ନମାଜ ପଢୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତିନି ଜଣ ଅଜଣା ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଏହାକୁ ନେଇ ବିଜେପି ସାଂସଦ ମେଧା କୁଲକର୍ଣ୍ଣି ଏବଂ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରିଛନ୍ତି ।

ପୁଣେ ସିଟି ପୁଲିସର ସୂଚନା ଅନୁଯାୟୀ, ସଂରକ୍ଷିତ ସ୍ମାରକୀ ପାଇଁ ପ୍ରଯୁଜ୍ୟ କଟକଣା ଉଲ୍ଲଂଘନ କରିଥିବା ଅଭିଯୋଗରେ ପ୍ରାଚୀନ ସ୍ମାରକୀ ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ ନିୟମ, ୧୯୫୯ ର ବ୍ୟବସ୍ଥା ଅନୁଯାୟୀ ଏଫଆଇଆର ରୁଜୁ କରାଯାଇଛି । ଘଟଣାଟି ଗତ ଶନିବାର ଅପରାହ୍ନ ପ୍ରାୟ ୧.୪୫ ସମୟରେ ଘଟିଥିବା ଜଣାପଡ଼ିଛି । ଯାହା ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧିକାରୀ ପୁଣେ ସହର ପୁଲିସ ନିକଟରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଥିଲେ ।

ଭାଇରାଲ ହୋଇଥିବା ଏହି ଭିଡିଓ ପରେ ରବିବାର ବିଜେପି ସାଂସଦ ମେଧା କୁଲକର୍ଣ୍ଣି ଏବଂ ସହରଭିତ୍ତିକ ଏକ ଦକ୍ଷିଣପନ୍ଥୀ ସଂଗଠନର ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା । ଶନିବାର ୱାଡା ନମାଜ ପାଠ କରିବାର ସ୍ଥାନ ନୁହେଁ । ଆମେ ପ୍ରଶାସନକୁ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରୁଛୁ ବୋଲି ମେଧା କୁଲକର୍ଣ୍ଣି ଲୋକଙ୍କ ପ୍ରତିବାଦର ନେତୃତ୍ୱ ନେବା ସମୟରେ ସାମ୍ବାଦିକମାନଙ୍କୁ କହିଥିଲେ ।

## ଇ-ସିମ୍ ପ୍ରଚଳନ କରିବାରେ ଚୀନ୍ ପଛୁଆ

**ବେଜିଂ:** ଚୀନ୍ ଏପର୍ଯ୍ୟନ୍ତ ବଡ଼ ପରିମାଣରେ ଇ-ସିମ୍ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିନାହିଁ । ଏହି କାରଣରୁ ଆପଲ୍ ଚୀନରେ ଆଇଫୋନ୍ ଏଆର ଲଞ୍ଚକୁ ଗୋଟିଏ ମାସ ବିଳମ୍ବ କରିଥିଲା । କାରଣ ଏହା କେବଳ ଇ-ସିମ୍‌କୁ ସମର୍ଥନ କରେ । ଚୀନ୍ ଇ-ସିମ୍ ଗ୍ରହଣ ନକରିବାରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ଆପୋଲ୍ ଆଇଫୋନ୍ ଏୟାର ବିଶ୍ୱବ୍ୟାପୀ ଲଞ୍ଚ୍ ହେବାର ଗୋଟିଏ ମାସ ପରେ ଚୀନରେ ବିକ୍ରି ଆରମ୍ଭ ହୋଇଥିଲା । ଏହାର କାରଣ ଥିଲା ଆଇଫୋନ୍ ଏୟାର ଉପଲବ୍ଧକୁ-ସିମ୍(ଇ-ସିମ୍) ସମର୍ଥନ । -ସିମ୍ ସମର୍ଥନ ଅନୁମୋଦନରେ ବିଳମ୍ବ ଯୋଗୁ ଚୀନରେ ଆଇଫୋନ୍ ଏୟାରର ବିକ୍ରୟ ବିଳମ୍ବରେ ଆରମ୍ଭ ହୋଇଥିଲା । ବିଶ୍ୱରେ ନିଜର ପ୍ରଯୁକ୍ତିବିଦ୍ୟାକୁ ପରିଚିତ କରାଇଥିବା ଚୀନ ସିମ୍ ବ୍ୟବହାରରେ ଏବେ ବି ବହୁତ ପଛରେ ଅଛି ।

ଚୀନ୍ ସରକାର ଏବଂ ଟେଲିକମ୍ କମ୍ପାନିଗୁଡ଼ିକ ଏପର୍ଯ୍ୟନ୍ତ ବଡ଼ ପରିମାଣରେ ସିମ୍ ଗ୍ରହଣ କରିନାହାନ୍ତି । କେବଳ ଚୀନ୍ ନୁହେଁ, ହଂକଂରେ ମଧ୍ୟ ସିମ୍ ଗ୍ରହଣ କରାଯାଇ ନାହିଁ । ଏହାର ଅନେକ କାରଣ ଅଛି, ଯାହା ମଧ୍ୟରୁ ଗୋଟିଏ ହେଉଛି ଚୀନ୍ ସରକାରଙ୍କ ସେଠାକାର ଟେଲିକମ୍ ବଜାର ଉପରେ ନିଜର ନିୟନ୍ତ୍ରଣ ବଜାୟ ରଖିବାର ଇଚ୍ଛା ।

ଆଣ୍ଡ୍ରଏଡ୍ ଏବଂ ଆଇଫୋନ୍ ଉଭୟ ଇ-ସିମ୍ ସମର୍ଥନ କରନ୍ତି । ଲୋକମାନେ ଫୋନ୍ ବଦଳାଇବା ସମୟରେ ଘରେ ସେମାନଙ୍କର ସିମ୍ କାର୍ଡ ବଦଳାଇଥାନ୍ତି, ସେହିପରି ଇ-ସିମ୍ ମଧ୍ୟ ଗୋଟିଏ ଫୋନରେ ଅନ୍ୟ ଫୋନକୁ ସ୍ଥାନାନ୍ତର କରାଯାଇଥାଏ । ରିପୋର୍ଟ ଅନୁଯାୟୀ, ଚୀନ୍ ସରକାର ପ୍ରତ୍ୟେକ କ୍ଷେତ୍ରକୁ ନିୟନ୍ତ୍ରଣ କରନ୍ତି । ଟେଲିକମ୍ କ୍ଷେତ୍ର ମଧ୍ୟ କଠୋର ସରକାରୀ ନିୟନ୍ତ୍ରଣରେ ଅଛି । ତଥାପି, ଏହା ଚୀନରେ ଟେଲିକମ୍ କ୍ଷେତ୍ରରେ ଦ୍ରୁତ ପ୍ରଗତି ଆଣିଛି । ୫ଜୀ ମୋବାଇଲ୍ ନେଟୱାର୍କର ପ୍ରଚଳନ ଦ୍ରୁତ ଗତିରେ ହୋଇଛି, କିନ୍ତୁ ଏପର୍ଯ୍ୟନ୍ତ ଇ-ସିମ୍ ଗ୍ରହଣ କରାଯାଇ ନାହିଁ ।

# ବିରୋଧୀ ମେଣ୍ଟରେ ଆସନ ବୁଝାମଣା ବିବାଦ ତୁଟୁନି



**ପାଟନା:** ବିହାର ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୧୫ ଦିନ ବାକି ଥିବାବେଳେ ରାଜ୍ୟରେ ବିରୋଧୀ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ କେଣସି ନିଷ୍କର୍ଷ ବାହାରି ପାରିନାହିଁ । କଂଗ୍ରେସ ଏବଂ ଆରଜେଡି ଜାରି କରିଥିବା ପ୍ରାର୍ଥୀ ତାଲିକା ଅନୁଶୀଳନରୁ ଜଣାପଡ଼ିଛି ଯେ ୧୨ ଆସନରେ ମହାମେଣ୍ଟ ବନାମ ମହାମେଣ୍ଟ ଲଢ଼େଇ ହେବ । ଏଭଳି ସ୍ଥିତିରେ ବିରୋଧୀ ମହାମେଣ୍ଟରେ ଥିବା ବିବାଦ ଅଧିକ ଜଟିଳ ହୋଇଛି ଏବଂ ଅନ୍ୟ ଆସନରେ ମଧ୍ୟରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି । ଆରଜେଡି ଏବଂ କଂଗ୍ରେସ ୬ ଆସନରେ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଥିବା ବେଳେ ସିପିଆଇ ଏବଂ କଂଗ୍ରେସ ୪ ଆସନରେ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଛନ୍ତି । ସେହିପରି ମୁକେଶ ଶାହାଣୀଙ୍କ ବିକାଶଶୀଳ ଇନସାନ ପାର୍ଟି (ଭିଆଇପି) ଏବଂ ଆରଜେଡି ୨ ଆସନରେ ପରସ୍ପର ବିରୋଧରେ ଲଢ଼ିବେ ଆରଜେଡି ସୋମବାର ୧୪୩ ପ୍ରାର୍ଥୀ ବିଶିଷ୍ଟ ଏକ ତାଲିକା ଜାରି କରିବାପରେ ଚିତ୍ର ସ୍ପଷ୍ଟ ହୋଇଯାଇଛି । କଂଗ୍ରେସ ଯେଉଁ ୬ଟି ଆସନରେ ପୂର୍ବରୁ ପ୍ରାର୍ଥୀ ଘୋଷଣା କରିଥିଲା ଆରଜେଡି ମଧ୍ୟ ସେହି ଆସନରେ ପ୍ରାର୍ଥୀ ଘୋଷଣା କରିଛି । ଏହି ଆସନ ଗୁଡ଼ିକ ହେଉଛି ବୈଶାଳୀ, ସିକନ୍ଦରା, କହଲଗାଓଁ, ସୁଲତାନଗଞ୍ଜ, ନରକଟିଆଗଞ୍ଜ ଏବଂ ୱସଲିଗଞ୍ଜ ।

ଇତିମଧ୍ୟରେ ବଛୱାଡ଼ା, ରାଜପକର, ବିହାର ସରିଫ୍ ଏବଂ କର୍ଗହରରେ ବାମ ଦଳ ଏବଂ କଂଗ୍ରେସ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଛନ୍ତି । ବିରୋଧୀ ମହାମେଣ୍ଟରେ ଏବେ ଯେଉଁ ବୁଝାମଣା ଅନିଶ୍ଚିତତା ଜାରି ରହିଛି ତାହା ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୩ ତାରିଖରେ ତାହାର ଚିତ୍ର ସ୍ପଷ୍ଟ ହେବ । ତେବେ ରାଜନେତିକ ସମୀକ୍ଷକମାନେ କହୁଛନ୍ତି ଯେ ମେଣ୍ଟ ମଧ୍ୟରେ ଏହି ଅନ୍ତଃକନ୍ଦଳ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟକୁ ଫାଇଦା ଦେବ । ମହାମେଣ୍ଟର ଏଭଳି ସ୍ଥିତି ସଂକ୍ରାନ୍ତରେ ଟିପ୍ପଣୀ ଦେଇ ଏଲଜେପି (ଲୋକ ଜନଶକ୍ତି ପାର୍ଟି) ମୁଖ୍ୟ ଚିରାଗ ପାଶ୍ୱାନ କହିଛନ୍ତ, କେବେ ବି ଏମିତି ନିର୍ବାଚନ ଦେଖିନାହିଁ ଯେଉଁଠି ଏଭଳି ଏକ ବଡ଼ ମେଣ୍ଟ ଏଭଳି ଭାଙ୍ଗିବା ସ୍ଥିତିକୁ ଆସିଥିବ । ପସନ୍ଦର ଆସନକୁ ନେଇ ବିବାଦ ହୋଇଥାଏ କିନ୍ତୁ ସଂଖ୍ୟାକୁ ନେଇ ଏମିତି ବିବାଦ କେବେ ଦେଖିବାକୁ ମିଳିନାହିଁ ।

## ଆମେରିକାର ଟାରିଫ୍ ୧୬%କୁ ହୋଇପାରେ ହ୍ରାସ

**ନୂଆଦିଲ୍ଲୀ:** ଭାରତରୁ ଆମେରିକା ଯାଉଥଲବା ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ୫୦% ଶୁଳ୍କ ଲଗାଇଛନ୍ତି । ତେବେ ଏହି ଶୁଳ୍କ ୧୫ରୁ ୧୬%କୁ ହ୍ରାସ ହୋଇପାରେ ବୋଲି ସୂଚନା ମିଳିଛି ଉଭୟ ଦେଶର ଉଚ୍ଚ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି । ମିଳିଥିବା ସୂଚନା ଅନୁଯାୟୀ ଋଷରୁ ଭାରତ ଆମଦାନୀ କରୁଥିବା ଅଶୋଧଲତ ତୈଳକୁ ଧୀରେଧୀରେ ହ୍ରାସ କରିପାରେ । ସୂଚନାଯୋଗ୍ୟ ଋଷରେ ଭାରତ ତେଲ କିଣୁଥିବାରୁ ଆମେରିକା ଖପ୍ପା ହୋଇଥିଲା ଏଥିଲାଗି ୫୦% ଟାରିଫ୍ ଲାଗୁ କରିଥିଲା ତେବେ ଆଲୋଚନାରୁ ଜଣାପଡ଼ିଛି ଯେ ଋଷରୁ ଆମଦାନୀ ହେଉଥିବା ଅଶୋଧିତ ତୈଳକୁ ଭାରତ ଧୀରେଧୀରେ ହ୍ରାସ କରିବ ଅଫିସରସ୍ତରୀୟ ଏହି ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ମାସରେ ହେବାକୁ ଥିବା ଏସିଆନ୍ ସମିଟ୍ ପୂର୍ବରୁ ନିଷ୍ପତ୍ତି ହୋଇପାରେ ଭାରତର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ସେମାନଙ୍କ କହିବା ଅନୁଯାୟୀ ଶକ୍ତି ଓ କୃଷି କ୍ଷେତ୍ରରେ ଭାରତ ଫୋକସ କରୁଛି ଆଲୋଚନାରେ ଉଭୟ କ୍ଷେତ୍ରକୁ ଶକ୍ତିଶାଳୀ କରିବା ଲାଗି ପଦକ୍ଷେପ ନିଆଯାଉଛି । ଭାରତ ମଧ୍ୟ ଆମେରିକାର କିଛି କୃଷି ଜାତୀୟ ସାମଗ୍ରୀକୁ ଆମଦାନୀ କରିବାର ସମ୍ଭାବନା ରହିଛି । ଉଭୟ ପକ୍ଷ ବାଣିଜ୍ୟିକ କାରବାର ଉପରେ ସମତୁଲ ବଜାୟ ରଖଳବେ ଉଭୟ ଦେଶ ସମାନ ଟାରିଫ୍ ଲାଗୁ କରିବେ ଭାରତ ଉପରେ ଲାଗିଥିବା ୫୦% ଟାରିଫ୍ ୧୫ରୁ ୧୬%କୁ ହ୍ରାସ ହୋଇପାରେ । ବିଶେଷକରି ବୟନ, ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଔଷଧ ଉପରେ ଏହି ଶୁଳ୍କ ଲାଗିପାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସପ୍ତାହେ ପୂର୍ବରୁ ଟେଲିଫୋନ ମାଧ୍ୟମରେ ଆଲୋଚନା ହୋଇଛି । ଗଣମାଧ୍ୟମକୁ ଟ୍ରମ୍ପ କହିଥଲଲେ ଯେ ବିଶେଷକରି ବାଣିଜ୍ୟିକ ଓ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା କରାଯାଇଥିଲା । ଶକ୍ତି କ୍ଷେତ୍ର ମଧ୍ୟ ଆଲୋଚନାର ଅଂଶ ବିଶେଷ ହୋଇଥିଲା ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଋଷରେ ଆମଦାନୀ ହେଉଥିବା ତୈଳକୁ ସୀମିତ ରଖଳବେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏହି ଆଲୋଚନା ନେଇ ସୋସିଆଲ୍ ମିଡିଆ ଏକ୍ସରେ ଦେଇଥିଲେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଯେ ଦୀପାବଳି ଅଭିନନ୍ଦନ ଲାଗି ଫୋନ୍ କରିଥିବାରୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ।

## ୬ ମିନିଟରେ ୭,୭୦୦ ଟଙ୍କା କମିଲା ସୁନା ଦର

**ନୂଆଦିଲ୍ଲୀ:** ବୁଧବାର ଅପରାହ୍ନ ୫ଟାରେ ଦେଶର ଫ୍ୟୁଚର୍ସ ବଜାର, ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ଦର ମାତ୍ର ୬ ମିନିଟରେ ୧୦ ଗ୍ରାମ୍ ପିଛା ପ୍ରାୟ ୬% ଅର୍ଥାତ୍ ୭,୭୦୦ ଟଙ୍କା ହ୍ରାସ ପାଇଛି । ବିଶେଷଜ୍ଞମାନଙ୍କ ଅନୁସାରେ ସୁନା ଦର ଆହୁରି ହ୍ରାସ ପାଇପାରେ । ଆଗାମୀ ଦିନରେ ଫ୍ୟୁଚର୍ସ ବଜାରରେ ସୁନା ଦର ୧.୧୫ ଲକ୍ଷ ଟଙ୍କାରୁ ୧.୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇପାରେ । ବିଶେଷ କଥା ହେଉଛି ସୁନା ଦର ଏହାର ରେକର୍ଡସ୍ତରରୁ ପ୍ରାୟ ୧୨ ହଜାର ଟଙ୍କା ହ୍ରାସ ପାଇଛି ।



ଅନ୍ୟପକ୍ଷରେ, ରୁପା ଦର ମଧ୍ୟ ହ୍ରାସ ପାଉଛି । ଭାରତୀୟ ଫ୍ୟୁଚର୍ସ ବଜାରରେ ରୁପା ଦର ୪% ହ୍ରାସ ପାଇଛି । ଫଳରେ ଦର କିଲୋଗ୍ରାମ୍ ପିଛା ୧.୪୪ ଲକ୍ଷ ତଳକୁ ଆସିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୁପା ଦର ୨୬,୫୦୦ରୁ ଅଧିକ ହ୍ରାସ ପାଇଛି ।


# ଦେଶର ସୀମା ସୁରକ୍ଷାରେ ମଜବୁତ କରୁଛି ଓଡ଼ିଶା ଷ୍ଟାର୍ଟଅପ ଆଇଜି ଡ୍ରୋନ୍ସ




**ନୂଆଦିଲ୍ଲୀ:** ଓଡ଼ିଶାର ଷ୍ଟାର୍ଟଅପ୍ ଆଇଜି ଡ୍ରୋନ୍ସ ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁରରେ ଏକ ରଣନୀତିକ ସହଯୋଗୀ ଭାବେ ଉଭା ହୋଇଥିଲା ।ଏହି ଟେକ୍ନୋଲୋଜି ନିୟନ୍ତ୍ରଣ ରେଖା ଏବଂ ବାହାରେ ଶତ୍ରୁମାନଙ୍କ ବିରୁଦ୍ଧରେ ଭାରତର ସୀମା ସୁରକ୍ଷା ଅଭିଯାନକୁ ସମର୍ଥନ କରୁଛ । କମ୍ପାନୀର ଉଚ୍ଚ-କ୍ଷମତା ସମ୍ପନ୍ନ ମାନବବିହୀନ ଡ୍ରୋନ ଭାରତୀୟ ସେନା ଦ୍ୱାରା କୌଶଳଗତ ନିରୀକ୍ଷଣ, ଭୂଖଣ୍ଡ ମାନଚିତ୍ର ଏବଂ ସଠିକ୍ ଆକ୍ରମଣ ସମର୍ଥନ ଭୂମିକାରେ ନିୟୋଜିତ ହୋଇଛି ।

୨୦୧୮ରେ ପ୍ରତିଷ୍ଠିତ ଆଇଜି ଡ୍ରୋନ୍ସ ଉଚ୍ଚ-ଉଚ୍ଚତା, ଦୁର୍ଗମ ଭୂଖଣ୍ଡ ଏବଂ ଆହ୍ୱାନପୂର୍ଣ୍ଣ ବାୟୁସୀମା କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଥିବା ଅତ୍ୟାଧୁନିକ ଫାର୍ଷ୍ଟ-ପର୍ସନ୍-ଭ୍ୟୁ (ଏଫପିଭି) ଡ୍ରୋନ୍ସର ଏକ ପୋର୍ଟଫୋଲିଓ ତିଆରି କରିଛି, ଯାହା ସମ୍ପୂର୍ଣ୍ଣ ରୂପେ ଚାଇନା ଉତ୍ପାଦ ମୁକ୍ତ ଅଟେ । ଅପରେସନ୍ ସିନ୍ଦୁର ସମୟରେ ଏହା ପାକିସ୍ତାନ ଅଧିକୃତ କାଶ୍ମୀର ଏବଂ ସଂଲଗ୍ନ ସୀମା ଅଞ୍ଚଳମାନଙ୍କରେ ଏକାଧିକ ଆତଙ୍କବାଦୀ ଭିତ୍ତିଭୂମି ସ୍ଥାନକୁ ଟାର୍ଗେଟ କରିଥିଲା । ଆଇଜି ଡ୍ରୋନ୍ସର ପ୍ଲାଟଫର୍ମଗୁଡ଼ିକ ବାସ୍ତବ ସମୟ ଗୁଇନ୍ଦା ତଥ୍ୟ ସଂଗ୍ରହ, ଦୁର୍ଗମ ଭୂଖଣ୍ଡରେ ଏରିଅଲ ନିରୀକ୍ଷଣ ଏବଂ ଦ୍ରୁତ ଆକ୍ରମଣ ସହଯୋଗ ପାଇଁ ବ୍ୟବହୃତ ହୋଇଥିଲା । ଆଇଜି ଡ୍ରୋନ୍ସ ଭାରତୀୟ ସେନା ସହିତ ଉନ୍ନତ ଏଫପିଭି ଡ୍ରୋନ୍ ସିଷ୍ଟମ୍ ଯୋଗାଣ ପାଇଁ ଏକ ବଡ଼ ଚୁକ୍ତି ହାସଲ କରିଛି, ଯାହା ଭାରତର ମେକ ଇନ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ପ୍ରତିରକ୍ଷା ପ୍ରଯୁକ୍ତି ଉନ୍ନୟନରେ ଏକ ମାଇଲଷ୍ଟୋନ୍ ଚିହ୍ନିତ କରୁଛି । ଅପରେସନ୍ ସିନ୍ଦୂର ସମୟରେ ନିୟୋଜିତ ହେବା ଏହା ଦର୍ଶାଉଛି ଯେ ଭାରତ ଏବେ ପାରମ୍ପରିକ ସୀମା ବାହାରେ ଘରୋଇ ଭାବରେ ବିକଶିତ ମାନବହୀନ ପ୍ରଣାଳୀ ଉପରେ ନିର୍ଭର କରୁଛି, ଯାହା ବିଦେଶୀ ଡ୍ରୋନ୍ ଉପରେ ନିର୍ଭରଶୀଳତା ହ୍ରାସ କରୁଛି ।ଆଇଜି ଡ୍ରୋନ୍ସ ଭଳି ସ୍ୱଦେଶୀ ଡ୍ରୋନ୍ ଶିଳ୍ପ ଏବେ ସୀମା ସୁରକ୍ଷା କାର୍ଯ୍ୟରେ ସିଧାସଳଖ ଭୂମିକା ଗ୍ରହଣ କରୁଛି କେବଳ ନିରୀକ୍ଷଣ କିମ୍ବା ଭିତ୍ତିଭୂମି ଯାଞ୍ଚରେ ନୁହେଁ, ବରଂ ସକ୍ରିୟ କାର୍ଯ୍ୟକ୍ଷମ ପ୍ରସଙ୍ଗରେ ମଧ୍ୟ ଯାହାର ବାସ୍ତବ କୌଶଳଗତ ପ୍ରଭାବ ରହିଛି । ଆଇଜି ଡ୍ରୋନ୍ସ ଭଳି ଘରୋଇ ଉଦ୍ଭାବକ ଦ୍ୱାରା ବିକଶିତ ଉନ୍ନତ ଡ୍ରୋନ୍ ସିଷ୍ଟମର ନିୟୋଜନ ଭାରତର ସୀମା-ସୁରକ୍ଷା ସ୍ଥାପତ୍ୟର ପ୍ରକୃତିରେ ଏକ ପରିବର୍ତ୍ତନର ସଙ୍କେତ ଦେଉଛି । କେବଳ ପାରମ୍ପରିକ ମାନବଯୁକ୍ତ ପାଟ୍ରୋଲ୍, ସ୍ଥିର-ଉଇଂ ବିମାନ ଏବଂ ଆମଦାନୀ ହୋଇଥିବା ମାନବହୀନ ସିଷ୍ଟମ ଉପରେ ନିର୍ଭର କରିବା ପରିବର୍ତ୍ତେ ଭାରତୀୟ ସେନା ଏବେ ଆହ୍ୱାନପୂର୍ଣ୍ଣ ଭୂଭାଗ, ଉଚ୍ଚ ଉଚ୍ଚତା ଏବଂ ୨୪ଘଣ୍ଟିଆ କାର୍ଯ୍ୟ ପାଇଁ ପ୍ରସ୍ତୁତ ଦ୍ରୁତ, ମଡ୍ୟୁଲାର୍ ଡ୍ରୋନ୍ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି ।

## ସପ୍ତାହକ ଭିତରେ ଆଖି ବୁଜିଲେଣି ୩ ସେଲିବ୍ରିଟି



**ନୂଆଦିଲ୍ଲୀ:** ବଲିଉଡରୁ ଗୋଟିଏ ପରେ ଗୋଟିଏ ଦୁଃଖଦ ଖବର ଆସିବାରେ ଲାଗିଛି । ଗତ ସପ୍ତାହକ ଭିତରେ ବଲିଉଡ ଇଣ୍ଡଷ୍ଟ୍ରିର ୩ ଜଣ ଜଣାଶୁଣା ସେଲିବ୍ରିଟି ଆଖି ବୁଜିଲେଣି । ଯାହାକୁ ନେଇ ଏବେ ସୁନେଲୀ ଦୁନିଆରେ ଖେଳିଯାଇଛି ଶୋକର ଛାୟା । ହୃଦଘାତ ନେଇଯାଇଛି ବଲିଉଡ ଗାୟକ ରଷଭ ଟଣ୍ଡନଙ୍କ ଜୀବନ । ରଷଭ ତାଙ୍କ ପରିବାରକୁ ଭେଟିବା ପାଇଁ ଦିଲ୍ଲୀସ୍ଥିତ ଘରକୁ ଯାଉଥିବା ବେଳେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି । ରଷଭ ୟେ ଆଶିକି, ଇଶ୍କ ଫକିରାନା ଏବଂ ଚାନ୍ଦ୍ ତୁ ଭଳି ଲୋକପ୍ରିୟ ଗୀତ ଗାଇ ଚର୍ଚ୍ଚାକୁ ଆସିଥିଲେ । ରଷଭ ଟଣ୍ଡନଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ, ସେ ଋଷର ଓଲେସିଆ ନେଡୋବେଗୋବାଙ୍କୁ ବିବାହ କରିଥିଲେ । ରଷଭଙ୍କ ଶେଷ ପୋଷ୍ଟ ତାଙ୍କ ପତ୍ନୀଙ୍କ ସହ ଥିଲା । କରୱା ଚୌଥ ପାଳନ ସମୟର ଫଟୋ ସେୟାର କରିଥିଲେ ରଷଭ । ହଠାତ୍ ତାଙ୍କ ଦେହାନ୍ତ ହେବା ଖବର ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଖାଲି ରଷଭ ନୁହେଁ ଗତ ୧୫ ତାରିଖରେ ଲୋକପ୍ରିୟ ଅଭିନେତା ତଥା ମହାଭାରତ ଧାରାବାହିକର 'କର୍ଣ୍ଣ' ପଙ୍କଜ ଧୀରଙ୍କ ଦେହାନ୍ତ ହୋଇଥିଲା । କିଛି ବର୍ଷ ଧରି କର୍କଟ ରୋଗରେ ଜୀବନ-ମୃତ୍ୟୁ ସହ ଯୁଦ୍ଧ କରିଚାଲିଥିଲେ ପଙ୍କଜ ଧୀର୍ । ଟିଭି ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନୟ କରି ନିଜର ଯାଦୁ ଦେଖାଇଥିଲେ ସେ । ପଙ୍କଜଙ୍କ ଦେହାନ୍ତର ଦୁଃଖ ଭିତରୁ ଫ୍ୟାନ୍ସମାନେ ବାହାରିନଥିବା ବେଳେ ଦୀପାବଳିର ଆଲୋକ ଭିତରେ ବଲିଉଡରୁ ଆସିଥିଲା ଆଉ ଏକ ଦୁଃଖଦ ଖବର । ବଲିଉଡର ଜଣାଶୁଣା କମେଡି କିଙ୍ଗ୍ ଗୋବର୍ଦ୍ଧନ ଅସରାନିଙ୍କ ଦେହାନ୍ତ ପୂରା ସିନେ ଦୁନିଆକୁ ସ୍ତବ୍ଧ କରିଦେଲା । ବଲିଉଡରୁ ଜଣକ ପରେ ଜଣେ ଦିଗଜ କଳାକାରଙ୍କ ଦେହାନ୍ତ ଖବର ଖାଲି ସୁନେଲୀ ପରଦା ନୁହେଁ ବରଂ ସମସ୍ତ ଫ୍ୟାନ୍ସଙ୍କ ହୃଦୟକୁ ଆଘାତ ଦେଇଛି । କିଏ ହୃଦଘାତରେ ତ କିଏ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଉଛନ୍ତି । ସୋସିଆଲ ମିଡିଆରେ ସିନେପ୍ରେମୀ ଦୁଃଖ ପ୍ରକାଶ କରିବା ସହ କହୁଛନ୍ତି ଏବେ ବଲିଉଡକୁ ବୋଧେ କାହା ନଜର ଲାଗିଯାଇଛି ।

ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଊନତ୍ରିଂଶତମ ବିଶେଷାଙ୍କ

# ସର୍ଫରାଜଙ୍କୁ ନେଇ ରାଜନୀତି



ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି): କଂଗ୍ରେସ ମୁଖପାତ୍ର ଶାମା ମହମ୍ମଦ ରାଜନୀତିର ଚର୍ଚ୍ଚିତ ଚେହେରା। ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀରଙ୍କ ବିରୋଧରେ ସେ ଅଭିଯୋଗ କରିଛନ୍ତି। ଭାରତରେ ଦଳକୁ ସର୍ଫରାଜ ଖାନଙ୍କୁ ବାଦ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅଲଇଣ୍ଡିଆ ମଜଲିସ୍ ଏଇତେହାଦୁଲ ମୁସଲିମିନ ମୁଖ୍ୟ ଅସଦୁଦିନ ଓୱେସି ସର୍ଫରାଜ ବାଦ ପଡ଼ିବା ନେଇ ନିରାଶ ପ୍ରକାଶ କରିଛନ୍ତି। ସର୍ଫରାଜ ଖାନଙ୍କୁ ଭାରତ ଏ ପାଇଁ କାହିଁକି ଚୟନ କରାଯାଇ ନାହିଁ ବୋଲି ଓଏସି ପ୍ରଶ୍ନ କରିଛନ୍ତି। କଂଗ୍ରେସ ପାର୍ଟିର ଜାତୀୟ ମୁଖପାତ୍ର ସାମା ମହମ୍ମଦ ଏବେ ଏହାକୁ ଧର୍ମିକ ଦୃଷ୍ଟିକୋଣ ସହିତ ଯୋଡିଛନ୍ତି। ସର୍ଫରାଜ ବାଦ ପଡିବ ଲାଗି ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ଟାର୍ଗେଟ କରିଛନ୍ତି। ସେ ତାଙ୍କ ଟ୍ୱିଟରରେ ଲେଖିଛନ୍ତି ସର୍ଫରାଜଙ୍କୁ ତାଙ୍କ ଫ୍ୟାନ୍ ସରନେମ ପାଇଁ ଦଳରେ ସୁଯୋଗ ମିଳିନାହିଁ କି? ମୁଁ କେବଳ ପଚାରୁଛି ବୋଲି ସେ କହିଛନ୍ତି। ଜଣେ ପୂର୍ବତନ ଜାତୀୟ ଚୟନ କହିଛନ୍ତି ସର୍ଫରାଜଙ୍କୁ ମୁମ୍ବାଇ ଦଳ ପରିଚାଳନା ଓ ସେମାନଙ୍କ ସବୁଠାରୁ ବରିଷ୍ଠ ଖେଳାଳି ଆଜିଙ୍କ୍ୟ ରାହାଣେଙ୍କ ସହ କଥା ହେବା ଉଚିତ୍। ଯଦି ସମ୍ଭବ ହୁଏ ତେବେ ନମ୍ବର ୩ ବ୍ୟାଟିଂ କରିବାକୁ ଚେଷ୍ଟା କରିବା ଉଚିତ। ଯେଉଁଠାରେ ତାଙ୍କୁ ନୂଆ ବଲର ସମ୍ମୁଖୀନ ହେବାକୁପଡିବ। ଯଦି ସେ ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ ଜାରି ରଖନ୍ତି ତେବେ ଏହା ତାଙ୍କ ଲାଭଦାୟକ ହେବ ନାହିଁ। ପନ୍ତ, ୱାଶିଂଟନ ସୁନ୍ଦର, ରବିନ୍ଦ୍ର ଜାଡେଜା ଓ ନୀତିଶ ରେଡ୍ଡୀଙ୍କ ଭଳି ଅଲରାଉଣ୍ଡଙ୍କ ସ୍ଥାନ ନେଇପାରିବେ ନାହିଁ ସର୍ଫରାଜ। ପ୍ରକୃତରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସ୍ପିନ ଅନୁକୁଳ ପିଚରେ ସର୍ଫରାଜ ଲଗାତାର ୪ଥର ବିଫଳ ହୋଇଥିବାରୁ ତାର ପ୍ରଭାବ ଦେଖିବାକୁ ମିଳୁଛି।

# ୧୭ ବର୍ଷ ହେବ ଆଡିଲେଡରେ ଭାରତ ହାରିନି

ଆଡିଲେଡ,୨୨।୧୦(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଗୁରୁବାର ଆଡିଲେଡରେ ଖେଳାଯିବ। ୩ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଭାରତ ୧-୦ରେ ପଛୁଆ ରହିଛି। ତେଣୁ ଦ୍ୱିତୀୟ ମ୍ୟାଚ ଭାରତ ପାଇଁ ଅତ୍ୟନ୍ତ ଜରୁରୀ। ଆଡିଲେଡର ରେକର୍ଡ ଉପରେ ନଜର ପକାଇଲେ ଏଠାରେ ଭାରତ ବିଗତ ୧୭ ବର୍ଷ ହେବ ଆଦୌ ମ୍ୟାଚ ହାରି ନାହିଁ। ଏତତ୍ ବ୍ୟତୀତ ଆଡିଲେଡରେ ବିରାଟ କୋହଲିଙ୍କ ପ୍ରଦର୍ଶନ ଭଲ ରହିଛି। ରୋହିତ ଶର୍ମା ଓ କୋହଲିଙ୍କ ପ୍ରଦର୍ଶନ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିବ ଭାରତ। ଏଠାରେ ଟିମ୍ ଇଣ୍ଡିଆ ମୋଟ୍ ୧୫ଟି ମ୍ୟାଚ ଖେଳିଛି। ଭାରତ ୯ଟି ବିଜୟ ଓ ୫ଟି ହାରିଛି। ଗୋଟିଏ ମ୍ୟାଚର ଫଳାଫଳ ବାହାରି ପାରିନାହିଁ। ଭାରତ ଏଠାରେ ପୂର୍ବ ଦୁଇଟି ମ୍ୟାଚରେ ବିଜୟ ହାସଲ କରିଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟର ଏପର୍ଯ୍ୟନ୍ତ ୧୫୩ଟି ଦିନିକିଆ ମ୍ୟାଚ ଖେଳାଯାଇଛି। ଟିମ୍ ଇଣ୍ଡିଆ ୫୮ଟି ଓ ଅଷ୍ଟ୍ରେଲିଆ ୮୫ଟି ମ୍ୟାଚ ଜିତିଛି। ୧୦ଟି ମ୍ୟାଚର ଫଳାଫଳ ବାହାରି ପାରିନାହିଁ। ଅଷ୍ଟ୍ରେଲିଆ ମାଟିରେ ଭାରତ ୫୫ଟି ମ୍ୟାଚ ଖେଳିଛି। ୧୪ଟି ଜିତିଥିବା ବେଳେ ୩୯ଟି ହାରିଛି। କୋହଲି ଅଷ୍ଟ୍ରେଲିଆ ବିପକ୍ଷରେ ୫୧ଟି ମ୍ୟାଚ ଖେଳିଛି। ସେ ୫୩.୨୮ ହାରରେ ୨,୪୫୧ ରନ୍ ସଂଗ୍ରହ କରିଛନ୍ତି। କୋହଲି ଏଠାରେ ୪ଟି ମ୍ୟାଚରେ ୨୪୪ ରନ ସଂଗ୍ରହ କରିଛନ୍ତି। ଦୁଇଟି ଶତକ ରହିଛି। ରବିନ୍ଦ୍ର ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷରେ ମୋଟ୍ ୪୫ଟି ମ୍ୟାଚ ଖେଳି ୩୯ ୱିକେଟ୍ ନେଇଛନ୍ତି। ଅଷ୍ଟ୍ରେଲିଆର ମିଚେଲ ମାର୍ସ ଭାରତ ବିପକ୍ଷରେ ସର୍ବାଧିକ ୯୪୩ ରନ କରିଥିବା ବେଳେ ମିଚେଲ ଷ୍ଟାର୍କ ୩୧ଟି ୱିକେଟ୍ ନେଇଛନ୍ତି।



# ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ରାଜକନିକା,୨୨।୧୦(ସବ୍ୟୁ): ରାଜକନିକା ବ୍ଲକ ତରାସ ସ୍ଥିତ ନେତାଜୀ ମିନି ଷ୍ଟାଡିୟମରେ ବୁଧବାର ମହା ଆଡମ୍ବରରେ ୩୪ତମ ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଭାଗ ନେଇଥିବା ୧୦ ଗୋଟି ଦଳ ମଧ୍ୟରେ ବହୁ ଚିତ୍ତାକର୍ଷକ ପ୍ରଦର୍ଶନରେ ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ଓ ତରାସ ପଞ୍ଚାୟତ ସରପଞ୍ଚ ମିନତି ନାୟକ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ପତକା ଉତ୍ତୋଳନ କରି ଖେଳ ଟିକୁ ଶୁଭାରମ୍ଭ କରିଛନ୍ତି। ପରେ ଖେଳାଳି ମାନଙ୍କ ସହିତ ପରିଚୟ ହୋଇ ଗ୍ରାମାଞ୍ଚଳ ଫୁଟବଲ ଖେଳର ବିକାଶ ଦିଗରେ ନେତାଜୀ କ୍ଲବର ଭୂମିକା ଅନନ୍ୟ ବୋଲି ମତ ପ୍ରକାଶ କରିଥିଲେଛ ଉକ୍ତ ଖେଳର ପ୍ରଥମ ଦିନରେ ଶତାଧିକ ଅଞ୍ଚଳବାସୀ, କ୍ରୀଡ଼ାପ୍ରେମୀ ଓ ବିଭିନ୍ନ କ୍ଲବ୍ର ଖେଳାଳିମାନେ ଉତ୍ସାହଭରା ଯୋଗଦାନ କରିଥିଲେଛ ନେତାଜୀ କ୍ଲବ୍ ତରାସ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଯୁବମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟ ରହିଛି ବୋଲି କ୍ଲବର ସଭାପତି ବନଜ କୁମାର ବାରିକ ମତ ଦେଇଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନର ପ୍ରଥମ ମ୍ୟାଚରେ ସତ୍ୟ ନାରାୟଣ କ୍ଲବ୍ ବାଘବୁଦା ୧-୦ ଗୋଲରେ ଯୁବ ଜ୍ୟୋତି କ୍ଲବ୍ ଚେରଣ୍ଟପଡ଼ାକୁ ବିଜୟ ହାସଲ କରିଥିବା ବେଳେ ବି. ହେମ୍ବ୍ରମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଆୟୋଜକ ନେତାଜୀ କ୍ଲବ୍ ତରାସ ଓ ଭଦ୍ରକର ରାମେଶ୍ୱର କ୍ଲବ୍ କୁ ପେନାଲଟି ସ୍କୋର ମାଧ୍ୟମରେ ବିଜୟ ଲାଭ କରିଥିବା ବେଳେ ମଣ୍ଟି ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ତୃତୀୟ ମ୍ୟାଚରେ ଚାନ୍ଦବାଲି ବ୍ଲକର କିଶାନ କ୍ଲବ୍ ଓ ସୁରଜ୍ କ୍ଲବ୍ କେନ୍ଦ୍ରାପଡ଼ା ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ୩-୦ ଗୋଲରେ କିଶାନ କ୍ଲବ୍ ବିଜୟୀ ହୋଇଥିବା ବେଳେ କ୍ରିଶ ଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରାଯାଇଥିଲା। ଚତୁର୍ଥ ମ୍ୟାଚ ଯାଜପୁର ମା ମଙ୍ଗଳା କ୍ଲବ୍ ଓ ଡିଫା ଯାଜପୁର ସହିତ ଖେଳା ଯାଇଥିବା ବେଳେ ମା ମଙ୍ଗଳା କ୍ଲବ୍ ୩-୦ ଗୋଲରେ ବିଜୟ ଲାଭ କରିଥିଲା। ପରବର୍ତ୍ତୀ କ୍ୱାଟର ଫାଇନାଲ ମ୍ୟାଚରେ ସତ୍ୟନାରାୟଣ କ୍ଲବକୁ ୨-୦ ଗୋଲରେ ହରାଇ ଏନ.ଏ.ସି ଚାନ୍ଦବାଲି ବିଜୟ ଲାଭ କରି ସେମିଫାଇନାଲ ମ୍ୟାଚ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଭାବେ ଦ୍ୱିତୀୟ କ୍ୱାଟର ଫାଇନାଲରେ ଆୟୋଜକ ନେତାଜୀ କ୍ଲବ୍ ତରାସ ପେନାଲଟି ସ୍କୋର ମାଧ୍ୟମରେ ପାରାଦୀପ ବନ୍ଦର ଦଳକୁ ହରାଇ ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।




# ହୀରୋଇନଙ୍କ ପ୍ରେମରେ ସରପଞ୍ଚ ବାବୁ




ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି): ଭାରତର ହାଡ ହିଟର ଶ୍ରେୟାସ ଆୟରଙ୍କୁ ଲୋକେ ଶ୍ରଦ୍ଧାରେ ସରପଞ୍ଚ ବାବୁ ଡାକନ୍ତି। ଏତିକି କହିଦେଲେ ଲୋକେ ଶ୍ରେୟାସ ଆୟରଙ୍କୁ ଲୋକେ ବୁଝିବେ। ପଡ଼ିଆରେ ଶ୍ରେୟାସ ଚୁପଚାପ। ବହୁତ କମ ସମୟ ତାଙ୍କୁ ଏକିଟିରେ ହସୁଥିବାରେ ଦେଖିଥିବାରୁ ମିଳେ। ଏବେ ଶ୍ରେୟାସଙ୍କ ଏକ ଭିଡ଼ିଓ ଖୁବ୍ ଜୋରରେ ଭାଇରାଲ ହେଉଛି। ଜଣେ ଲଳାନାଙ୍କ ସହ ସରପଞ୍ଚ ବାବୁଙ୍କୁ ଅଙ୍ଗଭଙ୍ଗୀ ତାଙ୍କୁ ଚର୍ଚ୍ଚିତ କରିଛି। ନିକଟରେ ଦୀପାବଳୀ ସେଲିବ୍ରେସନ ବେଳେ ଶ୍ରେୟାସ ଆୟରଙ୍କ ଭିଡ଼ିଓ ସାମ୍ନାକୁ ଆସିଥିଲା। ସୋସିଆଲ ମିଡ଼ିଆରେ ଜଣେ ଅଭିନେତ୍ରୀଙ୍କ ସହ ଜଣେ ଅଭିନେତ୍ରୀଙ୍କ ସହ ନାଚୁଥିବା ନଜର ଆସିଛନ୍ତି। ସେ ଅଭିନେତ୍ରୀ ଜଣକ ହେଉଛନ୍ତି ଆଦା ଶର୍ମା। ତାଙ୍କ ବାହୁରେ ଛନ୍ଦି ହେଇ ଶ୍ରେୟାସ ବେଶ ରୋମାଣ୍ଟିକ ଅନ୍ଦାଜରେ ନାଚୁଥିବା ଦେଖିବାକୁ ମିଳୁଛି। ଆଦା ଓ ଶ୍ରେୟାସ ଗୋଟିଏ ମ୍ୟୁଜିକ ଭିଡ଼ିଓ ସୁଟରେ ଏକାଟି ହୋଇଥିଲେ। ମ୍ୟୁଜିକ ଭିଡ଼ିଓର ଟାଇଟଲ ବୁଲେଟ୍ ଆସିକାନା। ପ୍ରଥମଥର ଶ୍ରେୟାସ ଆୟରଙ୍କୁ ଜଣେ ଅଭିନେତ୍ରୀଙ୍କ ସହ ନାଚୁଥିବାର ଦେଖିବାକୁ ମିଳୁଛି। ଭିତରେ ଶ୍ରେୟାସ ନିଜ ଡ୍ୟାନ୍ସ ଷ୍ଟେପରେ ବଡ଼ ବଡ଼ ଅଭିନେତାଙ୍କୁ ଟକ୍କର ଦେବେ। ଭିଡ଼ିଓ ଭାଇରାଲ ହେବାପରେ ଅନେକ ଲୋକ ପ୍ରତିକ୍ରିୟା ଦେଇଛନ୍ତି। ଖାସ୍ କରି ଆୟରଙ୍କ ପାଇଁ କହିଛନ୍ତି ଆପଣ ନିଜ ପ୍ରଫେସନ ବଦଳାଇ ଦେଲେକି। ସେହିଭଳି ଆଉ ଜଣେ ଲେଖିଛନ୍ତି ବିରାଟ କୋହଲି ସତ କହିଥିଲେ କି ଶ୍ରେୟାସ ତାଙ୍କ ପାଇଁ ଫେଭରିଟ୍। ଆଉ କିଛି କହିଛନ୍ତି କ୍ରିକେଟରଙ୍କୁ ଅଭିନୟ ଶିଖିବାକୁ ପଡିବ।

# ଆନ୍ତଃ ରାଜ୍ୟ ବ୍ୟାଡ଼ମିଣ୍ଟନ : ବିଶାଖାପଟନମ ଚାମ୍ପିଅନ

ବାଲୁଗାଁ,୨୨।୧୦(ସବ୍ୟୁ): ବାଲୁଗାଁ ଗୋପୀନାଥପୁର ଛକ ସ୍ଥିତ ମା ମଙ୍ଗଳା ବ୍ୟାଡ଼ମିଣ୍ଟନ କ୍ଲବ ଆନୁକୂଲ୍ୟରେ ରବିବାର ଆନ୍ତଃ ରାଜ୍ୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ବାଲୁଗାଁ ହାଇସ୍କୁଲ ପରିସର ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଥାନା ଆଇଆଇସି ଜୟ ପ୍ରକାଶ ପରିଡା ଉଦଘାଟନ କରିଥିଲେ । ରାଜ୍ୟ ଏବଂ ରାଜ୍ୟ ବାହାରୁ ମୋଟ ୩୨ ଗୋଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟକ ଟିମର ଖେଳ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଫାଇନାଲ ମ୍ୟାଚ ବିଶାଖାପଟନମ ଏବଂ ଓଡିଶାର ସୋନପୁର ମଧ୍ୟରେ ମୁକାବିଲା ହୋଇଥିଲା । ବିଶାଖାପଟନମ ୨-୦ ସେଟରେ ପ୍ରତିପକ୍ଷକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଏବଂ ରନର୍ସ ଅପ ଟିମକୁ ଟ୍ରଫି ସହ ନଗଦ ୧୨ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ସେହିପରି ତୃତୀୟ ଏବଂ ଚତୁର୍ଥ ସ୍ଥାନ ହାସଲ କରିଥିବା ଟିମକୁ ୪ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚ ପରିଚାଳନା କରିଥିଲେ ଜ୍ୟୋତି ପ୍ରକାଶ ଏବଂ ଆକାଶ ପରିଡା ।

# ନୀରଜ ହେଲେ ଲେଫ୍ଟନାଣ୍ଟ କର୍ଣ୍ଣେଲ୍

ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି): ଅଲିମ୍ପିକ୍ ପଦକ ବିଜେତା ତଥା ଜାଭେଲିନ୍ ଥ୍ରୋ ଖେଳାଳି ନୀରଜ ଚୋପ୍ରାଙ୍କୁ ଭାରତ ସେନାରେ ସମ୍ମାନଜନକ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଉପାଧି ପ୍ରଦାନ କରାଯାଇଛି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୨୨ ଅକ୍ଟୋବର ୨୦୨୫ରେ ସାଉଥ ବ୍ଲକରେ ଅନୁଷ୍ଠିତ ପିପିଙ୍ଗ ସମାରୋହ ଅବସରରେ ଦୁଇଥର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ପ୍ରାଦେଶିକ ସେନାରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରତୀକ ଚିହ୍ନ ଦିଆଯାଇଛି। ଇଣ୍ଡିଆନ୍ ଗେଜେଟ୍ ଅନୁସାରେ ଏପ୍ରିଲ ୧୬ ତାରିଖରୁ ଏହା ଲାଗୁ ହୋଇଥିଲା।




## ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ୍

# ତମାଣ୍ଡୋ, ଯାଆଁଳା ବିଜୟୀ

ଖୋର୍ଦ୍ଧା,୨୨।୧୦(ସବ୍ୟୁ): ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ର ପଞ୍ଚମ ଦିବସ ରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ତମାଣ୍ଡୋ ବନାମ ଗଙ୍ଗପଡା ମଧ୍ୟରେ ଅନୁଷ୍ଠିତ ହେଇଥିଲା ।ପ୍ରଥମେ ଟସ୍ ରେ ବିଜୟ ଲାଭ କରି ଗଙ୍ଗପଡା ଦଳ ବୋଲିଂ କରିବାକୁ ନିଷ୍ପତି ନେଇ ପ୍ରଥମେ ବ୍ୟାଟିଂ କରି ତମାଣ୍ଡୋ ଦଳ ଦୀପକ ହରିଚନ୍ଦନ ଙ୍କ ଶତକ ଓ ସାହିଲ୍ ଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୧୫ ଓଭର୍ ରେ ୪ ୱିକେଟ ହରାଇ ୨୧୫ ରନ୍ କରିଥିଲା ଜବାବ ରେ ଗଙ୍ଗପଡ଼ା ଦଳ ୧୪.୩ ଓଭର ରେ ସମସ୍ତ ୱିକେଟ ହରାଇ ୧୮୭ ରନ୍ କରି ୨୮ ରନ୍ ରେ ପରାଜିତ ହେଇଥିଲା ।ଦଳ ପକ୍ଷରୁ ବିଭୁ ଭୂଷଣ ସର୍ବାଧିକ ୫୬ ରନ୍ କରିଥିଲେ ।ଶତକ ଧାରି ଦୀପକ ହରିଚନ୍ଦନ ଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଭାବେ ଅତିଥି କାଜଲ ବଳିୟାରସିଂହ ଓ ସୁଧାଂଶୁ ରାଉତରାୟ ପୁରସ୍କୃତ କରିଥିଲେ । ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେ ସୁଆଙ୍ଗ ଜାଆଁଳା କୁ ଭେଟି ଥିଲା ।ଟସ୍ ରେ ବିଜୟ ଲାଭ କରି ସୁଆଙ୍ଗ ଦଳ ପ୍ରଥେମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୮ ୱିକେଟ ହରାଇ ୧୪୪ ରନ୍ କରିଥିଲା ଦଳ ପକ୍ଷରୁ ସର୍ବାଧିକ ଅମିତ୍ କୁମାର ବଡ଼ଜେନା ୩୫ ରନ୍ ସଂଗ୍ରହ କରିଥିଲେ । ଜବାବ ରେ ଜାଆଁଳା ଦଳ ୧୪.୩ ଓଭର ରେ ୬ ୱିକେଟ୍ ହରାଇ ୧୪୮ ରନ୍ କରି ମ୍ୟାଚ୍ କୁ ୪ ୱିକେଟ ରେ ଜିତିନେଇଥିଲା । ୬୭ ରନ୍ ର ଇନିଂସ ପାଇଁ ଶିବାନନ୍ଦ ଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଭାବେ ଅତିଥି ପ୍ରଶାନ୍ତ ପଟ୍ଟଯୋଶୀ ପୁରସ୍କୃତ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଅଧୁରା ଥିବା ପାନ ବରଜ ଓ ତମାଣ୍ଡୋ ଦଳ ମଧ୍ୟରେ ହୋଇଥିବା ମ୍ୟାଚ ରେ ତମଣ୍ଡୋ ବିଜୟୀ ହୋଇ ଥିଲା ଓ ସନ୍ତୋଷ ଭୋଳ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ସୂର୍ଯ୍ୟକାନ୍ତ ଗୁମାନସିଂ,ପ୍ରକାଶ ସାହୁ, ସାନଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ମ୍ୟାଚ୍ କୁ ପରିଚାଳନା କରିଥିଲେ । ୨୩/୧୦/୨୫ ତାରିଖ ଗୁରୁବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମେଣ୍ଢାଶାଳ ବନାମ ପାତ୍ର ଓ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗୁରୁଜଙ୍ଗ ବନାମ ପଲାସପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସିଦ୍ଧାର୍ଥ ଜେନା ଜଣାଇଛନ୍ତି ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି